(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୭/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 7/2022 | Page 20 | ₹ 7.00 | ★★★★

୪୮ଶ ଭାଗ ୨୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




# ଆଜି ନୀତି ଆୟୋଗ ବୈଠକରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

■ ଫୋକସ ଷ୍ଟେଟ୍ ମାନ୍ୟତା ଦାବି ଦୋହରାଇବେ

ଭୁବନେଶ୍ୱର, ୬।୮ (ବ୍ୟୁରୋ)



ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି। ସେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ଣ୍ଣିଂ କାଉନସିଲ ବୈଠକରେ ଯୋଗଦେବେ। ବୈଠକରେ ନବୀନ ଓଡ଼ିଶାକୁ ଫୋକସ ଷ୍ଟେଟ୍‌ର ମାନ୍ୟତା, କୃଷି, ସ୍ୱାସ୍ଥ୍ୟ ସହ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉଠାଇବେ ବୋଲି ଜଣାପଡ଼ିଛି।

ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ବ୍ୟବସ୍ଥା ଉଚ୍ଛେଦ ହୋଇଛି। ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ ଷ୍ଟେଟ୍ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ଦାବି କରିବେ। ଦୀର୍ଘ ୨ ଦଶନ୍ଧି ଧରି କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ଏହି ଦାବି କରିଆସୁଛି। ହେଲେ କେନ୍ଦ୍ର ପ୍ରତିଶ୍ରୁତି ଦେଇ ଅଣଦେଖା କରିଚାଲିଛି। ନୀତି ଆୟୋଗ ବୈଠକରେ ସେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ମହାକାଶ ଦୌଡ଼

# ଜଗଦୀପ ଧନକର ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,୬।୮

ଏନ୍‌ଡିଏ ପ୍ରାର୍ଥୀ ତଥା ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକର ଦେଶର ପରବର୍ତ୍ତୀ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ମାର୍ଗାରେଟ୍ ଆଲ୍‌ଭାଙ୍କୁ ପରାଜିତ କରିଛନ୍ତି। ଧନକରଙ୍କୁ ୫୨୮ ଖଣ୍ଡ ଭୋଟ ମିଳିଥିବାବେଳେ ଆଲ୍‌ଭା ୧୮୨ ଖଣ୍ଡ ଭୋଟ ପାଇଛନ୍ତି। ୧୫ଟି ଭୋଟ ନାକଚ ହୋଇଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ରାତିରେ ନବନିର୍ବାଚିତ ଉପରାଷ୍ଟ୍ରପତି ଧନକରଙ୍କୁ ଭେଟି ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ବ୍ୟତୀତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମଧ୍ୟ ଧନକରଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ବାସଭବନରେ ଭେଟିଥିଲେ।



ଜଗଦୀପ ଧନକର

| | |
|---|---|
| ପାର୍ଲାମେଣ୍ଟର ମୋଟ ସଦସ୍ୟ ସଂଖ୍ୟା | ୭୮୦ |
| ଭୋଟ ଦେଇଥିଲେ | ୭୨୫ |
| ନାକଚ ଭୋଟ | ୧୫ |
| ଜଗଦୀପ ଧନକରଙ୍କୁ ମିଳିଛି | ୫୨୮ |
| ମାର୍ଗାରେଟ୍ ଆଲ୍‌ଭାଙ୍କୁ | ୧୮୨ |

ଦେଶର ଉପରାଷ୍ଟ୍ରପତି ନିର୍ବାଚନ ଲାଗି ଶନିବାର ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପାର୍ଲାମେଣ୍ଟ ଭବନରେ ଭୋଟ ଗ୍ରହଣ କରାଯାଇଥିଲା। ପାର୍ଲାମେଣ୍ଟର ୮ ଆସନ ଖାଲି ପଡ଼ିଥିବାବେଳେ ☞ପୃଷ୍ଠା-୪









## ମିଜୋରାମରେ ଆଫ୍ରିକାନ୍ ସ୍ୱାଇନ୍ ଫ୍ଲୁ

ମିଜୋରାମରେ ଜଙ୍ଗଲୀ ଘୁଷୁରିଠାରେ ଆଫ୍ରିକାନ୍ ସ୍ୱାଇନ୍ ଫ୍ଲୁ ଚିହ୍ନଟ ହୋଇଛି। ଅଞ୍ଚଳର ୧୦ ଜିଲାର ୧୩୪ ଗ୍ରାମରେ ଏହି ରୋଗ ବ୍ୟାପିଥିବା ଜଣାପଡ଼ିଛି। ତେବେ ପଶୁଙ୍କୁ ଏହି ରୋଗ କବଳରୁ ରକ୍ଷା କରିବା ଲାଗି ସ୍ୱତନ୍ତ୍ର ଟିକା ପ୍ରସ୍ତୁତ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବାକୁ କହିଛନ୍ତି।



## ସଂକ୍ଷେପରେ

### ମ୍ୟୁଜିୟମ୍‌ରେ ଗୁଳି: ଯବାନ ନିହତ

**କୋଲକାତା,୬।୮:** କୋଲକାତା ମ୍ୟୁଜିମ୍‌କୁ ଲାଗି ରହିଥିବା ବାରାକ୍‌ରେ ଜଣେ ସିଆଇଏସ୍‌ଏଫ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ) ହେଡ୍ କନଷ୍ଟେବଳ ଶନିବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟାଇଛନ୍ତି। ଏଥିରେ ଜଣେ ଯବାନ ନିହତ ହୋଇଥିବବେଳେ ଏକାଧିକ ଆହତ ହୋଇଥିବା କୁହାଯାଉଛି। ଯବାନ ଜଣକ ପୋଲିସ କାର୍ ଉପରକୁ ଗୁଳି ଫୁଟାଇବା ଫଳରେ ଗାଡ଼ିରେ ଥିବା ପୋଲିସ ଅଧିକାରୀଙ୍କ ସମେତ ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଯବାନଙ୍କୁ ପୋଲିସ ଗିରଫ କରିଛି। ଗୁଳିକାଣ୍ଡରେ ଯବାନ ଜଣକ ପାଖାପାଖି ୧୫ ରାଉଣ୍ଡ ଗୁଳି ଫୁଟାଇଥିବା ପୋଲିସ କହିଛି। ୨୦୧୯ ଡିସେମ୍ବରରୁ ସିଆଇଏସ୍‌ଏଫ୍ କୋଲକାତା ମ୍ୟୁଜିୟମ୍‌ର ସୁରକ୍ଷା ଦାୟିତ୍ୱରେ ରହିଛି। ଏହି ସ୍ୱୟଂଚାଳିତ ମ୍ୟୁଜିୟମ୍ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧିନରେ ଆସୁଛି।

### ଆମେରିକା କୋର୍ଟ ଅଫ୍ ଅପିଲରେ ରୂପାଳୀ ବିଚାରପତି



**ୱାଶିଂଟନ୍, ୬।୮:** ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ରୂପାଲୀ ଏଚ୍ ଦେଶାଇ ଆମେରିକା କୋର୍ଟ ଅଫ୍ ଅପିଲର ନାଇନ୍‌ଥ ସର୍କିଟ ପାଇଁ ବିଚାରପତି ନିଯୁକ୍ତ ହୋଇଛନ୍ତି। ଏ ନେଇ ଆମେରିକା ସିନେଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଅଦାଲତରେ କୌଣସି ଦକ୍ଷିଣ ଏସୀୟ ଜଜ୍ ନିଯୁକ୍ତି ପାଇବାରେ ରୂପାଲୀ ପ୍ରଥମ ବ୍ୟକ୍ତି। ଗୁରୁବାର ଆମେରିକା ସିନେଟ୍‌ରେ ଏ ନେଇ ଭୋଟିଂ ହୋଇଥିବାବେଳେ ଡେମୋକ୍ରାଟିକ୍ ଓ ରିପବ୍ଲିକାନ୍ ପାର୍ଟି ପକ୍ଷରୁ ୬୭ ଏମ୍‌ପି ରୂପାଲୀଙ୍କ ସପକ୍ଷରେ ଭୋଟ ଦେଇଥିଲେ। ୨୯ ଜଣ ବିପକ୍ଷରେ ମତଦାନ କରିଥିଲେ। ନାଇନ୍‌ଥ ସର୍କିଟ୍ ମୁଖ୍ୟାଳୟ କାଲିଫର୍ନିଆର ସାନ୍ ଫ୍ରାନ୍ସିସ୍‌କୋରେ ଅବସ୍ଥିତ। ଏହା ଦେଶର ୧୩ ଅପିଲ୍ କୋର୍ଟ ମଧ୍ୟରୁ ସବୁଠାରୁ ବଡ଼ ଅଦାଲତ।

### ଆଇଏନ୍‌ଏ ଭେଟେରାନ ଈଶ୍ୱର ଲାଲ୍ ସିଂଙ୍କ ପରଲୋକ

**ସିଙ୍ଗାପୁର, ୬।୮:** ଭାରତୀୟ ଜାତୀୟ ସେନା(ଆଇଏନ୍‌ଏ)ରେ ମେଜର ରହିଥିବା ଈଶ୍ୱର ଲାଲ୍ ସିଂଙ୍କ ଶୁକ୍ରବାର ସିଙ୍ଗାପୁରରେ ପରଲୋକ ହୋଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ବୃଦ୍ଧାବସ୍ଥାଜନିତ ସ୍ୱାସ୍ଥ୍ୟସମସ୍ୟା ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି।



ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ୧୯୪୩ରେ ସେ ଆଇଏନ୍‌ଏରେ ଯୋଗଦେଇ ଦେଶସେବାରେ ନିଜକୁ ନିୟୋଜିତ କରିଥିଲେ। ସିଙ୍ଗାପୁରରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ସିଙ୍ଗାପୁରରେ ରହୁଥିବା ହିନ୍ଦୁ, ମୁସଲମାନ, ଶିଖ୍ ପ୍ରମୁଖ ସମ୍ପ୍ରଦାୟର ଲୋକେ ଆଇଏନ୍‌ଏରେ ସାମିଲ ହୋଇଥିଲେ।

### 'ଅଗ୍ନିପଥ' ବିରୋଧରେ ଆଜି ଏସ୍‌କେଏମ୍‌ର ଦେଶବ୍ୟାପୀ ଆନ୍ଦୋଳନ

**ନୂଆଦିଲ୍ଲୀ,୬।୮(ପି.ଟି.):** ସୈନ୍ୟବାହିନୀରେ ଠିକା ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ରବିବାର ଦେଶବ୍ୟାପୀ ଆନ୍ଦୋଳନ କରିବ। ଏହି ଆନ୍ଦୋଳନରେ ପୂର୍ବତନ ଯବାନଙ୍କ ମିଳିତ ସାମ୍ମୁଖ୍ୟ ଓ ବିଭିନ୍ନ ଯୁବ ସଂଗଠନ ସାମିଲ ହେବେ। ଅଗଷ୍ଟ ୭ରୁ ୧୪ ପର୍ଯ୍ୟନ୍ତ ଅଭିଯାନର ପ୍ରଥମ ପର୍ଯ୍ୟାୟରେ 'ଜୟ ଯବାନ ଜୟ କିଷାନ' ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସ୍ୱରାଜ ଇଣ୍ଡିଆ ଅଧକ୍ଷ ଯୋଗେନ୍ଦ୍ର ଯାଦବ କହିଛନ୍ତି। ବିବାଦୀୟ ଅଗ୍ନିପଥ ଯୋଜନାର ବିପଜ୍ଜନକ ପରିଣାମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଏହି ଅଭିଯାନର ଲକ୍ଷ୍ୟ। ଏହାକୁ ପ୍ରତ୍ୟାହାର କରିନେବା ଲାଗି ଗଣତାନ୍ତ୍ରିକ, ସାମ୍ବିଧାନିକ ଓ ଶାନ୍ତିପୂର୍ଣ୍ଣ ଉପାୟରେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଯିବ ବୋଲି ଯାଦବ କହିଛନ୍ତି।



ଇସ୍‌ଲାମିକ୍ ଜେହାଦ କମାଣ୍ଡର ତୟସିର୍ ଅଲ୍-ଜବାରୀଙ୍କ ମୃତଦେହକୁ ପାଲେଷ୍ଟାଇନ ନାଗରିକମାନେ ଅନ୍ତିମ ସଂସ୍କାର ପାଇଁ ନେଉଛନ୍ତି।

# ଅପରେଶନ 'ବ୍ରେକିଂ ଡନ୍'

**ଗାଜା ସିଟି/ଜେରୁଜେଲମ, ୬।୮**

ପ୍ରାୟ ବର୍ଷେ ଧରି ଗାଜାର ହମାସ୍ ଓ ଇସ୍‌ଲାମିକ୍ ଜେହାଦ ଆତଙ୍କବାଦୀ ଗୋଷ୍ଠୀଙ୍କ ବିରୋଧରେ ଇସ୍ରାଏଲ କାର୍ଯ୍ୟାନୁଷ୍ଠାନ ବନ୍ଦ ଯୋଗୁ ଅପେକ୍ଷାକୃତ ଶାନ୍ତ ଥିବା ସୀମା ଏବେ ପୁଣି ଅଶାନ୍ତ ହୋଇପଡ଼ିଛି। ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ କରି ଇସ୍ରାଏଲ ଅପରେଶନ 'ବ୍ରେକିଂ ଡନ୍'ରେ ଶୁକ୍ରବାରଠାରୁ ୨ ଦିନ ହେଲା ଗାଜା ଉପରେ ଆକ୍ରମଣ ଜାରି ରଖିଛି। ଏକ ବିଲ୍ଡିଂ ଉପରେ ରକେଟ ମାଡ଼ ଯୋଗୁ ଇସ୍‌ଲାମିକ୍ ଜେହାଦ କମାଣ୍ଡର ତାୟସିର ଅଲ୍‌ଜବାରିଙ୍କ ସହ ଆଉ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଇସ୍ରାଏଲ ଆକ୍ରମଣରେ ୧୧ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ୫ ବର୍ଷୀୟ ଶିଶୁ ରହିଛନ୍ତି। ଶନିବାର ମଧ୍ୟ ଗାଜାର କେତେକ



ତାୟସିର ଅଲ୍‌ଜବାରି

ସ୍ଥାନରେ ଇସ୍ରାଏଲ ପକ୍ଷରୁ ରକେଟ ଓ ମିଶାଇଲ ମାଡ଼ କରାଯାଇଛି। ଜବାବରେ ପାଲେଷ୍ଟାଇନ ଆତଙ୍କବାଦୀମାନେ ଇସ୍ରାଏଲ ସହରକୁ ଟାର୍ଗେଟ କରି ୨ ଦିନ ମଧ୍ୟରେ ୧୬୦ରୁ ଉର୍ଦ୍ଧ୍ୱ ରକେଟ ମାଡ଼ କରିଛନ୍ତି। ଏଥିସହ ଇସ୍‌ଲାମୀୟ ଜିହାଦୀ ଏବଂ ଇସ୍ରାଏଲ ସୈନ୍ୟଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି।

ଇସ୍ରାଏଲର ଦକ୍ଷିଣ ପଶ୍ଚିମ ପ୍ରାନ୍ତରେ

- ଇସ୍ରାଏଲ ଆକ୍ରମଣରେ ଇସ୍‌ଲାମିକ୍ ଜେହାଦ କମାଣ୍ଡର ନିହତ
- ୧୧ ସାଧାରଣ ନାଗରିକ ମୃତ
- ପାଲେଷ୍ଟାଇନରୁ ଛଡ଼ାଗଲାଣି ୧୬୦ ରକେଟ

ବିବାଦୀୟ ଭୂଖଣ୍ଡ ଗାଜାଷ୍ଟ୍ରିପ୍ ଅବସ୍ଥିତ। ସଂକୀର୍ଣ୍ଣ ଉପକୂଳବର୍ତ୍ତୀ ଗାଜା ଷ୍ଟ୍ରିପ୍‌ରେ ପ୍ରାୟ ୨୩ ଲକ୍ଷ ପାଲେଷ୍ଟାଇନ୍ ନାଗରିକ ବାସ କରନ୍ତି। ଗାଜାଷ୍ଟ୍ରିପ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପ ଚାଲୁଥିବା ଇସ୍ରାଏଲ ଅଧିକାଂଶ ସମୟରେ ଅଭିଯୋଗ କରିଥାଏ। ଆତଙ୍କବାଦୀ ଗୋଷ୍ଠୀ ଇସ୍‌ଲାମିକ୍ ଜେହାଦ ଗାଜାଷ୍ଟ୍ରିପ୍‌ରୁ ଇସ୍ରାଏଲ ଉପରେ ଆକ୍ରମଣ ଯୋଜନା କରିଥିବା ଇସ୍ରାଏଲ ସେନା ସୂଚନା ପାଇଥିଲା। ଏହାକୁ ଭଣ୍ଡୁର କରିବାକୁ ଇସ୍ରାଏଲ ପକ୍ଷରୁ ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ କରାଯାଇ ଶୁକ୍ରବାର ରକେଟ ମାଡ଼ କରାଯାଇଥିଲା। ଏହା ପୂର୍ବରୁ ଇସ୍ରାଏଲ ଯୋଜନାବଦ୍ଧ ଭାବେ ଗାଜାକୁ ଇନ୍ଧନ ଯୋଗାଣ ବନ୍ଦ କରିଥିଲା। ଏଥିଯୋଗୁ ସେଠାରେ ଥିବା ଏକମାତ୍ର ପାୱାର ପ୍ଲାଣ୍ଟରୁ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଗାଜାବାସିନ୍ଦାଙ୍କ ପାଇଁ ଦିନକୁ ମାତ୍ର ୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ହୋଇପାରୁଛି। ୱେଷ୍ଟ ବ୍ୟାଙ୍କରୁ ଜଣେ ବରିଷ୍ଠ ଇସ୍‌ଲାମିକ୍ ଜେହାଦ ନେତା ଗିରଫ ହେବା ପରେ ଗାଜା ଏବଂ ଇସ୍ରାଏଲ ମଧ୍ୟରେ ସଦ୍ୟ ବିବାଦ ଆରମ୍ଭ ହୋଇଛି। ତୁରନ୍ତ ଅସ୍ତ୍ରବିରତି ପାଇଁ ଜାତିସଂଘ ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଟୋର୍ ୱେନେସଲ୍ୟାଣ୍ଡ ଆହ୍ୱାନ ଦେଇଛନ୍ତି। ସେହିପରି ଉଭୟ ପକ୍ଷ ସଂଯମ ରକ୍ଷା କରିବାକୁ ୟୁରୋପୀୟ ସଂଘ ବୈଦେଶିକ ନୀତି ମୁଖ୍ୟ ଜୋସେପ୍ ବୋରେଲ କହିଛନ୍ତି।

## ଇରାନ ସମର୍ଥିତ ଇସ୍‌ଲାମିକ ଜେହାଦ



**ତେଲ ଆଭିଭ୍, ୬।୮**

ଗତ ବର୍ଷ ଇସ୍ରାଏଲ ଏବଂ ଆତଙ୍କବାଦୀ ସଙ୍ଗଠନ ହମାସ୍ ସଦସ୍ୟଙ୍କ ମଧ୍ୟରେ ୧୧ ଦିନ ଧରି ସୀମାରେ ସଂଘର୍ଷ ରହିବା ପରେ ଏବେ ୨ ଦିନ ହେଲା ପୁଣି ଅନୁରୂପ ସ୍ଥିତି ଉପୁଜିଛି। ଇରାନ୍ ସମର୍ଥିତ ପାଲେଷ୍ଟିନୀୟ ଇସ୍‌ଲାମିକ୍ ଜେହାଦ ଆତଙ୍କବାଦୀ ଗୋଷ୍ଠୀକୁ ଟାର୍ଗେଟ କରି ଇସ୍ରାଏଲ ରକେଟ ମାଡ଼ କରିବା ପରେ ଏହି ଗ୍ରୁପ୍ ପାଲଟା ଆକ୍ରମଣ କରି ଶତାଧିକ ରକେଟ ମାଡ଼ କରିଛି। ପାଲେଷ୍ଟାଇନରୁ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଥିବା ପ୍ରମୁଖ ସଙ୍ଗଠନ ହମାସ୍ ହୋଇଥିବାବେଳେ ଇସ୍‌ଲାମିକ୍ ଜେହାଦ ଏହି ଗୋଷ୍ଠୀକୁ ଅନୁକରଣ କରିଥାଏ। ଇସ୍‌ଲାମିକ୍ ଜିହାଦକୁ ଇରାନ୍ ପକ୍ଷରୁ ଆର୍ଥିକ ଓ ସାମରିକ ସହାୟତା ମିଳିଥାଏ। ଅନ୍ତର୍ଜାତୀୟ ସ୍ତରରେ ପାଲେଷ୍ଟାଇନ ମାନ୍ୟତା ପାଇବା ପରେ ହମାସ ୨୦୦୭ରେ ଗାଜା ଦଖଲ କରିଥିଲା। ଇସ୍ରାଏଲକୁ ଟାର୍ଗେଟ କରିବା ପାଇଁ ଇରାନ ଇସ୍‌ଲାମିକ୍ ଜେହାଦ ସଦସ୍ୟଙ୍କୁ ତାଲିମ ଦେବା ସହ ଅର୍ଥ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଇଥାଏ। କେନ୍ଦ୍ରୀୟ ଇସ୍ରାଏଲସ୍ଥିତ ତେଲ ଆଭିଭ୍‌ର ମେଟ୍ରୋପଲିଟାନ୍ ଅଞ୍ଚଳରେ ଆକ୍ରମଣ କରିବା ପାଇଁ ଦୀର୍ଘ ରେଞ୍ଜ୍‌ର ରକେଟ୍ ଇରାନ୍ ଏହି ଆତଙ୍କବାଦୀ ସଙ୍ଗଠନକୁ ଯୋଗାଇଛି। ଏହି ରକେଟ ଯୋଗେ ଇସ୍‌ଲାମିକ ଜେହାଦ ଆକ୍ରମଣ ଯୋଜନା କରିଥିବା ଇସ୍ରାଏଲକୁ ଖବର ମିଳିବା ପରେ ସଦ୍ୟ ସଂଘର୍ଷ ଆରମ୍ଭ ହୋଇଛି।



ପାଲେଷ୍ଟାଇନ୍ ଆତଙ୍କବାଦୀମାନେ ଗାଜା ସିଟିରୁ ଇସ୍ରାଏଲର କେତେକ ସହରକୁ ଟାର୍ଗେଟ କରି ରକେଟ ଛାଡ଼ୁଛନ୍ତି।

## ୨ ଦୋଷୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ

**ଧାନବାଦ,୬।୮**

ଧାନବାଦର ବିଚାରପତି ଉତ୍ତମ ଆନନ୍ଦଙ୍କୁ ଅଟୋ ମଡ଼ାଇ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ଅଟୋରିକ୍ସା ଡାଇଭର ଓ ତାଙ୍କ ସହଯୋଗୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡାଦେଶ ମିଳିଛି। ଏଥିସହିତ ଉଭୟଙ୍କୁ ୩୦,୦୦୦ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଝାଡ଼ଖଣ୍ଡର ସ୍ୱତନ୍ତ୍ର ସିବିଆଇ କୋର୍ଟ ଶନିବାର ଏହି ଦଣ୍ଡ ଶୁଣାଇଛନ୍ତି।

୨୦୨୧ ଜୁଲାଇ ୨୮ ତାରିଖ ସକାଳେ ଧାନବାଦ ଅତିରିକ୍ତ ଜିଲା ଜଜ୍ ଉତ୍ତମ ଆନନ୍ଦ ଜଗିଂରେ ଯାଉଥିବାବେଳେ ଅଟୋ ଡ୍ରାଇଭର ଲଖନ ବର୍ମା ଓ ସହଯୋଗୀ ରାହୁଲ ବର୍ମା ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଧକ୍କା ଦେଇ ହତ୍ୟା କରିଥିଲେ। ସିସିଟିଭିରେ କଏଦ ହୋଇଥିବା ଏହି ଦୃଶ୍ୟ ଗଣମାଧ୍ୟମରେ ପ୍ରକାଶ ପାଇବା

### ବିଚାରପତିଙ୍କୁ ଅଟୋ ମଡ଼ାଇ ହତ୍ୟା ମାମଲା



ଉତ୍ତମ ଆନନ୍ଦ

ପରେ ଦେଶବ୍ୟାପୀ ଆଲୋଡନ ସୃଷ୍ଟି କରିଥିଲା। ଝାଡ଼ଖଣ୍ଡ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରି ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହତ୍ୟାକାଣ୍ଡର ଠିକ୍ ବର୍ଷେ ପରେ ଗତ ଜୁଲାଇ ୨୮ରେ ସିବିଆଇ କୋର୍ଟ ବିଚାରପି ରଜନିକାନ୍ତ ପାଠକ ୨ ଅଭିଯୁକ୍ତଙ୍କୁ ଆଇପିସିର ଧାରା ୩୦୨(ହତ୍ୟା), ୨୦୧(ଅପରାଧର ପ୍ରମାଣ ଲୁଚାଇବା ସହ ଅପରାଧୀଙ୍କୁ ଲୁଚାଇବା ଲାଗି ଭୁଲ୍ ତଥ୍ୟ ଦେବା) ଏବଂ ୩୪ରେ ଦୋଷୀସାବ୍ୟସ୍ତ କରିଥିଲେ।

ବିଚାରପତି ହତ୍ୟା ମାମଲାର ଶୁଣାଣି ଫେବୃୟାରୀରେ ଆରମ୍ଭ ହୋଇ ୫୮ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଧକ୍କା ଦେବା ବେଳେ ଅଭିଯୁକ୍ତମାନେ ନିଶାଗ୍ରସ୍ତ ନ ଥିଲେ ବୋଲି ସିବିଆଇ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅମିତ ଜିନ୍ଦଲ କୋର୍ଟଙ୍କୁ ଜଣାଇଥିଲେ। ବିଚାରପତିଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିବା ସ୍ପଷ୍ଟ ହେବା ପରେ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ କରାଯାଇଥିବା ଜିନ୍ଦଲ କହିଛନ୍ତି।

## ସଞ୍ଜୟ ରାଉତ, ସ୍ତ୍ରୀଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୬।୮**

ପତ୍ରା ଚଲ୍ ଜମି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଧିକାରୀମାନେ ଶନିବାର ଶିବସେନା ନେତା ସଞ୍ଜୟ ରାଉତ ଓ ତାଙ୍କ ସ୍ତ୍ରୀ ବର୍ଷା ରାଉତଙ୍କୁ ଜେରା କରିଛନ୍ତି। ସଞ୍ଜୟ ଇଡି ହାଜତରେ ଥିବାବେଳେ ବର୍ଷାଙ୍କୁ ଜେରା ପାଇଁ ହାଜର ହେବା ଲାଗି ଗତ ଗୁରୁବାର ସମନ କରାଯାଇଥିଲା। ବର୍ଷାଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଅର୍ଥ କାରବାର ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ ତଦନ୍ତରେ ସାମିଲ କରାଯାଇଛି। ସଞ୍ଜୟଙ୍କୁ ଗତ ରବିବାର ଦୀର୍ଘ ସମୟ ଜେରା ପରେ ଇଡି ଗିରଫ କରିଥିଲା। ଜମି ଦୁର୍ନୀତି ମାମଲାରେ ଇଡି ଗତ ଏପ୍ରିଲରେ ସଞ୍ଜୟ ରାଉତଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିଥିଲା।

## ସ୍ୱାଧୀନତା ଦିବସ ଉତ୍ସବ: ଯୋଗଦେବେ ଆମେରିକୀୟ ଗାୟିକା

**ୱାଶିଂଟନ,୬।୮(ପି.ଟି.)**

ଭାରତର ୭୫ତମ ସ୍ୱାଧୀନତା ଦିବସ ଉତ୍ସବରେ ଆଫ୍ରିକୀୟ-ଆମେରିକୀୟ ଗାୟିକା ମୋରି ମିଲ୍‌ବେନ୍ ଯୋଗଦେବେ। ଭାରତୀୟ ସଙ୍ଗୀତ 'ଓମ୍ ଜୟ ଜଗଦୀଶ ହରେ' ଏବଂ 'ଜନଗଣ ମନ'କୁ ସ୍ୱତନ୍ତ୍ର ଶୈଳୀରେ ଗାନ କରି ସେ ଚର୍ଚ୍ଚାକୁ ଆସିଥିଲେ। ଡ. ମାର୍ଟିନ ଲୁଥର କିଙ୍ଗ୍ ଜୁନିୟରଙ୍କ ପଦାଙ୍କ ଅନୁସରଣ କରୁଥିବା ମ୍ୟାରି ଭାରତର ସ୍ୱାଧୀନତା ଦିବସ ଉତ୍ସବରେ ଆମେରିକାର କଲ୍‌ଚରାଲ



ମ୍ୟାରି ମିଲ୍‌ବେନ୍

ଆମ୍ବାସାଡର ଭାବେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥିବାରୁ ବହୁତ ଖୁସି ବୋଲି କହିଛନ୍ତି।

# ମିଳିଲା ତାଇୱାନ ପ୍ରତିରକ୍ଷା ଅଧିକାରୀଙ୍କ ମୃତଦେହ

**ତାଇପେଇ, ୬।୮**

ଗତ ୨ ତାରିଖରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତକୁ ନେଇ ଚାଇନା ଏବଂ ଏହି ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ର ମଧ୍ୟରେ ବିବାଦ ଶୀର୍ଷରେ ପହଞ୍ଚିଛି। ଏପରି ସମୟରେ ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟର ଗବେଷଣା ଓ ବିକାଶ ୟୁନିଟ୍‌ର ଉପମୁଖ୍ୟ ଓଉ ୟାଙ୍ଗ୍ ଲି-ସିଙ୍ଗ୍‌ଙ୍କ ମୃତଦେହ ଶନିବାର ସକାଳେ ଏକ ହୋଟେଲରୁ ମିଳିଛି। ୟାଙ୍ଗ୍ ଲିଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ସନ୍ଦେହ ଉପୁଜିଛି। ତେବେ ହୃଦ୍‌ଘାତରେ ତାଙ୍କ ଜୀବନ ଯାଇଥିବା ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ୍ସି(ସିଏନ୍‌ଏ) କହିଛି।

୫୭ ବର୍ଷୀୟ ୟାଙ୍ଗ୍ ଲି ତାଇୱାନ ସେନା ଅଧୀନରେ ଥିବା ନ୍ୟାଶନାଲ ଚୁଙ୍ଗ୍‌ସାନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡେପୁଟି ମୁଖ୍ୟ ଥିଲେ। ଚାଇନା ପଟୁ ଆସୁଥିବା ଚ୍ୟାଲେଞ୍ଜର



ଓଉ ୟାଙ୍ଗ୍ ଲି-ସିଙ୍ଗ୍

ସାମ୍ନା କରିବା ପାଇଁ ଏହି ସଂସ୍ଥା ଚଳିତ ବର୍ଷ ମିଶାଇଲ ଉତ୍ପାଦନ ଦ୍ୱିଗୁଣ କରି ୫୦୦ କ୍ଷେପଣାସ୍ତ୍ର ପ୍ରସ୍ତୁତ ନିମନ୍ତେ କାର୍ଯ୍ୟ କରୁଛି। ଚଳିତ ବର୍ଷ ସେ ସଂସ୍ଥା ଉପମୁଖ୍ୟ ପଦବୀରେ ନିଯୁକ୍ତି ପାଇଥିଲେ। ବିଭିନ୍ନ ମିଶାଇଲ ନିର୍ମାଣ ପ୍ରୋଜେକ୍ଟ କାର୍ଯ୍ୟ ସେ ତଦାରଖ କରୁଥିଲେ। ଏକ ବିଜ୍‌ନେସ୍ ଟ୍ରିପ୍‌ରେ ଥିବାବେଳେ ଦକ୍ଷିଣ ତାଇୱାନର ଏକ ହୋଟେଲରୁ ତାଙ୍କ ମୃତଦେହ ମିଳିଛି।

### ବେଜିଂ ଆକ୍ରମଣ ସ୍ଥିତି ସୃଷ୍ଟି କରୁଛି: ତାଇପେଇ



ତାଇୱାନ୍ ନିକଟବର୍ତ୍ତୀ ପିଙ୍ଗ୍‌ଟାନ୍ ଦ୍ୱୀପ ଉପରେ ଉଡୁଥିବା ଚାଇନା ସାମରିକ ହେଲିକପ୍ଟରକୁ ପର୍ଯ୍ୟଟକମାନେ ଦେଖୁଛନ୍ତି।

ତାଙ୍କ ରୁମ୍ ମଧ୍ୟରେ କେହି ପ୍ରବେଶ କରିଥିବାର ପ୍ରମାଣ ମିଳି ନ ଥିବା ସିଏନ୍‌ଏ ରିପୋର୍ଟରେ ପ୍ରକାଶ ପାଇଛି। ପୂର୍ବରୁ ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ ବୋଲି ମଧ୍ୟ ପରିବାର ପକ୍ଷରୁ କୁହାଯାଇଛି। ଏ ଦିଗରେ ତାଇୱାନ ସରକାର ତଦନ୍ତ ଚଳାଇଛନ୍ତି। ଅପରପକ୍ଷେ ପେଲୋସି ଗସ୍ତରେ ପ୍ରତିକ୍ରିୟାଶୀଳ ହୋଇ ଚାଇନା ତାଇୱାନ ସୀମା ନିକଟରେ ସମରାଭ୍ୟାସ ଜାରି ରଖିଛି। ବେଜିଂ ଯୁଦ୍ଧଜାହାଜ ଲଗାତର ତାଇୱାନ ଏୟାରସ୍ପେସ୍‌ରେ ଅନୁପ୍ରବେଶ କରୁଛି। ତାଇୱାନ ଚାରିପଟେ ୬ଟି ସ୍ଥାନରେ ସାମରିକ କାର୍ଯ୍ୟକଳାପ ଚଳାଇଛି। ଗୁରୁବାର ଚାଇନା ଶତାଧିକ ଫାଇଟର ଜେଟ୍ ତାଇୱାନ ବାୟୁସୀମାରେ ଉଡ଼ାଣ ଭରିଥିଲା। ଶୁକ୍ରବାର ୬୮ ଯୁଦ୍ଧବିମାନ ଉଡ଼ାଣ ସହ ୧୩ ଯୁଦ୍ଧପୋତ ତାଇୱାନ ପ୍ରଣାଳୀ ଲାଇନକୁ ପାର କରିଛି। ତାଇୱାନ ମଧ୍ୟ କେତେକ ମିଶାଇଲ ସିଷ୍ଟମ ସୀମାରେ ମୁତୟନ କରିବା ସହ ଚାଇନା ଉପରେ ନଜର ରଖିବା ପାଇଁ ଯୁଦ୍ଧଜାହାଜ ଏବଂ ଯୁଦ୍ଧପୋତକୁ ନିୟୋଜିତ କରିଛି।

## ୨ ବର୍ଷରେ ଅଜଣା ରୋଗ ନେଲାଣି ୬୧ ଜୀବନ

**ସୁକ୍‌ମା,୬।୮**

ଛତିଶଗଡ଼ ସୁକ୍‌ମା ଜିଲାର ଏକ ଉପାନ୍ତ ଗ୍ରାମରେ ୨ ବର୍ଷ ମଧ୍ୟରେ ଅଜଣା ରୋଗରେ ୬୧ ଜଣଙ୍କ ମୃତ୍ୟୁ ଘଟିଲାଣି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ଲାଗି ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କୋଣ୍ଟା ବ୍ଲକ୍ ଅନ୍ତର୍ଗତ ରେଗାଡଗଟ୍ଟା ଗ୍ରାମର ବାସିନ୍ଦା ଏ ସମ୍ପର୍କରେ ଜିଲା କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ସେଠାର ଜଳ ଓ ମୃତ୍ତିକାରେ ଆର୍ସେନିକ ଭଳି ଭାରୀ ଧାତୁ ରହିଛି କି ନାହିଁ ତାହା ଉପରେ ଅନୁଧ୍ୟାନ କରାଯିବ। ପରିବେଶଗତ ଅଧ୍ୟୟନ ଲାଗି ୮ ତାରିଖରେ ବିଶେଷଜ୍ଞମାନଙ୍କର ଏକ ଟିମ୍ ଉକ୍ତ ଗ୍ରାମକୁ ଯାଉଥିବା ଜଣେ ଅଧିକାରୀ କହିଛନ୍ତି। ଜୁଲାଇ ୨୭ରେ ଗ୍ରାମବାସୀ ସୁକ୍‌ମା ଜିଲାପାଳଙ୍କୁ ଦେଇଥିବା ପତ୍ର ଅନୁଯାୟୀ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ଉକ୍ତ ଗ୍ରାମରେ ଅଜଣା ରୋଗରେ ଲୋକଙ୍କ ହାତଗୋଡ଼ ଫୁଲିଯିବା ସହ ମୃତ୍ୟୁ ଘଟୁଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୦୫,୫୧,୮୭୧ | ୬୪,୩୪,୮୦୯ | ୫୫,୯୧,୦୩,୬୭୦ |
| ଭାରତ | ୪,୪୧,୨୬,୯୯୪ | ୫,୨୬,୬୪୯ | ୪,୩୪,୬୫,୫୫୨ |
| ଓଡ଼ିଶା | ୧୩,୧୮,୧୪୫ | ୯୧୪୬(+୫୩) | ୧୩,୦୨,୯୪୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ଅନୁଗୋଳ ଜିଲାର ସାତକୋଶିଆ ଗଣ୍ଡରେ ୨ଟି ଘଡ଼ିଆଳ କୁମ୍ଭୀର ଶାବକ ବିଚରଣ କରୁଛନ୍ତି। (ଫଟୋ-ବୁବୁ)

# ଓଏସ୍ଏଲ୍ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ଗିରଫ

■ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୬ ହେଲା
■ ମହିମା ମିଶ୍ର, ବଡ ପୁଅଙ୍କୁ ପୁଣି ଜେରା

ଭୁବନେଶ୍ୱର,୬।୮(ବ୍ୟୁରୋ)

ପାରଦୀପ ବନ୍ଦରର ଏକ କନ୍‌ଭେୟର ବେଲ୍ଟ ମରାମତି ପାଇଁ ଲାଞ୍ଚ କାରବାର ହୋଇଥିବା ଜାଣିବା ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗତ ୩ ଦିନ ଧରି ଛାନଭିନ ଚଳାଇଛି। ଘଟଣାରେ ଶୁକ୍ରବାର ପାରାଦୀପ ବନ୍ଦରର ଚିଫ୍ ମେକାନିକାଲ ଇଞ୍ଜିନିୟର (ସିଏମ୍ଇ) ସରୋଜ କୁମାର ଦାସଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଥିଲା। ଶନିବାର ଆଉ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ୍)ର ନିର୍ଦ୍ଦେଶକ ତଥା ଶିଳ୍ପପତି ମହିମା ମିଶ୍ରଙ୍କ ସାନପୁଅ ଚର୍ଚ୍ଚିତ ମିଶ୍ର ଏବଂ ଭୁବନେଶ୍ୱରର ଜଣେ ବିଲ୍‌ଡର ଶିଶିର ଦାସ। ଶନିବାର ଭୋରରୁ ଚର୍ଚ୍ଚିତ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସରେ ହାଜର ହୋଇଥିଲେ। ଲାଞ୍ଚ କାରବାର ଚର୍ଚ୍ଚିତଙ୍କ ସମ୍ପୃକ୍ତି ଅଭିଯୋଗ ଥିବାରୁ ସିବିଆଇ ତାଙ୍କୁ ଦୀର୍ଘସମୟ ଜେରା କରିବା ପରେ ଗିରଫ କରିଥିଲା। ତାଙ୍କ ବିରୋଧରେ ସିବିଆଇ ଆଇପିସି ଦଫା ୧୨୦ (ଖ) ଓ ଦୁର୍ନୀତି ନିବାରଣ ଆଇନର ଦଫା ୭, ୮, ୯, ୧୦ ଓ ୧୨ରେ ମାମଲା ରୁଜୁ କରି ତାଙ୍କୁ ସିବିଆଇ ସ୍ପେଶାଲ କୋର୍ଟକୁ ଚାଲାଣ କରିଛି।



ଚର୍ଚ୍ଚିତ ମିଶ୍ର

ଅନ୍ୟପକ୍ଷରେ ପାରାଦୀପ ପୋର୍ଟ ସିଏମ୍ଇ ଦାସ ନେଇଥିବା ଲାଞ୍ଚ ଟଙ୍କା ଲିଙ୍କ୍‌ରେ ଥିବାରୁ ବିଲଡର ଦାସଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଆଜି ତୃତୀୟ ଦିନ ଲାଗି ସିବିଆଇ ମହିମା ମିଶ୍ର ଓ ତାଙ୍କ ବଡ଼ ପୁଅ ଚନ୍ଦନ ମିଶ୍ରଙ୍କୁ ମାରାଥନ ଜେରା କରିଛି। ଗିରଫଦାରି ସଂଖ୍ୟା ୬ରେ ପହଞ୍ଚିଥିବା ବେଳେ ଏ ଲାଞ୍ଚ ମାମଲାରେ ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ସିବିଆଇ ଖୋଳତାଡ଼ କରୁଛି। ଶୁକ୍ରବାର ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ସିଏମ୍ଇ ଦାସ, ମଧ୍ୟସ୍ଥ ସୁମନ୍ତ ରାଉତ ଓରଫ ବନ, ଓସିଏଲ୍‌ର ଡିଜିଏମ୍ (ଅପରେଶନ) ସୂର୍ଯ୍ୟନାରାୟଣ ସାହୁ ଏବଂ କେସିଟି ଗ୍ରୁପ୍‌ର ପୋର୍ଟ ଅପରେଶନ ମ୍ୟାନେଜର ଶଙ୍ଖଶୁଭ୍ର ମିତ୍ର। ଏମାନଙ୍କ ମଧ୍ୟରୁ ସିବିଆଇ ସିଏମ୍ଇ ଦାସ, ସୁମନ୍ତ ଓ ସୂର୍ଯ୍ୟନାରାୟଣଙ୍କୁ ସିବିଆଇ ଶୁକ୍ରବାର ୪ ଦିନିଆ ରିମାଣ୍ଡରେ ନେଇଛି । ଏମାନଙ୍କୁ ଘନଘନ ଜେରା କରି ସିବିଆଇ ଜବତ କରିଥିବା ୮୪.୫ ଲକ୍ଷ ଟଙ୍କାର ଗୁମର ଓକାଳିବାକୁ ଚେଷ୍ଟା କରୁଛି। ଶନିବାର ଅନ୍ୟ ୩ ଅଭିଯୁକ୍ତ ଚର୍ଚ୍ଚିତ, ଶଙ୍ଖଶୁଭ୍ର ଏବଂ ବିଲଡର ଦାସଙ୍କୁ ରିମାଣ୍ଡରେ ନେଇଛି ସିବିଆଇ। ଅଗଷ୍ଟ ୯ ଯାଏ ଏହି ତିନି ଅଭିଯୁକ୍ତ ସିବିଆଇ ହେପାଜତରେ ରହିବେ। ୧୦ ତାରିଖରେ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ନେଇ ଶୁଣାଣି ହେବ ।

# ୨୪ ଘଣ୍ଟାରେ ଲଘୁଚାପ, ୩ ଦିନ ପ୍ରବଳ ବର୍ଷିବ

■ ପୁରୀରେ ସର୍ବାଧିକ ୯୯.୯ ମିମି ବର୍ଷିଲା
■ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା

ଭୁବନେଶ୍ୱର, ୬।୮(ବ୍ୟୁରୋ)

ଉତ୍ତର-ଆନ୍ଧ୍ର ଉପକୂଳ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଘୂର୍ଣ୍ଣିବଳୟ ସମୁଦ୍ର ପଉନଠାରୁ ବାୟୁମଣ୍ଡଳର ୭.୬ କିମି ଉଚ୍ଚତା ଯାଏ କାୟା ବିସ୍ତାର କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହୋଇ ଉତ୍ତର-ପଶ୍ଚିମ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ଶନିବାର ପୁରୀରେ ସର୍ବାଧିକ ୯୯.୯ ମିମି ବର୍ଷା ହୋଇଥିବାବେଳେ ସୋନପୁରରେ ୯୯, ଚାନ୍ଦବାଲି ୫୩.୬, ଖୋର୍ଦ୍ଧା ୪୦.୬, ଭୁବନେଶ୍ୱର ୩୬.୬, ନୟାଗଡ଼ ୩୫, ଢେଙ୍କାନାଳ ୩୪.୨, ବାରିପଦା ୩୬, ବାଲେଶ୍ୱର ୨୨.୬, କଟକ ୨୭, ପାରାଦୀପ ୨୧.୪, ଗୋପାଳପୁର ୧୧.୬, ଅନୁଗୋଳ ୨୧, କେନ୍ଦୁଝର ୧୧, ବଲାଙ୍ଗୀର ୧୧.୨, ଟିଟିଲାଗଡ଼ ୧୪.୪, ଦାରିଙ୍ଗବାଡ଼ି ୧୦, ଛତ୍ରପୁର ୨୦, ଭଦ୍ରକ ୩୩, ବରଗଡ଼ ୧୮.୨, ନବରଙ୍ଗପୁର ୧୦.୪, ଜଗତ୍‌ସିଂହପୁର ୨୬.୨ ଓ କେନ୍ଦ୍ରାପଡ଼ାରେ ୩୩.୨ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ନୂଆପଡ଼ା, ଦେବଗଡ଼, ତାଳଚେର, ହୀରାକୁଦ, ବୌଦ୍ଧ, ପାରଳାଖେମୁଣ୍ଡି ଓ ଝାରସୁଗୁଡ଼ାରେ ମଧ୍ୟ ବର୍ଷା ହୋଇଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ବର୍ଷା ଲାଗି ରହିବାକୁ ଥିବାବେଳେ ତିନି ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯିବା ସହିତ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ବିଶେଷକରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ଗଞ୍ଜାମ, ରାୟଗଡ଼ା, ବୌଦ୍ଧ ଓ ଜଗତ୍‌ସିଂହପୁରରେ ପ୍ରବଳ ବର୍ଷିବ। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ଥିବାବେଳେ ତଳିଆ ଅଞ୍ଚଳରେ ପାଣି ଜମିବା, କଚ୍ଚା ଘର ଓ ରାସ୍ତା କ୍ଷତି ହେବାର ଆଶଙ୍କା ରହିଛି। ତେବେ ୧୦ ତାରିଖ ଦିନ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଅନୁଗୋଳ, କେନ୍ଦ୍ରାପଡ଼ା ଓ ଢେଙ୍କାନାଳରେ ପ୍ରବଳ ବର୍ଷା ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଚିଙ୍ଗୁଡ଼ି ଘେରିକୁ ନେଇ ବୋମାମାଡ଼ ଘଟଣା: ୪ ଗିରଫ

ବ୍ରହ୍ମଗିରି,୬।୮(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଏକ ଚିଙ୍ଗୁଡି ଘେରିକୁ ନେଇ ସିଆରା ଗ୍ରାମରେ ହୋଇଥିବା ବୋମାମାଡ ଘଟଣାରେ ଶନିବାର ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ବଂଶୀଧର ପ୍ରଧାନ, ବାଲୁଙ୍କି ପ୍ରଧାନ, ଅଶୋକ ବେହେରା ଓ ଅତୁଲ୍ୟ ବେହେରା। ପ୍ରକାଶ ଥାଉକି, ସିଆରା ଗ୍ରାମ ନିକଟରେ ସାତମାଣ ମାଣ ଖାର ନାମକ ଏକ ଚିଙ୍ଗୁଡି ଘେରିକୁ କେନ୍ଦ୍ର କରି ଶୁକ୍ରବାର ୨ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇ ଶେଷରେ ବୋମାମାଡ଼ ହୋଇଥିଲା। ଏହି ସଂଘର୍ଷରେ ୩ ଜଣ ଆହତ ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତ ନିୟନ୍ତ୍ରଣ କରିଛି। ବୋମା ମାଡରେ ଉକ୍ତ ଗ୍ରାମର ସୁମନ୍ତ ପ୍ରଧାନ ଗୁରୁତର ହୋଇ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପରେ ସୁମନ୍ତ ଥାନାରେ ଅଭିଯୋଗ କରିବାରେ ପୋଲିସ ନଂ.୧୮୦/୨୨ରେ ଏକ ମାମଲା ରୁଜୁ ତଦନ୍ତ କରି ଉକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗାଁରେ ପୋଲିସ ଫୋର୍ସ ମୁତୟନ ରହିଥିବା ସମୟରେ ଗିରଫ ଭୟରେ ଅନ୍ୟ ଅଭିଯୁକ୍ତମାନେ ଗ୍ରାମ ଛାଡି ଚାଲିଯାଇଛି। ଏହାର ସୁଯୋଗ ନେଇ ଅପରପକ୍ଷ ଅଭିଯୁକ୍ତଙ୍କ ଘରେ ଲୁଟପାଟ କରିବା ସହିତ ଗଛ କାଟି ପକାଇଥିବା ଅଭିଯୋଗ ହେଉଛି।

# କଟା ହାତୀ ଦାନ୍ତ ଜବତ



ଜବତ କଟା ହାତୀ ଦାନ୍ତ

ଜଗନ୍ନାଥପ୍ରସାଦ,୬।୮(ଡି.ଏନ.ଏ.)

ବୁଗୁଡ଼ା ଥାନା ଅଧୀନ ଶଙ୍କୁରୁ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରୁ ଶନିବାର ବନବିଭାଗ କଟା ହାତୀ ଦାନ୍ତ ଜବତ କରିଛି। ସଂପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏହି ଚଢ଼ାଉରେ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ଉମାକାନ୍ତ ଦାସ, ବନପାଳ ଇଶ୍ୱା ଗଣେଶ, ବନରକ୍ଷୀ ବିନୋଦ ପାତ୍ର, ଉତ୍ତର ଘୁମୁସର ସହକାରୀ ବନସଂରକ୍ଷକ ବିକ୍ରମ ଦେବ ପଟ୍ଟନାୟକ, ପ୍ରଭାକର ନାୟକ, ବୁଗୁଡ଼ା ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା ସାମିଲ ଥିଲେ। ସୂଚନାଯୋଗ୍ୟ, ଜଗନ୍ନାଥପ୍ରସାଦ ରେଞ୍ଜ ଅନ୍ତର୍ଗତ କନ୍ଧନୂଆପଲ୍ଲୀ ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲରେ ମରି ପଡ଼ିଥିବା ଦନ୍ତାହାତୀକୁ ବନ ବିଭାଗ ଗତ ଜୁଲାଇ ୨୦ ତାରିଖରେ ଚିହ୍ନଟ କରିବା ପରେ ତାର ଦାନ୍ତକୁ କେହି କାଟି ନେଇଯାଇଥିବା ଦେଖିଥିଲା। ଜବତ କରାଯାଇଥିବା ଦାନ୍ତଟି ସେହି ହାତୀର ବୋଲି ବନବିଭାଗ ସ୍ପଷ୍ଟ କରିଛି।

# ରାସ୍ତାରେ ବୃଦ୍ଧଙ୍କୁ ପିଟି ହତ୍ୟା



ବୃଦ୍ଧଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଜଣେ ମହିଳା ପିଟୁଥିବା ସମୟର ଚିତ୍ର।

କୋରାପୁଟ/ଲକ୍ଷ୍ମୀପୁର,୬।୮(ସ୍ୱ.ପ୍ର./ଡି.ଏନ୍.ଏ.)

ଜଣେ ବୃଦ୍ଧଙ୍କୁ ଗାଁ ଦାଣ୍ଡରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପିଟିପିଟି ହତ୍ୟା କରାଯାଇଛି। ପୁଅ ଏବଂ ବୋହୂ ଏବଂ ସାନଭାଇ ମିଶି ଏହି କାଣ୍ଡ ଘଟାଇଛନ୍ତି। ଘଟଣା ପରେ ମୃତଦେହ ନେଇ ସତ୍କାର କରି ଦେଇଛନ୍ତି। ଗାଁ ଲୋକେ ଏହା ଦେଖି ମଧ୍ୟ ପ୍ରତିବାଦ କରିପାରି ନାହାନ୍ତି। କୋରାପୁଟ ଜିଲା ଲକ୍ଷ୍ମୀପୁର ଥାନା ଅଧୀନ ଉପରକୁଟିଙ୍ଗା ଗ୍ରାମରେ ଶନିବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଗାଁର କୃଷ୍ଣ ମ୍ୟାଣିଆକା। ଏହି ଘଟଣାରେ ଲକ୍ଷ୍ମୀପୁର ଥାନା ପୋଲିସ ପୁଅ, ବୋହୂ, ସାନଭାଇଙ୍କ ସମେତ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଶନିବାର ବୃଦ୍ଧଙ୍କୁ ପିଟିପିଟି ହତ୍ୟା କରିଥିବା ସମୟର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହା ଜଣାପଡ଼ିବା ପରେ ପୋଲିସ ନିଜ ପକ୍ଷରୁ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ହତ୍ୟାକାଣ୍ଡ ଶୁକ୍ରବାର ଘଟିଥିବା ବେଳେ କାରଣ ସ୍ପଷ୍ଟ ହୋଇ ନ ଥିବା ଆଇଆଇସି ଶ୍ୱେତପଦ୍ମ ସେଠ୍ କହିଛନ୍ତି।

FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDERGARH DISTRICT)
Eligible students belonging to all Castes from the 9 blocks (KOIDA, LAHUNIPARA, KUANRMUNDA, RAJGANGPUR, HEMGIR, KUTRA, GURUNDIA, BANEIGARH, LEPHRIPARA) and SC/ST candidates from rest of the Blocks of the Sundergarh District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2022-23. The entire expenses of Course & Hostel Fees will be sponsored by District Mineral Foundation (DMF), Sundergarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, TITILAGARH ROAD, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484
NCHMCT

Baidyanath
100 years of caring
ଘରେ ଡାକ୍ତର
ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା

| ରୋଗ | ଔଷଧ |
|---|---|
| ଏସଡିଟି | ଆୟୁସିଡ୍ |
| ଆନେମିଆ | ଧାତ୍ରୀ ଲୌହ, ହେମୋପ୍ଲସ୍ |
| ବୟସ ପ୍ରତିରୋଧୀ | କେସରୀ କଳ୍ପ, ରୟାଲ୍ ଚ୍ୟବନପ୍ରାସ |
| ଆର୍ଥରାଇଟିସ୍, ଗାଉଟ୍, ରୁମେଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ ଗୋଲ୍ଡ |
| ପେଟ ଯନ୍ତ୍ରଣା ଓ ପାଚନ ସମସ୍ୟା | ଚିତ୍ରକାଦି ବଟି |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ୍, ପ୍ରୋଷ୍ଟେଡ୍ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସାନ୍ତକ ବଟି |
| ହୃତପିଣ୍ଡର ସମସ୍ୟା | ଗୁଡ଼ ହାର୍ଟ, କୋଲେଷ୍ଟ ଗାର୍ଡ୍ |
| ବଦହଜମି | ଏକ୍ସାଜେଷ୍ଟେ |
| କିଡନୀ ଷ୍ଟୋନ | ପଥରୀନା |
| ଲ୍ୟୁକେରିଆ | ଲ୍ୟୁକୋନିଲ୍ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିବରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ମୁତ୍ରରୋଗ | ଚନ୍ଦ୍ରପ୍ରଭା ଟ୍ୟାବ୍, ଗୋକ୍ଷୁରାଦି ଗୁଗ୍‌ଲୁ ଟ୍ୟାବ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: Ph: +91 9439088809 BERHAMPUR: Ph: +91 9861540324 CUTTACK: Ph: +91 9439486929
BHUBANESWAR: Ph: +91 8249945802 PURI: Ph: +91 9861068109 DHENKANAL: Ph: +91 8249703170
ANGUL: Ph: +91 9937734509 BALASORE: Ph: +91 9438725025 BARIPADA: Ph: +91 9437350156
KENDUJHAR: Ph: +91 6370698870 BHADRAK: Ph: +91 7978313169 ROURKELA: Ph: +91 7008870227
SAMBALPUR: Ph: +91 8763343900 / +91 9437681346 BOLANGIR: Ph: +91 7008384344

www.amrihospitals.in
AMRI HOSPITALS BHUBANESWAR
KIDNEY HEALTH @ ₹75
Healthy Nation deserves Healthy Kidneys
Dr. Manoj Kumar Mohapatra
Consultant Nephrologist
8:00am - 10:30am | 4:00pm - 5:00pm
Except Saturday
BLOOD PRESSURE | DIET COUNSELLING (AS ADVISED BY DOCTOR)
CBG MONITORING | HEIGHT & WEIGHT CHECK
*Valid from 1st Aug to 31st Aug'22
15% discount
on in-house investigation recommended by doctor during the check-up
By Appointment only
7752 018 693
0674 666 6600

Admissions Open
SKILL DEVELOPMENT INSTITUTE BHUBANESWAR
Managed by IndianOil
Join SDI Bhubaneswar and Get Job Ready!
APPLY NOW
Log on to our website
www.sdibhubaneswar.co.in
No Application / Examination Fee
(Computer Based Online Test)
STUDENT ELIGIBILITY
Advanced Courses
B.E. / B.Tech / MCA / M.Sc. / Diploma / ITI (Mechanical, Industrial Automation, Electrical, Electronics, Production, Computer Science, IT & Instrumentation)
Basic Courses
ITI (Electrical, Fitter, Welding)
B.A. / B.Sc. / B.Com. / 12th / 10th
Age Limit: 18 to 25 Years
Course Fee (Token Course Fee)
Advanced Courses
3 Months Duration : ₹ 15,000
4 Months Duration : ₹ 20,000
6 Months Duration : ₹ 30,000
Basic Courses
3 Months Duration : ₹ 3,000
6 Months Duration : ₹ 5,000
Fees are all inclusive
- Free Hostel & Food
- Free Uniform, Safety Shoe, Bag
- Free Training Material
- Free Doctor Consultation
Highlights:
- Microsoft Certified Digital Campus
- Smart Classroom / Wi-Fi Campus
- 100% Employment Support to Successful Candidates
ADMISSION PROCESS: Registration, Online Test, Merit List, Counselling, Document Verification, Enrollment
For Registration & Admission Test
Visit www.sdibhubaneswar.co.in or Download Mobile App
Google Play Store SDIB Admissions
Industry Partners
Schneider Electric SIEMENS Ingenuity for life ESSCI KEMPPI PHYTEC TATA STRIVE
Contact for Advanced Courses 9861812750 / 7306318196 8270350342 / 9040945770
Contact for Basic Courses 8763372740 8249656172 8280109799
Skill India Promoting Organisations IndianOil ONGC HP GAIL (India) Limited Oil India Limited EIL




କର୍ମଶାଳାରେ ଛାତ୍ରଛାତ୍ରୀଙ୍କ ଗହଣରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ, ଧରିତ୍ରୀ, ୟୁନିସେଫ୍ ଓ ପିକ୍‌ର କର୍ମକର୍ତ୍ତା।

# 'ସ୍ୱର ଶାଣିତ ହୋଇପାରିଲେ ସୁରକ୍ଷା ସମ୍ଭବ'

## ଶିଶୁ ସୁରକ୍ଷା, ସାମ୍ବାଦିକତା ସମ୍ପର୍କିତ କର୍ମଶାଳା

କେନ୍ଦୁଝର, ୬।୮(ସ୍ୱ.ପ୍ର.)

ଦୃଢ଼ ଆତ୍ମବିଶ୍ୱାସ ହିଁ ସଫଳତା ଆଣିଥାଏ। ପିଲାମାନେ କାହାକୁ ଭୟ ନ କରି ନିଜ ସ୍ୱରକୁ ଶାଣିତ କରିପାରିଲେ ନିଜକୁ ତଥା ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ। ବିଶେଷକରି ଝିଅ ପିଲାମାନେ ଏ ଦିଗରେ ଅଧିକ ଯତ୍ନବାନ ହେବା ଜରୁରୀ। କେନ୍ଦୁଝର ପାନ୍ଥନିବାସଠାରେ ୟୁନିସେଫ, ଧରିତ୍ରୀ ଓ ପିକ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିଶୁ ସୁରକ୍ଷା ଓ ସାମ୍ବାଦିକତା ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି।

୩ ଦିନ ଧରି ଚାଲିଥିବା ଏହି କର୍ମଶାଳାର ଶନିବାର ଦ୍ୱିତୀୟ ଦିନରେ ପିଲାମାନଙ୍କୁ ଶିଶୁ ସାମ୍ବାଦିକତା ଉପରେ ଧରିତ୍ରୀ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଯୋଗଦେଇ ପିଲାମାନଙ୍କୁ ସାମ୍ବାଦିକତା କ'ଣ, ଏହାର ନିୟମ, ଖବରର ପ୍ରକାରଭେଦ ସମ୍ପର୍କରେ ସବିଶେଷ ଧାରଣା ଦେଇଥିଲେ। ପିଲାମାନେ ନିଜର ପାରିପାର୍ଶ୍ୱରେ ଦେଖୁଥିବା ସମସ୍ୟାକୁ କିପରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚାଇ ଲୋକଲୋଚନକୁ ଆଣିପାରିବେ ସେ ସମ୍ପର୍କରେ ବିଶଦ୍ ଭାବେ ଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ଯୋଗଦେଇ ପିଲାମାନଙ୍କୁ ସେମାନଙ୍କ ପାଇଁ ସମ୍ବିଧାନରେ ରହିଥିବା ମୌଳିକ ଅଧିକାର ସମ୍ବନ୍ଧରେ ଅବଗତ କରାଇ ମାନସିକ ସ୍ତରରେ ଶକ୍ତିଶାଳୀ ହେବାକୁ ଗୁରୁତ୍ୱ ଦେଇଥିଲେ। କର୍ମଶାଳାର ଦ୍ୱିତୀୟ ଅଧିବେଶନରେ ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ଓ ଯୋଡ଼ା ପ୍ରତିନିଧି ମାନସ ରଞ୍ଜନ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଦଳଗତ ଆଲୋଚନା ମାଧ୍ୟମରେ ବିଦ୍ୟାଳୟ ପରିସରରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ତା'ର ସମାଧାନ ଏବଂ ସଫଳତା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ୟୁନିସେଫର କମ୍ୟୁନିକେଶନ ଆଡଭୋକେସି ରାଧିକା ଶ୍ରୀବାସ୍ତବ, ପିକ୍‌ର ସଙ୍ଗଠନର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଓ ଧରିତ୍ରୀର କେନ୍ଦୁଝର ଜିଲା ପ୍ରତିନିଧି ନରେଶ ଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।

# ସିଏସ୍‌ଓଙ୍କ ନାଁରେ ଦୁର୍ବ୍ୟବହାର ଅଭିଯୋଗ

## ଅଭିଯୋଗ ଆଣିଲେ ମହିଳା ଯୋଗାଣ ଅଧିକାରୀ

ବଲାଙ୍ଗୀର ଅଫିସ, ୬।୮

ବଲାଙ୍ଗୀର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ(ସିଏସ୍‌ଓ) ମୀର ଅଲ୍ଲୀ ରାଜାଙ୍କ ବିରୋଧରେ ଜଣେ ମହିଳା ଯୋଗାଣ ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ ସହ ୩୦ ଲକ୍ଷ ଟଙ୍କା ମାଗୁଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବଲାଙ୍ଗୀର ମ୍ୟୁନିସିପାଲିଟିରେ କାର୍ଯ୍ୟରତ ସମ୍ପୃକ୍ତ ମହିଳା ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ସିଏସଓ ଅଲ୍ଲୀ ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଦୀର୍ଘ ସମୟ ଧରି ଅଫିସରେ କାମ କରିବାକୁ କହୁଥିଲେ ଓ ବ୍ୟକ୍ତିଗତ କଥା ପଚାରୁଥିଲେ। ଯୋଗାଣ ଅଧିକାରୀ ଯେତେବେଳେ ବଲାଙ୍ଗୀରରେ ଜଏନ୍ କଲେ କାଗଜପତ୍ର ଠିକ୍ କରିଦେବାକୁ ତାଙ୍କୁ ୩୦ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଶେଷରେ ୧୦ଲକ୍ଷ ଦେବାକୁ ତାଙ୍କୁ କୁହାଯାଇଥିବା ମହିଳା କର୍ମଚାରୀ ଅଭିଯୋଗ କରିଛନ୍ତି। ସିଏସ୍‌ଓ ଅଲ୍ଲୀ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ସେ କହିଛନ୍ତି, ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟରେ ବିଭାଗୀୟ କମିଶନର ଭିଡିଓ କନ୍‌ଫରେନ୍ସ ଜରିଆରେ ବଲାଙ୍ଗୀର ଜିଲାର ସମୀକ୍ଷା କରୁଥିଲେ। ଯେଉଁ ମହିଳା କର୍ମଚାରୀ ତାଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ତାଙ୍କର ପର୍‌ଫର୍ମାନ୍ସ ରିପୋର୍ଟ ଠିକ୍‌ନାହିଁ। ଏହାକୁ ନେଇ କମିଶନର ଖପ୍ପା ହେବା ପରେ ସେ ମୋ ଉପରେ ରାଗ ଶୁଝାଉଛନ୍ତି। ଜିଲାପାଳ କାର୍ଯ୍ୟାଳୟରେ ଏନେଇ ଯୁକ୍ତିତର୍କ ହୋଇଥିଲା। ଜିଲାପାଳ ଚଞ୍ଚଳ ରାଣା ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

SBC

# ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୨

ନୀଳାଚଳ ଅର୍ବାନ ହାଟ, ପୁରୀ
ତାରିଖ : ୦୧.୦୮.୨୦୨୨ ଠାରୁ ୧୫.୦୮.୨୦୨୨
ସମୟ : ସକାଳ ୧୧ ଠାରୁ ରାତ୍ର ୯ ପର୍ଯ୍ୟନ୍ତ

ଆକର୍ଷଣୀୟ ସରକାରୀ ରିହାତି ଉପଲବ୍ଧ

ଆୟୋଜକ :
ସମ୍ବଲପୁରୀ ବସ୍ତ୍ରାଳୟ
ତନ୍ତଶିଳ୍ପ ସସୀମ ସହଯୋଗ ସମିତି ଲି.

ପ୍ରାୟୋଜକ :
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ
ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର

Decade old extremely profitable FMCG wholesale distribution business dealing with top brands for sale in Kolkata . Also B2B sale on our own App . Strong infrastructure & experienced manpower available. Directors retiring.

✆ 91633 33369
sairadi.kol@gmail.com

# ଗୁଣପୁର କୋର୍ଟରେ ସବ୍ୟସାଚୀ ପଣ୍ଡାଙ୍କ ବୟାନ ରେକର୍ଡ

## ବିଜେଡି ନେତା ଯଯାତି ହତ୍ୟା ମାମଲା

ଗୁଣପୁର,୬।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟରେ ଶନିବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଜର ହୋଇଥିଲେ। ବିଜେଡି ନେତା ଯଯାତି କେଶରୀ ସାହୁ ହତ୍ୟାକାଣ୍ଡ ମାମଲାରେ ସବ୍ୟସାଚୀଙ୍କ ବୟାନ ରେକର୍ଡ କରାଯାଇଛି। ସମସ୍ତ ସାକ୍ଷୀଙ୍କ ବିଚାରଣା ପରେ ଏହି ପ୍ରକ୍ରିୟା ହୋଇଥିଲା। ଏଡିଜେ ମାନସ ରଞ୍ଜନ ରଥଙ୍କ କୋର୍ଟରେ ଏହା ହୋଇଥିଲା। ୧୯ ତାରିଖରେ ଏହି ମାମଲାର ରାୟ ପ୍ରକାଶ ନିମନ୍ତେ କୋର୍ଟ ଦିନ ଧାର୍ଯ୍ୟ କରିଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଓବାଦୀମାନେ ବିଜେଡି ନେତା ଯଯାତିଙ୍କୁ ୨୦୦୨ ନଭେମ୍ବର ୨୬ ରାତିରେ ତାଙ୍କ ନାଇରା ସ୍ଥିତ ବାସଭବନରୁ ଘୋଷାରି ନେଇ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସବ୍ୟସାଚୀଙ୍କ ସମେତ ଅନେକ ଲୋକଙ୍କ ନାମରେ ମାମଲା ହୋଇଥିଲା। ପୂର୍ବରୁ ଅନେକ ଅଭିଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇ ସାରିଛନ୍ତି। ସବ୍ୟସାଚୀ ମଧ୍ୟ ଏହି ମାମଲାରେ ସମ୍ପୃକ୍ତ ଥିବା ନେଇ ପୋଲିସ ମାମଲା ରୁଜୁ କରିବା ସହ ଚାର୍ଜଶିଟ ଦାଖଲ କରିଥିଲା। ଯଯାତିଙ୍କୁ ହତ୍ୟା କରାଯିବା ପରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଏହାପରେ ରାଜ୍ୟ ସରକାର ମାମଲାର ତଦନ୍ତ ପାଇଁ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସେହି ସମୟରେ ଏହି ଘଟଣାର ତଦନ୍ତ ହୋଇଥିଲା। ହେଲେ ଘଟଣାର ୨୦ ବର୍ଷ ବିତି ଯାଇଥିଲେ ମଧ୍ୟ ଆରଡିସି ତଦନ୍ତ ରିପୋର୍ଟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ଏହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି।



ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ କୋର୍ଟକୁ ନିଆଯାଉଛି।

# ନାବାଳିକା ବଳାତ୍କାର ମାମଲାରେ ଜେଲ

## ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର ଅଫିସ, ୬।୮-ନାବାଳିକା ବଳାତ୍କାର ମାମଲାର ବିଚାର କରି ଶନିବାର ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ରଞ୍ଜନ କୁମାର ସୂତାର ଅଭିଯୁକ୍ତ ଦିନେଶ ମାରାଣ୍ଡିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପୀଡ଼ିତାଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ରାୟରେ ଉଲ୍ଲେଖ କରାଯାଇଛି।

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ପଣପଣା ଅଞ୍ଚଳର ଦିନେଶ ମାରାଣ୍ଡି ଜଣେ ୧୩ ବର୍ଷୀୟା ବାଳିକାଙ୍କୁ ୨୦୨୧ ଜାନୁୟାରୀ ୧୫ ତାରିଖରେ ନେଇ ପଳାଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରୁଥିବା ବେଳେ ଉକ୍ତ ସନ୍ଧ୍ୟାରେ ଦିନେଶ ନିଜେ ଆଣି ନାବାଳିକାଙ୍କୁ ଘରେ ଛାଡ଼ିଥିଲେ। ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପରିବାର ଲୋକେ ଡାକ୍ତରଙ୍କୁ ଦେଖାଇଥିଲେ। ସେ ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଥିଲା। ଏହାପରେ ନାବାଳିକାଙ୍କ ପରିବାର ଲୋକେ ୨୦୨୧ ଜାନୁୟାରୀ ୧୮ ତାରିଖରେ ଦିନେଶଙ୍କ ଘରକୁ ଯାଇ ପଚାରିବାରୁ ସେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୨୬/୨୧) ରୁଜୁ ହୋଇଥିଲା। ମାମଲା ବିଚାରାଧୀନ ଥିବାବେଳେ ଶନିବାର ବିଚାରପତି ୧୨ଜଣ ସାକ୍ଷୀ ଓ ୧୮ ଦସ୍ତାବିଜ୍‌କୁ ଆଧାରକରି ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ପୀଡ଼ିତାଙ୍କ ବଡ଼ବାପାଙ୍କୁ ଆଜୀବନ

ସମ୍ବଲପୁର,୬।୮(ବ୍ୟୁରୋ)

ସମ୍ବଲପୁର ଜିଲା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ଶନିବାର ଗୋବିନ୍ଦପୁର ଥାନା ଅଞ୍ଚଳର ଚର୍ଚ୍ଚିତ ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ପ୍ରଶାନ୍ତ କୁମାର ଦାସ ଅଭିଯୁକ୍ତ ଚମ୍ପା ମୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଟଙ୍କା ଅନାଦାୟ ହେଲେ ଅଧିକ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ସରକାରୀ ଓକିଲ ବସନ୍ତ କୁମାର ମିଶ୍ର, ସନ୍ତୋଷ କୁମାର ପଣ୍ଡା ପୀଡ଼ିତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ। ଓକିଲ ମିଶ୍ରଙ୍କ କହିବା ଅନୁସାରେ ୨୦୧୮ ନଭେମ୍ବରରେ ଗୋବିନ୍ଦପୁର ଥାନା ଅଞ୍ଚଳର ଅଭିଯୁକ୍ତ ଚମ୍ପା ମୁଣ୍ଡା ୫ବର୍ଷର ଝିଅାରୀଙ୍କୁ ଖାଇବା ପାଇଁ ଘରକୁ ଡାକିଥିଲେ। ଘରେ ଅନ୍ୟ କେହି ନ ଥିବା ସୁଯୋଗରେ ଚମ୍ପା ଶିଶୁକନ୍ୟାକୁ ବଳାତ୍କାର କରିଥିଲେ। ଶିଶୁକନ୍ୟା ଘରକୁ ଯାଇ ଘଟଣା ସମ୍ପର୍କରେ କହିବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଚମ୍ପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରାୟ ୪ବର୍ଷ ହେବ କୋର୍ଟରେ ମାମଲା ବିଚାରାଧୀନ ରହିଥିଲା। ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କ ବିରୋଧରେ ରାୟ ପ୍ରକାଶ ପାଇଛି ବୋଲି ଆଇନଜୀବୀ ମିଶ୍ର କହିଥିଲେ।

## ପୂର୍ବ ତଟ ରେଳପଥ

ଫାଇଲ ନଂ. DRM/Engg/KUR/22-23/E-Tender/55, ତା: 02.08.2022

1.ଟେଣ୍ଡର ବିଜ୍ଞପ୍ତି ସଂ. eTender-North-KUR-136-2022, ତା:26.07.2022

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବୈତରଣୀ ରୋଡ୍-ମଞ୍ଜୁରୀ ରୋଡ୍ ଷ୍ଟେସନ ମଧ୍ୟରେ ପୋଲ ନଂ.391(ବୈତରଣୀ)15 x 45.72m TOWG ର ରିଭର ବେଡ୍(River bed)ର ପ୍ରସ୍ତାବିତ ରିଭର ବେଡ୍ ମ୍ୟାପିଙ୍ଗ୍/3D ସ୍କାନିଙ୍ଗ୍ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹9.52 ଲକ୍ଷ, EMD (ଟଙ୍କାରେ) : ₹19,000/-

2.ଟେଣ୍ଡର ବିଜ୍ଞପ୍ତି ସଂ. eTender-North-KUR-131-2022, ତା:26.07.2022

ବିବରଣୀ : ଭଦ୍ରକ : ସେଡ୍ ସମ୍ପ୍ରସାରଣ, ଦିବ୍ୟାଙ୍ଗଜନ ଅନୁକୂଳ ଶୌଚାଳୟ କମ୍ପ୍ଲେକ୍ସର ବ୍ୟବସ୍ଥା ଭଳି ବିଭିନ୍ନ ଯାତ୍ରୀ ସୁବିଧାର ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹221.01 ଲକ୍ଷ, EMD (ଟଙ୍କାରେ) : ₹2,60,500/-

3.ଟେଣ୍ଡର ବିଜ୍ଞପ୍ତି ସଂ. eTender-CENT-KUR-137-2022, ତା:27.07.2022

ବିବରଣୀ : ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ ତାଳଚେର ଅଧୀନସ୍ଥ ଅନୁଗୁଳ ଠାରେ ଥିବା ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS) ସହିତ ତାଳଚେର ରୋଡ୍-ଅନୁଗୁଳ-କେରେଜାଙ୍ଗ ସେକ୍ସନରେ 30.06.2023 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍ଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Additions & Alterations), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹60.79 ଲକ୍ଷ, EMD (ଟଙ୍କାରେ) : ₹1,21,600/-

ଶେଷ ହେବା ଅବଧି : 03(ତିନି) ମାସ (କ୍ରମ ସଂ.1 ପାଇଁ), 09(ନଅ) ମାସ (କ୍ରମ ସଂ.2 ପାଇଁ), 12(ବାର) ମାସ (କ୍ରମ ସଂ.3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.17.08.2022 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-355/N/22-23

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଦ୍ୱିତୀୟ ପର୍ଯ୍ୟାୟ +୨ ନାମଲେଖା ବିଜ୍ଞାପନ

**Student Academic Management System**

No. RR-19: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୦୪।୦୮।୨୦୨୨ରିଖ (ଅପରାହ୍ନ ୦୨ ଘଟିକା) |
| ୨. | **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୧୫।୦୮।୨୦୨୨ରିଖ (ରାତ୍ର ୧୧.୫୯ ଘଟିକା) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୧୮।୦୮।୨୦୨୨ରିଖ (ଅପରାହ୍ନ ୦୨ ଘଟିକା) |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୨୨।୦୮।୨୦୨୨ରିଖରୁ ତା୨୩।୦୮।୨୦୨୨ରିଖ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୨୬।୦୮।୨୦୨୨ରିଖ (ସନ୍ଧ୍ୟା ୫ ଘଟିକା) |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ **www.samsodisha.gov.in** ମାଧ୍ୟମରେ ପ୍ରକାଶନ କରାଯିବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:-
ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।

ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।

OIPR-03011/11/0016/2223

## ODISHA PUBLIC SERVICE COMMISSION, CUTTACK

**NOTICE**

No. 7330/PSC Dt.06.08.2022
PF-1E-11-2021/22 (DR-III)

No. D-131: It is for information of all concerned that, pursuant to Advt. No. 24 of 2021-22, 27 (Twenty-seven) candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Psychology**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 19.08.2022 & 20.08.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 19.08.2022 | 10.30 A.M. | 00115861, 00078070, 00030244, 00120367, 00115315, 00132006, 00124517 & 00131504 = **08 Candidates** |
| | | 03.00 P.M. | 00089496, 00077306, 00122384, 00125617, 00121638 & 00062301 = **06 Candidates** |
| 2 | 20.08.2022 | 10.30 A.M. | 00119464, 00085958, 00122978, 00121666, 00116561, 00087762, 00123964 & 00119946 = **08 Candidates** |
| | | 03.00 P.M. | 00113895, 00124845, 00131244, 00120433 & 00131885 = **05 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interivew. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the commission for the purpose.

OIPR-12002/11/0131/2223 Sd./- Secretary

ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ପାଦନ ବା କୃତିତ୍ୱ। ସେହିଠାରେ ହିଁ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି– ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ। –ଶ୍ରୀଅରବିନ୍ଦ

# ମହାକାଶ ଦୌଡ଼



ଆକାର ପଟେଲ

ଚଳିତ ମାସରେ ପାର୍ଲାମେଣ୍ଟରେ କୁହାଗଲା ଯେ, ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ଭାରତର ମହତ୍ତ୍ୱାକାଂକ୍ଷୀ ମହାକାଶ ମିଶନ ଉପରେ ବନ୍ଦ ରହିଥିବା ପ୍ରଥମ ପ୍ରଦର୍ଶନଭିତ୍ତିକ ପରୀକ୍ଷଣ ଚଳିତ ବର୍ଷ ଡିସେମ୍ବର ୩୧ ପୂର୍ବରୁ କରିବ। ଏଣୁ ଭାରତର ୯,୦୨୩ କୋଟି ଟଙ୍କାର ଏହି ପ୍ରୋଜେକ୍ଟର ପ୍ରଥମ ମାନବରହିତ ମହାକାଶ ଯାନ ୨୦୨୩ ଶେଷ ସୁଦ୍ଧା ମହାକାଶକୁ ପଠାଯିବ ବୋଲି ଆଶା କରାଯାଏ। ଇସ୍ରୋ ଦ୍ୱାରା ଆରମ୍ଭ ହୋଇଥିବା ଭାରତର ଗଗନାୟନ ମିଶନ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ଏହି ମିଶନ ପାଇଁ ନାମ ଗୁପ୍ତ ରଖାଯାଇଥିବା ଭାରତୀୟ ବାୟୁ ସେନାର ୪ ଜଣ ଅଧିକାରୀ ପ୍ରଶିକ୍ଷଣ ନେଉଛନ୍ତି ଓ ଏମାନେ ରୁଷିଆର ରସ୍‌କସ୍‌ମସ୍ ସହ କାର୍ଯ୍ୟ କରୁଛନ୍ତି। କକ୍ଷରେ କୌଣସି ବସ୍ତୁ ସ୍ଥାପନ କରିବାରେ ମାତ୍ର ହାତଗଣତି କୋଡ଼ିଏ ଦେଶ ମଧ୍ୟରେ ଭାରତ ଅନ୍ୟତମ। ୪୦ ବର୍ଷ ପୂର୍ବେ ଆମେ ଏହା କରିପାରିଥିଲୁ ଏବଂ ଏଭଳି କାର୍ଯ୍ୟ କରିବାକୁ ସମ୍ଭବତଃ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି କରିବାକୁ ସକ୍ଷମ ହୋଇନାହାନ୍ତି, ଯଦିଓ ତାଙ୍କ କମ୍ପାନୀ ଦୁଇ ଦଶନ୍ଧି ହେଲା ମହାକାଶ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଛି। ମହାକାଶ ବିଜ୍ଞାନରେ ଦୁଇଟି ପର୍ଯ୍ୟାୟରେ ବ୍ୟାପକ ଭାବେ ରକେଟ ଟେକ୍‌ନୋଲୋଜିର ବିକାଶ ଘଟିଛି। ପ୍ରଥମଟି ଥିଲା ୧୯୬୦ ଦଶକ। ଏହି ସମୟରେ ରୁଷୀୟମାନେ ପ୍ରଥମେ କକ୍ଷରେ ବସ୍ତୁ, ଜୀବନ୍ତ କୁକୁର ଓ ଉପଗ୍ରହ, କକ୍ଷରେ ପ୍ରଥମ ମଣିଷ ପହଞ୍ଚାଇବା ସହ ମହାକାଶରେ ଚାଲିବାରେ ସଫଳତା ପାଇଥିଲେ। ଏହି ପଥ ଆମେରିକୀୟମାନେ ବି ଅନୁସରଣ କଲେ। ୧୯୫୦ ଦଶନ୍ଧିର ଶେଷାର୍ଦ୍ଧରୁ ୧୯୬୦ ଦଶନ୍ଧି ପ୍ରଥମାର୍ଦ୍ଧ ମଧ୍ୟରେ ବିଶ୍ୱରେ ଚନ୍ଦ୍ରକୁ କୌଣସି ସାଟେଲାଇଟ କି ମଣିଷ ପଠାଇ ଯାଇ ନ ଥିଲା। କିନ୍ତୁ ତାହା ହାସଲ ହେବା ପରେ ଅଧିକ ଖର୍ଚ୍ଚ, ଆମେରିକୀୟମାନଙ୍କ ପକ୍ଷରୁ ପ୍ରତିରୋଧ ଏବଂ ସୋଭିଏତ୍ ମୁନ୍ ରକେଟ ବିଫଳତା ଯୋଗୁ ମହାକାଶରେ ସକ୍ରିୟ ଦୌଡ଼ରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ୧୯୭୨ ପରେ ଆମେରିକା ଚନ୍ଦ୍ରରେ ମଣିଷକୁ ଓହ୍ଲାଇବା ଭଳି ଦକ୍ଷତା କମି ନିମ୍ନ କକ୍ଷରେ ବସ୍ତୁ ସ୍ଥାପନ କରିବାରେ ସୀମିତ ରହିଲା। ଏବେ ସେହି କ୍ଷମତା ରୁଷିଆ ପାଖରେ ରହିଛି ଓ ଏଥିପାଇଁ ତାହାର ପୁରୁଣା ରକେଟକୁ ବ୍ୟବହାର କରୁଛି। ଚାଇନା ଓ ପ୍ରାଇଭେଟ କମ୍ପାନୀ ସ୍ପେଶ–ଏକ୍ସର ବି ଏହି କ୍ଷମତା ରହିଛି। ଚାଇନା ଦୁଇ ଦଶନ୍ଧି ପୂର୍ବେ କକ୍ଷରେ ମଣିଷକୁ ସ୍ଥାପିତ କରିଥିଲା ଓ ଏବେ ତା'ର ଏକ ସ୍ପେଶ ଷ୍ଟେଶନ ପୃଥିବୀକୁ ପରିକ୍ରମା କରୁଛି। କେତେକ ଦେଶ ଅନ୍ତଃରାଷ୍ଟ୍ରୀୟ ସ୍ପେଶ ଷ୍ଟେଶନ ବିକାଶ କରିବା ପୂର୍ବରୁ କେବଳ ଆମେରିକା ଓ ରୁଷିଆ ହିଁ ଏହା କରିପାରିଛନ୍ତି। ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋ ଆସନ୍ତା ବର୍ଷେ କି ଦୁଇ ବର୍ଷରେ କକ୍ଷରେ ମାନବ ସ୍ଥାପିତ କରିବାକୁ ଯୋଜନା କରିଛି। ଏହା ଏତେ ସହଜ ହେବ ନାହିଁ। ଏହି କାର୍ଯ୍ୟ କରିବା ଲାଗି ନିର୍ମାଣ କରାଯାଇଥିବା ରକେଟ ଚଳିତ ମାସ ପ୍ରାରମ୍ଭରେ ପରୀକ୍ଷଣରେ ସଫଳ ହୋଇ ନାହିଁ। ତଥାପି ସୀମିତ ଟେକ୍‌ନୋଲୋଜି ଏବଂ ପାଣ୍ଠିରେ ଭାରତ ବହୁତ ଭଲ କରିଛି। ଆମ ରକେଟ ବୁଷ୍ଟର୍‌ଗୁଡ଼ିକୁ ଫ୍ରାନ୍ସ ଦ୍ୱାରା ପ୍ରଥମେ ଡିଜାଇନ ହୋଇଥିବା ଏକ ପୁରାତନ ଇଞ୍ଜିନ ଶକ୍ତି ଯୋଗାଏ, ଯେଉଁଥିରେ କମ୍ କ୍ଷମତା ସମ୍ପନ୍ନ ଇନ୍ଧନ ହାଇଡ୍ରୋଜେନ ବ୍ୟବହାର ହେଉଛି। କହିବାକୁ ଗଲେ ଭାରତର ଦକ୍ଷତା ଅତି ବିକଶିତ ଦେଶ ଓ କମ୍ପାନୀଗୁଡ଼ିକର କ୍ଷମତା ସହ ସମାନ ନୁହେଁ।

ବିଗତ କିଛି ବର୍ଷ ହେଲା ଏକ ନୂଆ ମହାକାଶ ଦୌଡ଼ ଆରମ୍ଭ ହୋଇଛି। ଏହା କେତେକେ ପ୍ରାଇଭେଟ କମ୍ପାନୀ ଓ ଚାଇନା ଦ୍ୱାରା ଆଗକୁ ବଢୁଛି। ଏବକାର ଦୌଡ଼ରେ ଆମେରିକା ଚନ୍ଦ୍ରରେ ଏକ ବେସ୍ କରିବାକୁ ଚାହୁଁଛି। ମଙ୍ଗଳରେ ବସତି ସ୍ଥାପନ କରିବାର ଯୋଜନା କରୁଛି। ଚଳିତ ବର୍ଷ ଟେକ୍ସାସରେ ଏଥିପାଇଁ ଡିଜାଇନ କରାଯାଇଥିବା ରକେଟର ପରୀକ୍ଷା ଶେଷ ହୋଇଛି। ଇସ୍ରୋ ୨୦୧୩ରେ ମଙ୍ଗଳକୁ ୧୫ କେଜି ଓଜନର ମଙ୍ଗଳାୟନ ଅର୍ବିଟର ପଠାଇଥିବାବେଳେ ଆମେରିକାର ରକେଟ ୧୫୦ ଟନ ଓଜନର ଜିନିଷ ମଙ୍ଗଳକୁ ନେଇ ପାରିବ। ମହାଜାଗତିକ ବସ୍ତୁଗୁଡ଼ିକୁ ଖୋଳି ବିରଳ ମିନେରାଲଗୁଡ଼ିକୁ ପୃଥିବୀକୁ ଆଣିବା ଓ ସ୍ଥାୟୀ ଭାବେ ମଙ୍ଗଳରେ ରହିବା ଏପରି କି ଏହାର ଜଳବାୟୁକୁ ପରିବର୍ତ୍ତନ କରି ପୃଥିବୀ ଜଳବାୟୁ ଭଳି କରିବାର ମଧ୍ୟ ଯୋଜନା ରହିଛି। ଏଥିରୁ ବୁଝାପଡୁଛି ଯେ, ଟେକ୍‌ନୋଲୋଜି ସ୍ତରରେ ନୂଆ ଉତ୍ପାଦ ଓ ସେବାର ବିଶାଳ ସୁଯୋଗ ସାମ୍ନାକୁ ଆସୁଛି। ହାତଗଣତି କେତେକ ପ୍ରାଇଭେଟ କମ୍ପାନୀ, ଆମେରିକା,ଚାଇନା ଏବଂ ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ଏହି ସୁଯୋଗ ଆହୁରି ବଢିଯିବ। ସେମାନଙ୍କ ଦକ୍ଷତା କିଛି ସଂସ୍ଥାକୁ ପ୍ରାପ୍ତ ହେବ ଓ ସଶକ୍ତ କରିବ। ଆଗାମୀ ଦଶନ୍ଧିରେ ଏହି ନୂଆ ଟେକ୍‌ନୋଲୋଜି ସେମାନଙ୍କୁ ଆହୁରି ମଜଭୁତ ହେବ। ମହତ୍ତ୍ୱପୂର୍ଣ୍ଣ ଉଦ୍ଭାବନ ମଧ୍ୟ ଆଗକୁ ଆସିବ ଓ ଏହାକୁ ବିକାଶ କରିଥିବା ସଂସ୍ଥାଗୁଡ଼ିକ ପ୍ରଥମେ ତାହାକୁ ବ୍ୟବହାର କରିବେ ଓ ପରେ ସମ୍ଭବତଃ ଏହାର ବ୍ୟାପକ ବ୍ୟବସାୟିକ ବ୍ୟବହାର ହେବ। ଏହି ଦଶନ୍ଧି ଶେଷ ହେବା ପୂର୍ବରୁ ଆମେ ଏଗୁଡ଼ିକୁ ଦେଖିବା।

ଅନେକ ଦେଶର ଲୋକଙ୍କୁ ନେଇ ଅନ୍ୟ ଗ୍ରହରେ ମାନବ ବସତି ଆମେ ସ୍ଥାପନ କରିବା ପୃଥିବୀ ପାଇଁ କି କାମରେ ଆସିବ ସେ ସମ୍ପର୍କରେ ବିଚାର କରିବା ଦରକାର। ଏହା ସମ୍ଭବ ଯେ, ଯେତେବେଳେ ନୂଆ ଉଦ୍ଭାବନଗୁଡ଼ିକ ଆସିବ ସେତେବେଳେ ବିଶ୍ୱରେ ବ୍ୟାପକ ପରିବର୍ତ୍ତନ ଆସିବ। କିନ୍ତୁ ମଣିଷ ଚନ୍ଦ୍ରରେ ପାଦ ଦେବା ପରେ ପରେ ସ୍ପେଶ୍ ଟେକ୍‌ନୋଲୋଜି କିଭଳି ଭୁଶୁଡି ପଡ଼ିଲା ତାହା ଆମେ ଦେଖିଛୁ। ଏପରିକି ଆମେରିକା ଚନ୍ଦ୍ରରେ ମଣିଷ ପହଞ୍ଚାଇବାର ସେହି ସାମର୍ଥ୍ୟ ହରାଇଲା ଓ ଏଯାବତ ବି ତା'ର ସେହି କ୍ଷମତା ନାହିଁ। କିଛି କାରଣ ଏବକାର ରେସ୍ ବା ଦୌଡକୁ ରୋକି ପାରେ। କିନ୍ତୁ ଏହା କ'ଣ ହୋଇପାରେ ତାହା ଚିନ୍ତା କରିବା କଷ୍ଟକର। ମହାକାଶ ଦୌଡରେ ଉଲ୍ଲେଖନୀୟ ଅଗ୍ରଗତି ହେଉଛି ଓ ଆଗ୍ରହ ମଧ୍ୟ ରହିଛି। ଅତି ଧନୀ ବ୍ୟକ୍ତି ବିଶେଷମାନେ ଏହାକୁ ପାଣ୍ଠି ଯୋଗାଇ ଦେଉଛନ୍ତି। ତେବେ ଭାରତ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଭାଗୀଦାରି ହୋଇ ନ ପାରିବା ଭଳି ଜଣାପଡୁଛି। ତଥାପି ଆମେ ଏ ଦିଗରେ ଦ୍ରୁତ ଗତିରେ ଆଗଉଛୁ ବୋଲି କହୁଛୁ, ହେଲେ ଆମମାନଙ୍କ ପାଇଁ ଏହାର ପ୍ରୟୋଜନିୟତା କିମ୍ବା ତାତ୍ପର୍ଯ୍ୟ କ'ଣ ରହିଛି ତାହା ବିଚାର କରିବା ଦରକାର।

Email:aakar.patel@gmail.com

# ଜନନାୟକ ହେବ ତ ଏମିତି



ବୈକୁଣ୍ଠନାଥ ମିଶ୍ର

ସେ ହେଉଛି ପ୍ରକୃତ ସଭ୍ୟ, ଯେ ବସ୍ତୁ ତିଆରି କରେ ଓ ତାକୁ ସରସ ସୁନ୍ଦର କରି ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରେ ଏବଂ ଉପଭୋକ୍ତାଙ୍କୁ ସନ୍ତୋଷ ପ୍ରଦାନ କରେ। ମାତ୍ର ଯେ ତାକୁ ଉପଭୋଗ କରେ ସେ ବାସ୍ତବ ସଭ୍ୟ ନୁହେଁ। ଏ କଥା କହିଛନ୍ତି 'ଏ ଡାଏଲଗ୍ ଅନ୍ ସିଭିଲାଇଜେଶନ'ର ପ୍ରାବନ୍ଧିକ ସି.ଇ.ଏମ୍. ଜୋଡ। ଆମେ ଭଲ ଜୋତା ଓ ସୁଦୃଶ୍ୟ ପୋଷାକ ପରିଧାନ କରୁ, କିନ୍ତୁ ଏହାର ନିର୍ମାତାକୁ କେବେ ମନେ ପକାଉନାହୁଁ। ଭଲ ଗୃହ ନିର୍ମାଣ କରି ବାସକରୁ; କିନ୍ତୁ ନିର୍ମାତା ବା ଶିଳ୍ପୀର କର୍ମକୁଶଳତାକୁ ଭୁଲିଯାଉ। ଯେଉଁମାନଙ୍କର ନିଷ୍ଠାପର ଉଦ୍ୟମର ଫଳ ଆମେ ଉପଭୋଗ କରି ଆମ ଜୀବନକୁ ସରସ ସୁଗମ କରୁ ତାଙ୍କୁ କେବେ ଶ୍ରେୟ ଦେଇ ନ ଥାଉ। ବାହ୍ୟଦୃଷ୍ଟିରେ ଉପଭୋକ୍ତା ମହାନ୍ ହେଲେ ମଧ୍ୟ ବାସ୍ତବ ମହାନତା ନିହିତ ରହିଛି ଏହାର ନିର୍ମାତାଠାରେ। ଏହା ନିଚ୍ଛକ ସତ୍ୟ ଓ ଏହି ସତ୍ୟକୁ ଯିଏ ଯେତେ ଭଲଭାବରେ ବୁଝିଛି ସେ ସେତେ ମାନବବାଦୀ ଓ ମହତ୍ ଚିନ୍ତାଧାରାର ଅଧିକାରୀ।

ଆମେରିକାର ମୋଟର କମ୍ପାନୀ ଫୋର୍ଡ଼'ର ମାଲିକ ହେନେରୀ ଫୋର୍ଡ ଜଣେ ଅତି ସାଧାରଣ ପରିବାରରେ ଜନ୍ମିତ ବ୍ୟକ୍ତି। ହେନେରୀ ଫୋର୍ଡ ଅଭାବ କଷଣ ମଧ୍ୟରେ ଗତିକରି ପୃଥିବୀର ଜଣେ ଶ୍ରେଷ୍ଠ ଧନୀ ଓ ମାନୀ ବ୍ୟକ୍ତିଭାବେ ପରିଗଣିତ ହୋଇଥିଲେ। ଅନେକ ସମୟରେ ସେ କାରଖାନାକୁ ଯାଇ ଶ୍ରମିକମାନଙ୍କ କଠିନ ପରିଶ୍ରମକୁ ନଜର କରନ୍ତି। ଶ୍ରମିକମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଦିନମାନ ଅକ୍ଳାନ୍ତ ପରିଶ୍ରମ କରି ତାଙ୍କୁ କେବଳ ଅଜସ୍ର ଲାଭ ଦେଇନାହାନ୍ତି; ବରଂ ତାଙ୍କୁ ପୃଥିବୀର ଜଣେ ସମ୍ମାନାସ୍ପଦ ବ୍ୟକ୍ତିଭାବେ ଠିଆହେବାର ସମସ୍ତ ସୁଯୋଗ ଆଣିଦେଇଛନ୍ତି। ଶ୍ରମିକମାନେ ଦିନତମାମ୍ ଅକ୍ଳାନ୍ତ ପରିଶ୍ରମ କରି ରାତିରେ ଦୁଇପଟ ରୁଟି ଖାଇ ଶାନ୍ତିରେ ନିଦ୍ରା ଯାଇପାରୁଥିବାର ଦେଖି ମାଲିକ ହେନେରୀ ଚିନ୍ତା କରନ୍ତି ଯେ, ସେ ଟଙ୍କାର ପାହାଡ଼ ଉପରେ ଥାଇ ମଧ୍ୟ ଭଲରେ ଶେଇପାରୁନାହାନ୍ତି। ସେ ଈଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି, 'ହେ ଈଶ୍ୱର! ଆଗାମୀ ଜୀବନରେ ଯଦି ମୋତେ ମଣିଷ ଜନ୍ମ ମିଳେ, ତେବେ ମୋତେ ଏକ ଶ୍ରମଜୀବୀ ଘରେ ଜନ୍ମ ଦେବ, ଯାହାଫଳରେ ମୁଁ ଏକ ଶାନ୍ତ ସରଳ ଚିନ୍ତାମୁକ୍ତ ଜୀବନ ଜିଇବାର ସୁଯୋଗ ପାଇପାରିବି।' କାରଖାନାର ଶ୍ରମିକମାନଙ୍କ ପାଇଁ ସେ ଥିଲେ ସମ୍ବେଦନଶୀଳ ଓ ଶ୍ରମିକ କଲ୍ୟାଣ ଲାଗି ସେ ଅନେକ କିଛି କରି ଉତ୍ତମ ମାଲିକର ଦୃଷ୍ଟାନ୍ତ ସୃଷ୍ଟି କରିପାରିଛନ୍ତି।





ପ୍ରାଚୀନ ଇଂଲଣ୍ଡର ଏକ କାହାଣୀ, ଯାହା ଇଂଲିଶ୍ କବି ଚାର୍ଲସ୍ ମ୍ୟାକେଙ୍କ କବିତା 'ଦି ମିଲର ଅଫ୍ ଦି ଡି'ରେ ପ୍ରକାଶିତ। ଇଂଲଣ୍ଡର ରାଜା ହଲ୍ ଏକଦା 'ଡି' ନଦୀକୂଳରେ ଭ୍ରମଣ କରୁଥିବା ସମୟରେ ଜଣେ ଅଟାକଳ ମାଲିକର ଅନ୍ତରର ଅଭିବ୍ୟକ୍ତି ଶୁଣିପାରିଲେ। ମିଲ୍‌ର କର୍ମକ୍ଳାନ୍ତ ଜୀବନରୁ କିଛି ସମୟ ଅବ୍ୟାହତି ନେଇ ଡି ନଦୀକୂଳରେ ପଦଚାରଣ କରିବା ଅବସରରେ ମୁକ୍ତକଣ୍ଠରେ ଗୀତ ଗାଉଥାଏ। ତା' ଗୀତର ସାରାଂଶ ହେଲା ଯେ ଦୁନିଆରେ ସେ କାହାଠାରୁ କିଛି ଧାର କରିନାହିଁ, ଯାହା ସେ ଶୁଝିପାରିବ ନାହିଁ। ସେ କେବଳ ଡି ନଦୀଠାରେ ଋଣୀ, ଯାହାର ଜଳଦାନରେ ତା'ର ମିଲ୍ ଚାଲେ ଓ ସେ ତା'ର ତିନିପିଲା ଏବଂ ସ୍ତ୍ରୀକୁ ନେଇ ସୁଖରେ ଜୀବନଯାପନ କରେ। ସେ କହେ, 'ମୁଁ କାହାକୁ କେବେ ଈର୍ଷା କରେନାହିଁ; କିମ୍ବା ମୋତେ କେହି ଈର୍ଷା କରନ୍ତି ନାହିଁ।' ଏ କଥା ଶୁଣି ରାଜା ହଲ୍ କହିଲେ, ଏ କଥା କୁହନାହିଁ ବନ୍ଧୁ! କାରଣ ଇଂଲଣ୍ଡର ରାଜା ହୋଇ ମଧ୍ୟ ମୁଁ ତୁମ ସୁଖମୟ ଜୀବନଯାପନକୁ ଈର୍ଷା କରୁଛି। କାରଣ ମୁଁ ତୁମ ପରି ସୁଖୀ ନୁହେଁ। ମନେହେଉଛି ବନ୍ଧୁ ! ତୁମ ସହ ମୁଁ ସ୍ଥାନ ପରିବର୍ତ୍ତନ କରନ୍ତି ଅର୍ଥାତ୍ ତୁମକୁ ଇଂଲଣ୍ଡର ରାଜପଦରେ ଅଭିଷିକ୍ତ କରି ତୁମ କଳର ମାଲିକ ହୋଇ ତାକୁ ଚଳାନ୍ତି। ବାସ୍ତବରେ କଠିନ ପରିଶ୍ରମ କରି ସ୍ୱଳ୍ପ ରୋଜଗାର କରୁଥିଲେ ମଧ୍ୟ ତୁମେ ବହୁତ ସୁଖୀ। ତୁମ ପରି ଲୋକମାନେ ଇଂଲଣ୍ଡର ଗର୍ବ ଓ ଗୌରବ। ଏପରି ଦରଦୀ ଜନନାୟକ ବାସ୍ତବରେ ବିରଳ।

ଆଉ ଜଣେ ଦରଦୀ ଜନନାୟକ ହେଉଛନ୍ତି ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ। କାରରେ ଏକ ସରକାରୀ କାର୍ଯ୍ୟକ୍ରମ ପାଇଁ ଯାଉଥିବା ଅବସରରେ ରାଜଧାନୀ ଉପକଣ୍ଠ ରାଜରାସ୍ତା ପାର୍ଶ୍ୱରେ ଥିବା ପୁଷ୍ପ ଉଦ୍ୟାନରେ ଗଭୀର ମନୋନିବେଶ କରି ମାଳିଟି କାର୍ଯ୍ୟରତ ଥିଲା। ପ୍ରଧାନମନ୍ତ୍ରୀ ଡ୍ରାଇଭରକୁ ଗାଡ଼ି ରଖିବାକୁ କହି ମାଳିର କାର୍ଯ୍ୟଧାରାକୁ କିଛି ସମୟ ନିରୀକ୍ଷଣ କଲେ। ମାଳିଟିର କର୍ତ୍ତବ୍ୟପରାୟଣତା, ଦାୟିତ୍ୱବୋଧ ଓ ସର୍ବୋପରି ତାର କର୍ମକୁଶଳତାକୁ ଲକ୍ଷ୍ୟକରି ଅତ୍ୟନ୍ତ ପ୍ରସନ୍ନ ହେଲେ। ପ୍ରଧାନମନ୍ତ୍ରୀ ଆବେ ଗାଡ଼ିରୁ ଓହ୍ଲାଇ ଉଦ୍ୟାନ ମଧ୍ୟରେ ପ୍ରବେଶ କଲେ ଓ ମାଳିର ପଛପଟୁ ତା' କାନ୍ଧରେ ହାତ ରଖି କହିଲେ, 'ଦୀର୍ଘ ସମୟ ଧରି କାର୍ଯ୍ୟକରି ତୁମେ କ୍ଳାନ୍ତ ହୋଇପଡ଼ିଲଣି। ଆଜି ପାଇଁ ତୁମକୁ ଛୁଟି ଦିଆଗଲା। ଏବେ ତୁମେ ଘରକୁ ଯାଇ ଆରାମ କର।' ପ୍ରଧାନମନ୍ତ୍ରୀଙ୍କୁ କେବେ ଦେଖି ନ ଥିବା ମାଳିଟି ଆଗନ୍ତୁକଙ୍କୁ ଚାହିଁଲା ଓ କହିଲା, ତୁମେ କିଏ ମୁଁ ତ ଜାଣେନା! ଯଦି ସ୍ୱୟଂ ପ୍ରଧାନମନ୍ତ୍ରୀ ମୋତେ କାମ ବନ୍ଦକରି ଯିବାକୁ କହନ୍ତି ତେବେ ମଧ୍ୟ ମୁଁ ଯିବିନାହିଁ। କାରଣ ଆଜିର କାମ ଆଜି ଶେଷ ନ କଲେ, କାଲିକୁ ଏହା ଦ୍ୱିଗୁଣିତ ହେବ ଏବଂ କାଲି ମୋତେ ଆଜି ଅପେକ୍ଷା ଅଧିକ ପରିଶ୍ରମ କରିବାକୁ ପଡ଼ିବ। ବରଂ ମୋତେ ଉପଦେଶ ନ ଦେଇ ତୁମେ ତୁମ ବାଟରେ ଯାଅ ଓ ମୋତେ ମୋ କାମ କରିବାକୁ ଦିଅ। ଜଣେ କର୍ତ୍ତବ୍ୟରେ ଥିବା ବ୍ୟକ୍ତିର କାର୍ଯ୍ୟରେ ଅନ୍ତରାୟ ଘଟାଇ ତୁମେ ଦେଶର କି ମଙ୍ଗଳ କରିବାକୁ ଚାହଁ? ପରେ ପ୍ରଧାନମନ୍ତ୍ରୀ ନିଜର ପରିଚୟ ଦେଲାପରେ ବିଚରା ମାଳିଟି ଅପରାଧ ବୋଧରେ କାନ୍ଦି ପକାଇଲା। କିନ୍ତୁ ପ୍ରଧାନମନ୍ତ୍ରୀ ତାକୁ ଆଲିଙ୍ଗନ କରି ଆଶ୍ୱାସନାଭରା କଣ୍ଠରେ କହିଲେ, ବାସ୍ତବରେ ମୁଁ ନୁହେଁ ତୁମ ପରି ଲୋକଙ୍କ ଯୋଗୁ ଜାପାନ ଆଜି ସମୃଦ୍ଧ ହୋଇଛି। ତୁମେ ଦେଶର ଗର୍ବ ଆଉ ଗୌରବ।

ଜଣେ ଉପଭୋକ୍ତାକୁ ନୁହେଁ ବରଂ ନିର୍ମାତାକୁ ସମସ୍ତ ଶ୍ରେୟ ମିଳିବା ଆବଶ୍ୟକ। ହେନେରୀ ଫୋର୍ଡ ହୁଅନ୍ତୁ କି ରାଜା ହଲ୍ କିମ୍ବା ସିଞ୍ଜୋ ଆବେ ହୁଅନ୍ତୁ ଜଣେ ଜଣେ ଦରଦୀ ମଣିଷର ଉଦାହରଣ। ସେହିପରି କାରଖାନାର ଶ୍ରମିକ ହୁଅନ୍ତୁ କିମ୍ବା ମିଲ୍ ଚାଳକ ଅବା ଜାପାନର ମାଳି ଜଣେ ଜଣେ ନିଷ୍ଠାପର କର୍ତ୍ତବ୍ୟପରାୟଣ ବ୍ୟକ୍ତିତ୍ୱର ଉଦାହରଣ, ଯେଉଁମାନଙ୍କର ନିଷ୍ଠାପର ଶ୍ରମ ଦାନରେ ଦେଶର ବିକାଶ ସମ୍ଭବ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

ଏ ସମ୍ପର୍କରେ ସତ୍ୟ ଶକ୍ତି ଫାଉଣ୍ଡେଶନର ସିଇଓ ଶିଖା ଶର୍ମା କହିଛନ୍ତି, ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଉପରେ ସଚେତନ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଆମେ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରିପାରିଥିବାରୁ ବହୁତ ଖୁସି। ଭବିଷ୍ୟତରେ ଏଭଳି ଆହୁରି ଅନେକ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଆମେ ଆଶା ରଖିଛୁ। ଆମର ଏହି ପଦକ୍ଷେପକୁ ସମର୍ଥନ କରିଥିବା ସିଆଇଓର ଏମ୍‌ଡି ବିବେକ ତିୱାରୀଙ୍କୁ ଅଶେଷ ଧନ୍ୟବାଦ ଜଣାଉଛୁ। ଲୋକଙ୍କ ସେବାରେ ଫାଉଣ୍ଡେଶନ ନିଜକୁ ଉତ୍ସର୍ଗୀକୃତ କରିବାକୁ ଅତିରିକ୍ତ ପ୍ରୟାସ ଜାରି ରଖିଛି। ଏଥିରେ ଅଂଶ ଗ୍ରହଣ କରିଥିବା ଡାକ୍ତରମାନଙ୍କୁ ମୁଁ ନିଜର କୃତଜ୍ଞତା ଜଣାଉଛି। ଏହି ଶିବିର ଦ୍ୱାରା ସ୍ଥାନୀୟ ଲୋକମାନେ ନିଜର ସ୍ୱାସ୍ଥ୍ୟ ଯତ୍ନ ଓ ସୁରକ୍ଷା ବିଷୟରେ ଅଧିକ ଜାଣିବା ସହ ବହୁଳ ଭାବରେ ଉପକୃତ ହୋଇପାରିବେ ଓ ସେମାନଙ୍କ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଆଣିପାରିବେ। ଓଡ଼ିଶାର ଗ୍ରାମାଞ୍ଚଳର ଲୋକମାନଙ୍କୁ ସୁସ୍ଥ ଓ ନୀରୋଗ ରଖିବା ଲକ୍ଷ୍ୟରେ ଏହି ଶିବିରଗୁଡ଼ିକ ପରିଚାଳିତ ହେଉଛି। କୋଭିଡ୍-୧୯ ନିୟମ ଅନୁପାଳନ କରି ପଞ୍ଜାବ,ହରିୟାଣା, ହିମାଚଳ ପ୍ରଦେଶ ଏବଂ ଓଡ଼ିଶା ଭଳି ରାଜ୍ୟରେ ୪୦ରୁ ଅଧିକ ଶିବିରର ଆୟୋଜନ କରାଯାଇଛି। ପ୍ରତ୍ୟେକ ଶିବିର ସତ୍ୟ ଶକ୍ତି ଫାଉଣ୍ଡେଶନ ଓ ସତ୍ୟ ମାଇକ୍ରୋ କ୍ୟାପିଟାଲ ଲିମିଟେଡ୍‌ର କର୍ମଚାରୀଙ୍କ ତତ୍ତ୍ୱାବଧାନରେ କରାଯାଉଛି। ଏହି ଶିବିରରେ ଅଭିଜ୍ଞ ଡାକ୍ତରମାନେ ଲୋକମାନଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ଓ ସ୍ୱାସ୍ଥ୍ୟ ପରୀକ୍ଷା କରି ଉପଯୁକ୍ତ ପରାମର୍ଶ ପ୍ରଦାନ କରୁଛନ୍ତି।

# ହୋଣ୍ଡା ଇଣ୍ଡିଆ ଫାଉଣ୍ଡେଶନର ଆଇଡିଟିଆର୍



ନୂଆଦିଲ୍ଲୀ ,୬।୮

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ସହଯୋଗୀ ଅନୁଷ୍ଠାନ ହୋଣ୍ଡା ଇଣ୍ଡିଆ ଫାଉଣ୍ଡେଶନ (ଏଚ୍‌ଆଇଏଫ୍) ପକ୍ଷରୁ ହରିୟାଣା ସରକାରଙ୍କ ମିଳିତ ସହଯୋଗରେ ହରିୟାଣାର କର୍ନାଲଠାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଆଇଡିଟିଆର୍) ସହ ଏକ କମ୍ୟୁନିଟି ପାର୍କର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପରିବହନ ମନ୍ତ୍ରୀ ମୋଲଚାନ୍ଦ ଶର୍ମା, ଏଚ୍‌ଆଇଏଫ୍‌ର ଅଧ୍ୟକ୍ଷ ଆତସୁସି ଓଗାତା, ଟ୍ରଷ୍ଟି ବିନୟ ଢିଙ୍ଗରେ, ଟ୍ରଷ୍ଟି କାଟ୍‌ସୁୟୁକି ଓକାୱା, ଏଚ୍‌ଏମ୍‌ଏସ୍‌ଆଇର ସିଏସ୍‌ଆର୍ କମିଟି ସଦସ୍ୟ ଭି .ଶ୍ରୀଧର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏଚ୍‌ଆଇଏଫ୍‌ର ଅଧ୍ୟକ୍ଷ ଆତସୁସି ଓଗାତା କହିଛନ୍ତି, ସମାଜ ଯେଉଁଭଳି ଚାହୁଁଛି ସେହିଭଳି ଏକ କମ୍ପାନୀରେ ପରିଣତ ହେବା ଲାଗି ଆମ ଦୀର୍ଘ ମିଆଦୀ ଲକ୍ଷ୍ୟରେ ସଡ଼କ ସୁରକ୍ଷା ଓ ପରିବେଶ ପ୍ରମୁଖ ସ୍ତମ୍ଭ ହୋଇ ରହିଛୁ। କର୍ନାଲର ବଲ୍‌ଡି ବାଇପାସ୍‌ର ଇନ୍ଦ୍ରୀ ରୋଡ୍ ନିକଟ ନୂଆ ବସ୍‌ଷ୍ଟାଣ୍ଡ ପାଖରେ ୯.୨୫ ଏକର ଜମିରେ ଆଇଡିଟିଆର୍ ସ୍ଥାପନ କରାଯାଇଛି, ଯେଉଁଥିରେ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ରିଫ୍ରେସର ଓ ଲର୍ନର କୋର୍ସ ପ୍ରଦାନ କରାଯିବ। ଏଥିରେ ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ମଧ୍ୟ ରହିଛି। ଏଠାରେ କର୍ପୋରେଟ୍ ଓ ଫ୍ଲିଟ୍ ମାଲିକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ସେହିଭଳି କର୍ନାଲର ସେକ୍ଟର ୭ରେ ସୌରଶକ୍ତିଚାଳିତ ଏକ କମ୍ୟୁନିଟି ପାର୍କର ଶୁଭାରମ୍ଭ କରାଯାଇଛି। ଏଥିରେ ଖୋଲା ଜିମ୍, ରନିଂ ଟ୍ରାକ୍ ଆଦି ରହିଛି।

# ନ୍ୟାଚୁରାଲ ସେଲୁନର ନ୍ୟୁ ଆଉଟ୍‌ଲେଟ୍

ଭୁବନେଶ୍ୱର,୬।୮

ସାରା ଦେଶରେ ମହିଳାମାନଙ୍କୁ ସୌନ୍ଦର୍ଯ୍ୟତାର ସେବା ଯୋଗାଉଥିବା ପ୍ରମୁଖ ଘରୋଇ ସଂସ୍ଥା 'ନ୍ୟାଚୁରାଲ୍ ସେଲୁନ'ର ଆଉ ଏକ ଆକର୍ଷଣୀୟ ଷ୍ଟୋର ନିକଟରେ ସ୍ଥାନୀୟ କଳିଙ୍ଗ ନଗରଠାରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତା ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନ୍ୟାଚୁରାଲସ ସେଲୁନର ପ୍ରତିଷ୍ଠାତା ଭିନା କୁମାରଭେଲ୍, ସହ ପ୍ରତିଷ୍ଠାତା ସି.କେ. କୁମାରଭେଲ୍, ମାଷ୍ଟର ଫ୍ରାଞ୍ଚାଇଜି ଲୋପାମୁଦ୍ରା ପ୍ରଧାନ ଓ ଫ୍ରାଞ୍ଚାଇଜି ଗାର୍ଗୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ବିଶେଷକରି ହେୟାର କଟ୍, ଦାଢ଼ି ସଜେଇବା, କେଶର ଯତ୍ନ ନିମନ୍ତେ ଟ୍ରିଟ୍‌ମେଣ୍ଟ, ହେୟାର ଷ୍ଟ୍ରେଟ୍‌ନିଂ, ହେୟାର କଲରିଂ, ବ୍ରାଇଡାଲ ଓ ଗ୍ରୁମ୍ ମେକ୍‌ଅପ୍ ସହ ପେଡିକ୍ୟୁର ଓ ମେନିକ୍ୟୁରର ସୁବିଧା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଦେଶରେ ନ୍ୟାଚୁରାଲର ୭୦୦ ଆଉଟ୍‌ଲେଟ ଥିବାବେଳେ ଓଡ଼ିଶାରେ ଏହାକୁ ମିଶାଇ ୧୫ ଟି ଷ୍ଟୋର ରହିଛି। ନ୍ୟାଚୁରାଲ୍ସ ସେଲୁନ ସର୍ବଦା ଉତ୍ତମ ସର୍ଭିସ୍ ଓ ସ୍ୱାସ୍ଥ୍ୟକର ପରିବେଷରେ ଗ୍ରାହକମାନଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇଥାଏ। ସେହିଭଳି ନ୍ୟାଚୁରାଲ୍ସ ସାଲୋନ୍ ବିଶ୍ୱସ୍ତରୀୟ ଉତ୍ପାଦ ବ୍ୟବହାର କରିଥାଏ। ବିଶ୍ୱର ଅଗ୍ରଣୀ ପ୍ରସାଧନ ଓ ମେକଅପ୍ ସାମଗ୍ରୀ ହିଁ ଏଠାରେ କେବଳ ବ୍ୟବହାର କରାଯାଏ।

# ଆଭା ଶକ୍ତି ମହିଳାଙ୍କୁ ଏକ ସ୍ୱତନ୍ତ୍ର ଓଡ଼ିଆ ପରିଚୟ

ଭୁବନେଶ୍ୱର,୬।୮



ଓଡ଼ିଶା ସରକାର ଓ ଟାଟା ପାୱାରର ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସକୁ ଆଖି ଆଗରେ ରଖି ଶନିବାର ସ୍ଥାନୀୟ ରାଜ୍ୟ ସଚିବାଳୟ (ଲୋକସେବା ଭବନ)ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭା ଶକ୍ତି ମହିଳା (ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚ୍‌ଜି) ସଦସ୍ୟାଙ୍କୁ ହାତ ତିଆରି ଇକତ୍ ଶାଢ଼ି ଓ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଢୋକ୍ରା ବ୍ୟାଜ୍ ବଣ୍ଟନ କରାଯାଇଛି। ଏହି ଅବସରରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏମ୍.ସେନ୍‌ବାଗମ୍ ଓ ଟିପିସିଓଡିଏଲ୍ ଓ ଟାଟା ପାୱାରର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଦେବ କହିଛନ୍ତି, ଦେଶର ବିକାଶ ଓ ମହିଳା ସଶକ୍ତୀକରଣ ପାଇଁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅଭିବୃଦ୍ଧି ଗୁରୁତ୍ୱପୂର୍ଣ୍ଣ। ମୁଁ ବହୁତ ଖୁସି ଯେ ଆମର ଐତିହ୍ୟର ପ୍ରସାର କରିବା ସହିତ ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ସହିତ ଟାଟା ପାୱାର ସହଯୋଗିତା ସ୍ଥାପନ କରିଛି। ସେହିଭଳି ଟିପିସିଓଡିଏଲ୍‌ର ସିଇଓ ସେନ୍‌ବାଗମ କହିଛନ୍ତି, ଆମର ଆଭା ଶକ୍ତି ସଦସ୍ୟାମାନେ ହେଉଛନ୍ତି ପରିବର୍ତ୍ତନର ବାର୍ତ୍ତାବହ। ସେମାନେ ସ୍ଥାନୀୟ ଗୋଷ୍ଠୀଙ୍କୁ ପ୍ରେରଣା ଦେବା ସହ ଟିପିସିଓଡିଏଲ୍‌ର ସାମାଜିକ ବିକାଶ ପ୍ରୟାସରେ ଯୋଗଦାନ କରୁଛନ୍ତି। ସେମାନଙ୍କ ସହଯୋଗିତାକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଆମେ ସେମାନଙ୍କ ପାଇଁ ଏକ ନୂଆ ପରିଚୟ ପ୍ରସ୍ତୁତ କରିଛୁ, ଯାହା ହେଉଛି ପାରମ୍ପରିକ ଓଡ଼ିଆ କାରିଗରି ଓ ନୂଆ ପିଢ଼ିର ପଦ୍ଧତିର ମିଶ୍ରଣ ଯାହା ସ୍ଥାନୀୟ ସଂସ୍କୃତିର ପ୍ରସାର କରିବ। ସେହିପରି ଟାଟା ପାୱାରର ସଭାପତି (ଟି ଆଣ୍ଡ ଡି) ସଞ୍ଜୟ ବାଙ୍ଗା କହିଛନ୍ତି, ଟାଟା ପାୱାର ଏହାର ସିଏସ୍‌ଆର୍ ଦର୍ଶନ ଅଧୀନରେ ମହିଳା ସଶକ୍ତୀକରଣ ଓ ସାମାଜିକ ଉଦ୍ୟମିତା ଉପରେ ସର୍ବଦା ଗୁରୁତ୍ୱ ପ୍ରଦାନ କରୁଛି। ଜାତିସଂଘର ଏସ୍‌ଡିଜି ସହ ଖାପଖୁଆଇ ସାମଗ୍ରିକ ନିରନ୍ତର ବିକାଶକୁ ତ୍ୱରାନ୍ୱିତ କରିବା ସହ ଆଞ୍ଚଳିକ ଐତିହ୍ୟର ପ୍ରସାର ଓ ସଂରକ୍ଷଣ ଲାଗି ଆମର ଉଦ୍ୟମକୁ ପ୍ରସ୍ତୁତ କରାଯାଇଛି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରାଣକୃଷ୍ଣ ବେହେରା**
ରଙ୍ଗଣି ସାହି, ବାଳକାଟି
ଆବିର୍ଭାବ-୦୧।୦୧।୧୯୫୨
ତିରୋଧାନ- ୨୮।୦୭।୨୦୨୨
"ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶଦେହେ ତୁମେ ଆୟୁଷ୍ମାନ"
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ମଦନମୋହନ ଦେବଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ- ଧର୍ମପତ୍ନୀ: କୁସୁମ ମଞ୍ଜରୀ, ପୁତ୍ର: ଅଜୟ କୁମାର, କନ୍ୟା: ନମିତା, ସସ୍ମିତା, କବିତା, ରଶ୍ମିତା, ବବିତା, ନାତୁଣୀ: ପ୍ରତୀକ୍ଷା, ଶ୍ୱେତପଦ୍ମା, ଶ୍ରୀ, ନାତି: ଓମ୍, ସାଇ ସୁମନ, ଦେଶବନ୍ଧୁ ମେଡିକାଲ ଷ୍ଟୋରର ସମସ୍ତ କର୍ମକର୍ତ୍ତା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୦୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଚମ୍ପାବତୀ ମାଝୀ (ବୁଲ୍‌ବୁଲ୍)**
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ତିରୋଧାନ: ୦୭।୦୮।୨୦୨୧
ଆପଣ ଛାଡ଼ି ଯାଇଥିବା ସ୍ଥାନ ଅପୂରଣୀୟ। ଆପଣଙ୍କ ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ ଓ ପରୋପକାର ସବୁଦିନ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଅମର ଆତ୍ମା ଚିରଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି: ମା: ଶାକ୍ରମଣି, ସ୍ୱାମୀ: କାଳିଦାସ ମାଝୀ, ଝିଅ: ଜିନି, ରିନି, ଭାଇ: ଶଙ୍କର, କୃଷ୍ଣଚରଣ, ବିଷ୍ଣୁଚରଣ, ଭଉଣୀ: ଲକ୍ଷ୍ମୀ, ପୂର୍ଣ୍ଣିମା, ଅନିତା, ଦୁର୍ଗା, ଶ୍ରୀଲେଖା ଓ ଘାସିରାମ, ଯଦୁନାଥ, ଅନ୍ୟମାନେ।
ଧ-୭୩୭୧୧

**ଜନ୍ମଦିନ ଶୁଭେଚ୍ଛା**



**ସୁଶ୍ରୀ ସାଇଶ୍ରଦ୍ଧା ସିଂହ (ରୁହି)**
ନରସିଂହପୁର, ଦଶପଲ୍ଲା
ଆଜି ତୋର ଚତୁର୍ଥ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥ ଏବଂ ସାଇନାଥଙ୍କ ଅପାର କରୁଣାରୁ ତୋର ଆଗାମୀ ଜୀବନ ପ୍ରଫୁଲ୍ଲିତ ହେଉ ଏବଂ କୁସୁମିତ ହେଉ, ଏହାହିଁ ପ୍ରାର୍ଥନା।
ଶୁଭେଚ୍ଛା ସହ: ବାବା, ମାମା, ଦାଦା, ଦାଦି, ନାନା, ନାନୀ, ମାମୁ, ମାଇଁ, କାକା, କାକୀ, ପୁପା, ପୁପୁ, ଭାଇ, ଭଉଣୀ ଏବଂ ସମସ୍ତ ସିଂହ ପରିବାରବର୍ଗ।
ଧ-୧୨୧୪

**CLASSIFIED DISPLAY**
MORE SPACE * SAME PRICE
TARIFF — For Single Day | For 7 Days | For 15 Days | For 30 days — GST 5%

**India's No.1 Company**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 80,000,00/-
ପାଆନ୍ତୁ ଓ ମାସକୁ
ଭଡା 80,000/-
ଟଙ୍କା ପାଆନ୍ତୁ +
ବାଇକ୍ ପାଆନ୍ତୁ



Belaundi, Amarpura, Kaimur, Bihar - 821109
Call or SMS
7735130553

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଇଂଲଣ୍ଡ ବିପକ୍ଷ ସେମିଫାଇନାଲ କ୍ରିକେଟ ମ୍ୟାଚ୍‌ରେ ୭୬ରନ ପାର୍ଟନରଶିପ୍ ଅବସରରେ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା।

# ରାଜ୍ୟଗୋଷ୍ଠୀ ଫାଇନାଲରେ ଭାରତ

## ମନ୍ଧାନାଙ୍କ ଦ୍ରୁତ ଅର୍ଦ୍ଧଶତକ

ବର୍ମିଂହାମ,୬।୮(ପି.ଟି)

ସ୍ମୃତିମନ୍ଧାନାଙ୍କଦ୍ରୁତଅର୍ଦ୍ଧଶତକସହାୟତାରେରାଜ୍ୟଗୋଷ୍ଠୀ ମହିଳା କ୍ରିକେଟର ପ୍ରଥମ ସଂସ୍କରଣରେ ଭାରତ ପଦକ ପକ୍କା କରିଛି। ଘରୋଇ ଇଂଲଣ୍ଡକୁ ୪ ରନରେ ପରାସ୍ତ କରି ଭାରତ ଫାଇନାଲ ବର୍ଥରେ ସ୍ଥାନ ପକ୍କା କରି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ମନ୍ଧାନାଙ୍କ ଦ୍ରୁତ ୬୪ ଓ ଜେମିମା ରୋଡ୍ରିଗ୍ସେଜଙ୍କ ଅପରାଜିତ ୪୪ ରନ୍ ବଳରେ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୬୪ ରନ କରିଥିଲା। ଜବାବରେ ଇଂଲଣ୍ଡ ବିଜୟର ନିକଟତର ହୋଇଥିଲେ ହେଁ ୪ ରନ୍ ଦୂରରେ ରହି ଯାଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ମନ୍ଧାନା ଓ ଶେଫାଳି ବର୍ମା ପ୍ରଥମ ୱିକେଟରେ ଦ୍ରୁତ ୭୬ ରନ ଯୋଡିଥିଲେ। ଶେଫାଳି ଧୀମା ବ୍ୟାଟିଂ କରିଥିବା ବେଳେ ମନ୍ଧାନା କିନ୍ତୁ ବିସ୍ଫୋରକ ଇନିଂସ ଖେଳିଥିଲେ। ୩୨ ବଲ୍ ଖେଳି ସେ ୮ ଚୌକା ଓ ୩ ଛକା ସହିତ ୬୧ ରନ କରିଥିଲେ। ୧ ରନ ବ୍ୟବଧାନରେ ଦୁଇ ଓପନର ଆଉଟ ହୋଇଥିବା ବେଳେ ଭାରତର ରନ ହାର ସାମାନ୍ୟ ଧୀମେଇ ଯାଇଥିଲା। ଜେମିମା ଅପରାଜିତ ୪୪ ରନ୍ କରିଥିବା ବେଳେ ହରମନପ୍ରୀତ କୌର୍(୨୦) ଓ ଦୀପ୍ତି ଶର୍ମା(୨୨) ରନର ଉପଯୋଗୀ ଅବଦାନ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଫ୍ରେୟା କେମ୍ପ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ୧୬୫ ରନର ପିଛା କରୁଥିବା ଇଂଲଣ୍ଡ ପକ୍ଷରୁ ଅଧିନାୟିକା ନାଟାଲି ସ୍କିଭର ସର୍ବାଧିକ ୪୧ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡାନିଏଲ ୱାୟାଟ୍(୩୫) ଓ ଏମି ଜୋନ୍ସ ୩୧ ରନ୍ କରିଥିଲେ। ସଫଳ ବୋଲର ଭାବରେ ସ୍ନେହ ରାଣା ସର୍ବାଧିକ ଦୁଇଟି ୱିକେଟ ନେଇଥିଲେ। ଶେଷ ଓଭରରେ ୧୪ ରନ ଆବଶ୍ୟକ ରହିଥିବା ବେଳେ ରାଣା ଡିଫେଣ୍ଡ କରିଥିଲେ। ଫାଇନାଲରେ ଭାରତ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ମ୍ୟାଚର ବିଜେତାଙ୍କୁ ଭେଟିବ।

# ଦୁଇ ପଦକ ପକ୍କା କଲେ ଶରଥ



ଅଷ୍ଟ୍ରେଲିଆର ଜି ମିନ୍‌ହ୍ୟୁଙ୍ଗ୍ ଓ ଲୁମ୍ ନିକୋଲାସ ବିପକ୍ଷ ସେମିଫାଇନାଲ ମ୍ୟାଚରେ ଭାରତୀୟ ଯୋଡ଼ି ଶରଥ କମଲ ଓ ଶ୍ରୀଜା ଆକୁଲା।

**ବର୍ମିଂହାମ୍, ୬।୮(ପି.ଟି.):** ଭାରତର ଷ୍ଟାର ଟେବୁଲ ଟେନିସ ଖେଳାଳି ଶରଥ କମଲ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଅତିକମ୍‌ରେ ଦୁଇ ପଦକ ପକ୍କା କରିଛନ୍ତି। ଶରଥ ପ୍ରଥମେ ଜି. ସାଥିୟାଁଙ୍କୁ ସାଥୀ କରି ପୁରୁଷ ଡବଲ୍ସ ସେମିଫାଇନାଲ ମୁକାବିଲାରେ ଅଷ୍ଟ୍ରେଲୀୟ ଯୋଡ଼ି ନିକୋଲାସ ଲୁମ୍ ଓ ମିନ୍‌ୟୁଙ୍ଗ୍ ଜି'ଙ୍କୁ ୩-୨ (୧୧-୯, ୧୧-୮, ୯-୧୧, ୧୨-୧୪, ୧୧-୭)ରେ ହରାଇ ଦେଇଥିଲେ। ସ୍ୱର୍ଣ୍ଣ ପଦକ ମ୍ୟାଚରେ ଭାରତୀୟ ଯୋଡ଼ି ବର୍ତ୍ତମାନ ଇଂଲଣ୍ଡର ପଲ୍ ଡ୍ରିଙ୍କାଲ ଓ ଲିଆମ୍ ପିଚ୍‌ଫୋର୍ଡଙ୍କୁ ଭେଟିବେ। ଶରଥ ପରେ ଶ୍ରୀଜା ଆକୁଲାଙ୍କୁ ସାଥୀ କରି ଅଷ୍ଟ୍ରେଲିଆର ନିକୋଲାସ ଲୁମ୍ ଓ ମିନୟଙ୍ଗ୍ ଜି'ଙ୍କୁ ୩-୨ରେ ପରାସ୍ତ କରି ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ଯୋଡ଼ି ୧୧-୯, ୧୧-୮, ୯-୧୧, ୧୨-୧୪, ୧୧-୭ରେ ଜିତିଥିଲେ। ସ୍ୱର୍ଣ୍ଣ ପଦକ ପାଇଁ ସେମାନେ ମାଲେସିଆର କାରେନ ଲିନ୍ ଓ ଚୁଙ୍ଗ୍ ଜାୟେନଙ୍କ ସହ ମୁକାବିଲା କରିବାକୁ ପଡ଼ିବ।

# ଟ୍ରିପଲ ଜମ୍ପର ସେଲ୍‌ଭାଙ୍କୁ ରୌପ୍ୟ

## ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍

କାଲି(କଲମ୍ବିଆ),୬।୮(ପି.ଟି)



୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ଭାରତୀୟ ଆଥଲେଟଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ପୁରୁଷ ଟ୍ରିପଲ ଜମ୍ପରେ ସେଲଭା ପି ଥିରୁମାରନ ରୌପ୍ୟ ପଦକ ଜିତିଛନ୍ତି। ୧୭ ବର୍ଷୀୟ ଏହି ଆଥଲେଟ ଜଣକ ୧୬.୧୫ ମିଟରର ଦୂରତା ଅତିକ୍ରମ କରିଥିବା ବେଳେ ଇସ୍ତୋନିଆର ଭିକ୍ଟର ମୋରୋଜୋଭଙ୍କ ଠାରୁ ୨ ସେମି ଆଗରେ ରହିଥିଲେ। ଚାମ୍ପିୟନଶିପ୍ ରେକର୍ଡ ସହିତ ଜାମାଇକାର ଜେଡନ୍ ହିବର୍ଟ ୧୭.୨୭ ମିଟର ଦୂରତା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ନିଜର ଦ୍ୱିତୀୟ ପ୍ରୟାସରେ ସେଲଭା ଏହି ଦୂରତା ହାସଲ କରିଥିଲେ। ଚଳିତ ବିଶ୍ୱ ଚାମପିୟନଶିପରେ ଭାରତ ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ହାସଲ କରିଛି। ପୂର୍ବରୁ ବିଶ୍ୱ ଜୁନିୟର ଚାମ୍ପିୟନଶିପ ନାମରେ ପ୍ରସିଦ୍ଧ ଏହି ଟୁର୍ନାମେଣ୍ଟରେ ଭାରତ ପାଇଁ ୨୦୧୬ରେ ପ୍ରଥମ ପଦକ ଜିତିଥିଲେ ନୀରଜ ଚୋପ୍ରା। ୨୦୨୧ରେ ନାଇରୋବି ସଂସ୍କରଣରେ ଭାରତ ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ଜିତିବାରେ ସମର୍ଥ ହୋଇଥିଲା।

# ପଙ୍ଘାଲ, ନିଖତ, ନୀତୁ ଫାଇନାଲରେ

ବର୍ମିଂହାମ୍, ୬।୮(ପି.ଟି.)



ଇଂଲଣ୍ଡର ସାଭାନା ଅଲଫିଆ ଷ୍ଟବ୍‌ଲି (ଡାହାଣ)ଙ୍କ ବିପକ୍ଷ ମହିଳା ଫ୍ଲାଇୱେଟ୍ ବକ୍ସିଂ ସେମିଫାଇନାଲରେ ଲଢୁଛନ୍ତି ଭାରତର ନିଖତ ଜରିନ।

### ବକ୍ସିଂ

ଭାରତୀୟ ବକ୍ସର ଅମିତ ପଙ୍ଘାଲ (୫୧କେଜି) କ୍ରମାଗତ ଦ୍ୱିତୀୟ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫାଇନାଲରେ ପ୍ରବେଶ କରିଥିବା ବେଳେ ନୀତୁ ଘନଘାସ୍ (୪୮କେଜି) ତାଙ୍କର ପ୍ରଥମ ପଦାର୍ପଣରେ ସ୍ୱର୍ଣ୍ଣ ଦୌଡ଼ରେ ରହିଛନ୍ତି। ଗତ ସଂସ୍କରଣରେ ସ୍ୱର୍ଣ୍ଣ ଜିତିଥିବା ପଙ୍ଘାଲ ଏଥର ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟରେ ଅଛନ୍ତି। ସେମିଫାଇନାଲରେ ସେ ଜାମ୍ବିଆର ପ୍ୟାଟ୍ରିକ୍ ଚିନ୍‌ୟେମ୍ବାଙ୍କୁ ୫-୦ ସର୍ବସମ୍ମତି ନିର୍ଣ୍ଣୟରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ୨୧ ବର୍ଷୀୟା ନୀତୁ ସର୍ବନିମ୍ନ ଓଜନ କାଟେଗୋରିରେ କାନାଡାର ପ୍ରିୟଙ୍କା ଧିଲୋଁଙ୍କ ବିପକ୍ଷରେ ସହଜ ବିଜୟ ହାସଲ କରିଛନ୍ତି। ତାଙ୍କ ପ୍ରଦର୍ଶନ ଏତେ ପ୍ରଭାବୀ ରହିଥିଲା ଯେ, ରେଫରି ମୁକାବିଲାକୁ ଆଗୁଆ ରୋକିବାକୁ ବାଧ ହୋଇଥିଲେ। ସ୍ୱର୍ଣ୍ଣ ପଦକ ଜିତିବାକୁ ହେଲେ ଉଭୟଙ୍କୁ ରବିବାର ଫାଇନାଲ ସ୍ଥାନୀୟ ଚ୍ୟାଲେଞ୍ଜର କିଆରାନ ମ୍ୟାକ୍‌ଡୋନାଲ୍ଡ (ପୁରୁଷ ଫ୍ଲାଏ) ଓ ଡେମି-ଜେଡ୍ ରେଜଷ୍ଟାନ (ଓମେନ୍ସ ମିନିମମ୍)ଙ୍କୁ ପରାସ୍ତ କରିବାକୁ ପଡ଼ିବ। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ବକ୍ସର ନିଖତ ଜରିନ ମହିଳା ୪୮କେଜି ଶ୍ରେଣୀ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଇଂଲଣ୍ଡର ଷ୍ଟବ୍ଲେ ଆଲଫିଆ ସାଭାନାଙ୍କୁ ହରାଇ ଦେଇଛନ୍ତି।

## ଭାରତ-ଅଷ୍ଟ୍ରେଲିଆ ମ୍ୟାଚ

# କ୍ଷମା ମାଗିଲା ଏଫ୍‌ଆଇଏଚ୍

**ବର୍ମିଂହାମ,୬।୮(ପି.ଟି):** ଭାରତୀୟ ହକି ଦଳର ପରାଜୟକୁ ନେଇ କ୍ଷମା ପ୍ରାର୍ଥନା କରିଛି ଏଫ୍‌ଆଇଏଚ୍। ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯାଉଥିବା ସେମି ଫାଇନାଲରେ ପେନାଲ୍ଟି ଶୁଟଆଉଟ ସମୟରେ ଟାଇମିଂକୁ ନେଇ ବିବାଦ ଦେଖାଦେଇଥିଲା। ମ୍ୟାଚ୍ ଅଫିସଆଲ ବି. ମୋର୍ଗାନ ପ୍ରଥମ ପେନାଲ୍ଟି ସମୟରେ ଟାଇମର ଅନ୍ କରିବାକୁ ଭୁଲି ଯାଇଥିଲେ। ଅଷ୍ଟ୍ରେଲିଆର ରୋଜ୍ ମାଲୋନ୍ ପେନାଲ୍ଟି ନେଉଥିବା ସମୟରେ ୧୦ ସେକେଣ୍ଡରୁ ଅଧିକ ସମୟ ନେଇଥିଲେ ଏବଂ ସ୍କୋର କରିବାରେ ବିଫଳ ହୋଇଥିଲେ। ତେବେ ଏହାକୁ ଟାଇମିଂ ଭୁଲ ଦର୍ଶାଇ ଆଉଥରେ ସ୍କୋର କରିବାର ସୁଯୋଗ ଦିଆଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ଗୋଲ୍ ସ୍କୋର କରିବା ସହିତ ୩-୦ରେ ବିଜୟୀ ହୋଇଥିଲା। ଏଭଳି ବୈଷୟିକ ତ୍ରୁଟି ପାଇଁ ହକି ଇଣ୍ଡିଆ ଓ ଭାରତୀୟ ଦଳକୁ ଅନ୍ତର୍ଜାତୀୟ ହକି ଫେଡେରେସନ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଥିଲା। ତେବେ ଏହି ଗୋଲ୍ ହିଁ ମ୍ୟାଚର ରୂପରେଖ ବଦଳେଇ ଦେଇଥିଲା ବୋଲି ଭାରତୀୟ ଦଳର କୋଚ୍ ଜାନେକ ଶପ୍‌ମ୍ୟାନ୍ କହିଛନ୍ତି। ଜଣେ ଖେଳାଳିଙ୍କୁ ସ୍କୋର କରିବା ପାଇଁ ୮ ସେକେଣ୍ଡର ସମୟ ଦିଆଯାଏ ତେବେ ମାଲୋନ ୧୦ରୁ ଅଧିକ ସେକେଣ୍ଡର ସମୟ ନେଇଥିଲେ। ଭାରତୀୟ ଦଳର ଅଧିନାୟକା କିନ୍ତୁ ଖରାପ ଭାଗ୍ୟକୁ ଦୋଷ ଦେଇଛନ୍ତି। ଖେଳାଳି ମାନେ ଭଲ ପ୍ରଦର୍ଶନ କରିଥିଲେ ହେଁ ଭାଗ୍ୟ ସାଥ୍ ନ ଦେବାରୁ ପରାଜିତ ହୋଇଥିଲା।

# ଆମେରିକାକୁ ହରାଇଲା ଭାରତ 'ବି'

## ଚେସ୍ ଅଲିମ୍ପିଆଡ

ମାମଲ୍ଲାପୁରମ୍,୬।୮(ପି.ଟି)

ଚେନ୍ନାଇରେ ଆୟୋଜିତ ୪୪ତମ ଫିଡେ ଚେସ୍ ଅଲିମ୍ପିଆଡରେ ଭାରତ ବି ଏହାର ଚମତ୍କାର ପ୍ରଦର୍ଶନ ଜାରି ରଖିଛି। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ଆମେରିକାକୁ ୩-୧ରେ ପରାସ୍ତ କରିଛି ଭାରତ ବି। ଏହି ମ୍ୟାଚରେ ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ରହିଥିବା ଫାବିଆନୋ କାରୁଆନାଙ୍କୁ ପରାସ୍ତ କରିଛନ୍ତି ଗୁକେଶ। ଏହା ସହିତ ଟୁର୍ନାମେଣ୍ଟରେ କ୍ରମାଗତ ୮ମ ବିଜୟ ହାସଲ କରିଛନ୍ତି ଡି. ଗୁକେଶ। ଏହା ସହିତ ଲାଇଭ ରେଟିଂରେ ବିଶ୍ୱନାଥନ ଆନନ୍ଦଙ୍କ ପଛକୁ ସେ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଖେଳାଳି ପାଲଟିଛନ୍ତି। ଗ୍ରାଣ୍ଡମାଷ୍ଟର ରୌନକ ସାଧ୍ୱାନି ନିଜ ଠାରୁ ଉଚ୍ଚମାନ୍ୟତା ପ୍ରାପ୍ତ ଡୋମିନିଗେଜ୍ ପରେଜଙ୍କୁ ପରାସ୍ତ କରିଛନ୍ତି। ନିହାଲ ସରିନ୍ ଏବଂ ଆର. ପ୍ରଜ୍ଞାନନ୍ଦ ନିଜ ମୁକାବିଲା ଯଥାକ୍ରମେ ଲେଭୋନ୍ ଆରୋନିଆନ୍ ଏବଂ ୱେସଲେଙ୍କ ବିପକ୍ଷରେ ଡ୍ର ରଖିଥିଲେ।



ଡି. ଗୁକେଶ

ଓପନ ଇଭେଣ୍ଟର ଅନ୍ୟ ଏକ ମ୍ୟାଚରେ ଇଣ୍ଡିଆ ସି ୦.୫-୨.୫ ବ୍ୟବଧାନରେ ପେରୁ ନିକଟରୁ ପରାସ୍ତ ହୋଇଛି। ସୂର୍ଯ୍ୟ ଶେଖର ଗାଙ୍ଗୁଲି ଓ ଅଭିଜିତ୍ ଗୁପ୍ତା ନିଜଠାରୁ କମ୍ ମାନ୍ୟତାପ୍ରାପ୍ତ ଏମିଲିଓ କୋର୍ଡୋଭା ଏବଂ ରେନାଟୋ ଟେରିଙ୍କ ନିକଟରୁ ପରାଜିତ ହୋଇଥିଲେ। ସେହିପରି ଓପନ ବର୍ଗରେ ଦ୍ୱିତୀୟ ସିଡର ମାନ୍ୟତା ପାଇଥିବା ଭାରତ ଏ ଆର୍ମେନିଆ ସହିତ ପଏଣ୍ଟ ବାଣ୍ଟିଛି। ଅଧିନାୟକ ଭିଦିତ ସନ୍ତୋଷ ଗୁଜରାଠୀ ଓ ଏସ୍ ଏଲ୍ ନାରାୟଣନ ନିଜ ମୁକାବିଲା ଡ୍ର ରଖିଥିଲେ।

ମହିଳା ବିଭାଗରେ ଟପ୍ ସିଡେଡ୍ ଇଣ୍ଡିଆ ଏ ୟୁକ୍ରେନ୍ ବିପକ୍ଷ ମୁକାବିଲା ଡ୍ର ରଖିଛି। କୋନେରୁ ହମ୍ପି, ଡି ହାରିକା ଓ ତାନିଆ ସଚଦେବ ଯଥାକ୍ରମେ ମାରିଆ ମଜିଚୁକ, ଆନ୍ନା ମଜିଚୁକ୍ ଓ ନାଟାଲିଆ ବକ୍ସାଙ୍କ ସହିତ ଡ୍ର ରଖିଥିଲେ। ପଦ୍ମିନୀ ରାଉତ, ଭାନ୍ତିକା ଅଗ୍ରୱାଲ ଓ ଦିବ୍ୟା ଦେଶମୁଖ ନିଜ ମୁକାବିଲାରେ ବିଜୟୀ ହୋଇଥିବା ବେଳେ କ୍ରୋଏସିଆକୁ ୩.୫-୧.୫ରେ ପରାସ୍ତ କରିଛି ଭାରତ ବି। ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଭାରତ ସି ମହିଳା ଦଳ ୧-୩ରେ ପରାଜିତ ହୋଇଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୭/୨୦୨୨ (୧୨+୮=୨୦ ପୃଷ୍ଠା) Bhubaneswar, Sunday, August 7/2022 Page 20 | ପୃଷ୍ଠା-୧



**ଭିନେଶ ଫାଇନାଲରେ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ୫୩ କିଗ୍ରା ବର୍ଗରେ ରେସ୍‌ଲର ଭିନେଶ ଫୋଗତ ଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି।

୦୮

୦୨

**ୱେବ୍ ସିରିଜ୍‌ରେ କାଜଲ**

ବଲିଉଡ୍ ନାୟିକା କାଜଲ 'ଦ ଗୁଡ୍ ୱାଇଫ୍' ୱେବ୍ ସିରିଜ୍ ଜରିଆରେ ଓଟିଟି ପ୍ଲାଟ୍‌ଫର୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି।



# ବଢୁଛି କୋଭିଡ୍ ସଂକ୍ରମଣ

## ଓଡ଼ିଶା ସମେତ ୭ ରାଜ୍ୟକୁ କେନ୍ଦ୍ରର ଆଡଭାଇଜରି

**ନୂଆଦିଲ୍ଲୀ,୬।୮**

ଓଡ଼ିଶା ସମେତ ୭ ରାଜ୍ୟରେ କୋଭିଡ୍ ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଥିବାବେଳେ ଏହାକୁ ନେଇ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂକ୍ରମଣ ରୋକିବା ଲାଗି ମାସ୍କ ପିନ୍ଧିବା, ଦୂରତ୍ୱ ବଜାୟ ରଖିବା ଆଦି କୋଭିଡ୍ ନିୟମ ପାଳନକୁ କଡ଼ାକଡ଼ି କରିବା, ପରୀକ୍ଷା ଓ ଟିକାକରଣ ବଢ଼ାଇବା ପାଇଁ କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଲାଗି ଆଡଭାଇଜରି ଜାରି କରାଯାଇଛି। ଅନ୍ୟ ରାଜ୍ୟଗୁଡ଼ିକ ହେଲେ ଦିଲ୍ଲୀ, କେରଳ, କର୍ନାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଓ ତାମିଲନାଡୁ। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବିଭିନ୍ନ ଅଞ୍ଚଳରେ ଜନସମାଗମ ହେବ। ଏହା କୋଭିଡ୍ ସଂକ୍ରମଣକୁ ଆହୁରି ବଢ଼ାଇବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି।

ଭାରତରେ ଗୋଟିଏ ଦିନରେ ୧୯,୪୦୬ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୪ ଘଣ୍ଟାରେ ୪୯ ଜଣଙ୍କ ମୃତ୍ୟୁ ଘଟିଛି। ଦିଲ୍ଲୀରେ ଗୋଟିଏ ଦିନରେ ୨,୪୧୯ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହା ୬ ମାସ ମଧ୍ୟରେ ସର୍ବାଧିକ। ସେଠାରେ ସଂକ୍ରମଣ ହାର ସପ୍ତାହେ ମଧ୍ୟରେ ୫.୯୦ ପ୍ରତିଶତରୁ ୯.୯୮ ପ୍ରତିଶତକୁ ବୃଦ୍ଧି ପାଇଛି। ଓଡ଼ିଶାରେ ଦିନକରେ ୮୩୬ ମାମଲା ଚିହ୍ନଟ ହୋଇଥିବା ଜଣାପଡ଼ିଛି। କେରଳରେ ଦିନକୁ ହାରାହାରି ୨,୩୪୭ ଏବଂ ମହାରାଷ୍ଟ୍ରରେ ୨,୧୩୫ ସଂକ୍ରମିତ ହେଉଥିବା ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

# ସୋମବାର ଯୁକ୍ତ୨ କଳା ପରୀକ୍ଷା ଫଳ

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ପରୀକ୍ଷା ଫଳ ସୋମବାର ୮ତାରିଖରେ ପ୍ରକାଶ ପାଇବ। ଅପରାହ୍ନ ୪ଟାରେ ପରିଷଦ କାର୍ଯ୍ୟାଳୟରେ ଫଳ ଘୋଷଣା କରାଯିବ। ଏ ନେଇ ଶନିବାର ସିଏଚ୍ଏସ୍ଇ ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷା ଫଳ www. odisharesults.nic.inରେ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ଏହି ୱେବସାଇଟ୍ ମାଧ୍ୟମରେ ପରୀକ୍ଷା ଫଳ ଦେଖିପାରିବେ। ଯୁକ୍ତ୨ କଳା ସହ ଉକ୍ତ ଦିନ ଧନ୍ଦାମୂଳକ ଶିକ୍ଷାର ମଧ୍ୟ ଫଳ ପ୍ରକାଶ ପାଇବ।

ଗତ ୨୭ରେ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ବିଜ୍ଞାନରେ ପାସ୍ ହାର ୯୪% ଓ ବାଣିଜ୍ୟରେ ପାସ୍ ହାର ୮୯% ରହିଥିଲା। ଚଳିତ ବର୍ଷ ୭୨,୧୦୬ ଜଣ ☞ପୃଷ୍ଠା–୨

# ଗହମ ମିଳୁନି, ଉଷୁନା ବୋଝ

*କେବଳ ଖାଦ୍ୟରୁଚି ବଦଳିବା କାରଣ ନୁହେଁ, ଜାଳେଣି ଖର୍ଚ୍ଚ ଏବଂ ରାନ୍ଧିବା ସମୟ ଯୋଗୁ ଲୋକେ ଚାଉଳ, ବିଶେଷକରି ଉଷୁନାଠାରୁ ମୁହଁ ମୋଡ଼ିନେଲେଣି। ଏହାର ବିକଳ୍ପ ଖାଦ୍ୟ ଗହମର ମୂଲ୍ୟ ଏବେ ଅହେତୁକ ବୃଦ୍ଧି ଘଟିଛି। ଓଡ଼ିଶାରେ ସରକାରୀ ବ୍ୟବସ୍ଥାରେ ସୁଲଭ ମୂଲ୍ୟରେ ଗହମ ମିଳୁ ନ ଥିବାରୁ ଲୋକେ ଏବେକାର ବର୍ଦ୍ଧିତ ବଜାର ଦରକୁ ନେଇ ଘାଇଲା ହୋଇପଡ଼ିଛନ୍ତି।*

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

ସହର ହେଉ କି ଗାଁ, ସବୁଠି ଲୋକମାନଙ୍କର ଖାଦ୍ୟରୁଚି ବଦଳିଲାଣି। ଆଗ ଭଳି ଆଉ ଲୋକମାନେ ୩ ବକ୍ତ ଭାତ ଖାଇବାକୁ ପସନ୍ଦ କରୁନାହାନ୍ତି। ଏହା ବଦଳରେ ରୁଟି କିମ୍ବା ଗହମ ତିଆରି ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି। ଏପରି ସ୍ଥଳେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଗତ ୨ ମାସ ହେବ ଗହମ ଯୋଗାଣକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ଗହମ ମିଳୁ ନ ଥିବାରୁ ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ରାଶନ କାର୍ଡଧାରୀଙ୍କ ପକ୍ଷେ ବଜାରରୁ ଗହମ ବା ଅଟା କିଣିବା କାଠିକର ହୋଇଛି। ଗହମ ଯୋଗାଣ ବନ୍ଦ ନିଷ୍ପତ୍ତିକୁ ଖାଉଟିମାନେ ତୀବ୍ର ବିରୋଧ କରିଛନ୍ତି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍ଏଫ୍ଏସ୍ଏସ୍) ହିତାଧିକାରୀଙ୍କୁ ପିଡିଏସ୍‌ରେ ଯୋଗାଇ ଦିଆଯାଉଥିବା ଗହମକୁ ଗତ ଜୁନ୍‌ରୁ ବନ୍ଦ କରି ଦିଆଯାଇଛି। ୨୦୨୩ ମାର୍ଚ୍ଚ ଯାଏ କେନ୍ଦ୍ର ସରକାର ରାଜ୍ୟକୁ ଆଉ ଗହମ ଯୋଗାଇବେ ନାହିଁ। ରାଜ୍ୟର ବଳକା ଚାଉଳ (ପ୍ରାୟତଃ ଉଷୁନା)କୁ ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କ ମଧ୍ୟରେ ବାଣ୍ଟିବାକୁ ନିଷ୍ପତ୍ତି ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟଣାଓଟରା ଭିତରେ ରାଶନକାର୍ଡଧାରୀ ବଳି ପଡ଼ିଛନ୍ତି। ଯେଉଁ ହିତାଧିକାରୀମାନେ ଗହମ ନେଉଥିଲେ ସେମାନେ ନିରୁପାୟ ହୋଇ ଚାଉଳ ନେଉଛନ୍ତି। ରାଜ୍ୟ ସରକାରଙ୍କ ଅନୁରୋଧ ପରେ କେନ୍ଦ୍ର ଖାଦ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ହିତାଧିକାରୀମାନଙ୍କୁ ଆସନ୍ତା ୧୦ ମାସ ଯାଏ କେବଳ ଚାଉଳ ଦେବାକୁ ଅନୁମତି ଦେଇଛି। ଫଳରେ ଗହମ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହୋଇପଡ଼ିଥିବା ହିତାଧିକାରୀମାନେ ବଜାରରୁ ଅଧିକ ଦାମ ଦେଇ ଅଟା କିଣିବାକୁ ବାଧ୍ୟ ହେଉଛନ୍ତି।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏନ୍ଏଫ୍ଏସ୍ଏ ହିତାଧିକାରୀଙ୍କ ମଧ୍ୟରୁ ୧୪% ଲୋକ ଗହମ ନେଉଥିବା ବେଳେ ୮୬% ଚାଉଳ ☞ପୃଷ୍ଠା–୨

# ବଜାର ମୂଲ୍ୟରେ ରେକର୍ଡ ବୃଦ୍ଧି

- ଓଡ଼ିଶାରେ କୁଇଣ୍ଟାଲ ୨୬୦୦ରୁ ୨୭୦୦ ଟଙ୍କା
- ଦିଲ୍ଲୀ ମଣ୍ଡିଗୁଡ଼ିକରେ ୨୫୦୦ ଅତିକ୍ରମ କଲା



**ଭୁବନେଶ୍ୱର/ନୂଆଦିଲ୍ଲୀ,୬।୮**

ଦେଶରେ ଗହମ ମୂଲ୍ୟରେ ରେକର୍ଡ ବୃଦ୍ଧି ଘଟିଛି। ଶନିବାର ଦିଲ୍ଲୀରେ ୩୦ ଟଙ୍କା ବଢ଼ିବା ପରେ ଏହାର କୁଇଣ୍ଟାଲ ପିଛା ମୂଲ୍ୟ ୨୫୫୦ ହୋଇଛି। ଅନ୍ୟପକ୍ଷରେ ଗହମ ଉତ୍ପାଦନକାରୀ ରାଜ୍ୟ ହରିୟାଣାରେ ୨୪୦୦ ଟଙ୍କା ଏବଂ ରାଜସ୍ଥାନରେ ୨୩୭୦ ଟଙ୍କା ରହିଛି। ଓଡ଼ିଶାରେ ଏହାର ମୂଲ୍ୟ ଯଥେଷ୍ଟ ଅଧିକ। ରାଜ୍ୟରେ ଉପଲବ୍ଧ ଗହମର ବିଭିନ୍ନ ମାନ ଅନୁଯାୟୀ କୁଇଣ୍ଟାଲ ପିଛା ଦର ୨୬୦୦ରୁ ୨୭୦୦ ଟଙ୍କା ରହିଛି। ପ୍ରାୟ ୨ ମାସ ତଳେ ରାଜ୍ୟରେ ଗହମର କୁଇଣ୍ଟାଲ ଦର ପ୍ରାୟ ୧୮୦୦ ଟଙ୍କା ରହିଥିଲା ବୋଲି ଓଡ଼ିଶା ବ୍ୟବସାୟୀ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି।

ଜଳବାୟୁ ପରିବର୍ତ୍ତନ, ୟୁକ୍ରେନ–ରୁଷିଆ ଯୁଦ୍ଧ, ଭାରତୀୟ ରପ୍ତାନି ନୀତି ଗହମ ମୂଲ୍ୟବୃଦ୍ଧିର ପ୍ରମୁଖ କାରଣ। କୃଷିବିତ୍, ପରିବେଶବିତ୍ ଏବଂ ବ୍ୟବସାୟୀମାନଙ୍କ କହିବାନୁଯାୟୀ, ଚଳିତବର୍ଷ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଗହମ ଉତ୍ପାଦନ ହ୍ରାସ ପାଇଛି। ତଦନୁଯାୟୀ ଘରୋଇ ଯୋଗାଣ ପ୍ରଭାବିତ ହୋଇଛି। ନୂଆଦିଲ୍ଲୀର ଲରେନ୍ସ ରୋଡ୍‌ସ୍ଥିତ ମଣ୍ଡିର ଜୟ ପ୍ରକାଶ ଜିନ୍ଦଲ କହିଛନ୍ତି, କିଛିଦିନ ହେଲା ପ୍ରତିଦିନ ଗହମର ଦରବୃଦ୍ଧି ଘଟୁଛି। ବିଶ୍ୱର ପ୍ରମୁଖ ଗହମ ଉତ୍ପାଦନ ଓ ରପ୍ତାନି କରୁଥିବା ଦେଶ ରୁଷିଆ–ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିବା ଯୋଗୁ ସାରା ବିଶ୍ୱରେ ଏହି ଖାଦ୍ୟଶସ୍ୟର ଯୋଗାଣ ଶୃଙ୍ଖଳ ଗୁରୁତର ☞ପୃଷ୍ଠା–୨

ଓଡ଼ିଶା ସରକାର

**ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ**

୭ ଅଗଷ୍ଟ ୨୦୨୨

ଆମ ବୁଣାକାର, ଆମ ହସ୍ତତନ୍ତ
ଆମ ପରମ୍ପରା, ଆମ ଗୌରବ।

#OdishaHandloomMagic



ଆୟୋଜକ: ବୟନିକା ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

# ସଂଭୋଗ କ୍ଷେତ୍ରରେ ଖୁସି ଆଣିଛି ଫିଲ୍ମ

**ୱାଶିଂଟନ:** ଚଳଚ୍ଚିତ୍ରରେ ଅଭିନୟ କରୁଥିବା କଳାକାରମାନେ ଚରିତ୍ରକୁ ନେଇ ଏଭଳି ମାତ୍ରାରେ ପ୍ରଭାବିତ ହୋଇଥାନ୍ତି ଯେ, କିଛିଦିନ ସେହି ଚରିତ୍ର ଭିତରେ ସେମାନେ ରହିଯାନ୍ତି। ଅନେକ ସମୟରେ ଦେଖିବାକୁ ମିଳିଛି ଯେ ବିଭିନ୍ନ ଚରିତ୍ରରେ ଅଭିନୟ କରିବା ଫଳରେ କେତେଜଣ କଳାକାରଙ୍କ ବ୍ୟକ୍ତିଗତ ଜୀବନରେ ପରିବର୍ତ୍ତନ କିମ୍ବା ସୁଧାର ଆସିଛି। ସେମିତି ଘଟଣା ହଲିଉଡ୍ ଅଭିନେତ୍ରୀ ଜେନିଫର କୁଲିଜ୍‌ଙ୍କ ସହ ଘଟିଛି। ନିକଟରେ ଏକ ସାକ୍ଷାତ୍କାରରେ ସେ ଏ କଥା କହିଛନ୍ତି। ତାଙ୍କ ଦ୍ୱାରା ଅଭିନୀତ ଆଡଲ୍ଟ ଫିଲ୍ମ 'ଆମେରିକାନ୍ ପି' ଜରିଆରେ ତାଙ୍କ ସଂଭୋଗ ଜୀବନରେ ଉନ୍ନତି ସାଙ୍ଗକୁ ଖୁସି ଆସିଥିବା ସେ କହିଛନ୍ତି। ଫିଲ୍ମରେ ସେ ଜଣେ ସେନ୍‌ସୁଅସ୍ ମହିଳା ଚରିତ୍ରରେ ଅଭିନୟ କରିଥିଲେ। ଫିଲ୍ମ ପରେ ସେ ୨୦୦ ପୁରୁଷଙ୍କ ସହ ବେଡ୍ ଶେୟାର କରିଥିବା କହିଛନ୍ତି। ଫିଲ୍ମରେ ଜେନିଫର ତାଙ୍କ ପୁଅ ଷ୍ଟିଫଲରଙ୍କ କ୍ଲାସ୍‌ମେଟ୍ ସହ ଅନୈତିକ ସମ୍ପର୍କ ରଖିଥିଲେ। ଜେନିଫରଙ୍କ ବ୍ୟତୀତ ଫିଲ୍ମରେ ଜାସୋନ୍ ବିଗ୍‌ସ, ଆଲିସନ ହାନିଗାସ୍, ସିନ୍ ୱିଲିୟମ୍ ସ୍କଟ ପ୍ରମୁଖ କଳାକାର ଅଭିନୟ କରିଥିଲେ।


ଜେନିଫର କୁଲିଜ୍

# ୱେବ୍ ସିରିଜ୍‌ରେ କାଜଲ

**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିର ଚୁଲବୁଲି ନାୟିକା କାଜଲ ଓଟିଟି (ଓଭର୍ ଦ ଟପ୍) ପ୍ଲାଟ୍‌ଫର୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି। 'ଦ ଗୁଡ୍ ୱାଇଫ୍' କାଜଲଙ୍କ ପ୍ରଥମ ୱେବ୍ ସିରିଜ୍। ତେବେ ଏହାର ଶୁଟିଂ ଆସନ୍ତା ସପ୍ତାହରେ ଆରମ୍ଭ ହେବାକୁ ଥିବା ସେ କହିଛନ୍ତି। ଆମେରିକୀୟ ୱେବ୍ ସିରିଜ୍‌ର ଏହା ରିମେକ୍ ବୋଲି କାଜଲ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଅରିଜିନାଲ ସିରିଜ୍‌ରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଜୁଲିଆନା ମାର୍ଗୁଲିଜ୍। ସ୍ୱାମୀ ପଲିଟିକାଲ, ସେକ୍ସ ସ୍କାଣ୍ଡାଲ୍‌ରେ ଫସିବା ପରେ ତାଙ୍କୁ ବଞ୍ଚାଇବାକୁ ଯାଇ ସ୍ତ୍ରୀ କିପରି ଲ' ପ୍ରାକ୍ଟିସ୍ କରୁଛନ୍ତି ତା' ଉପରେ ସିରିଜ୍‌ର କାହାଣୀ ପର୍ଯ୍ୟବସିତ। ବଲିଉଡ୍‌ର ଅନେକ କଳାକାର ଏବେ ଓଟିଟି ପ୍ଲାଟ୍‌ଫର୍ମ ଆଡ଼କୁ ମୁହାଁଇଛନ୍ତି। ବର୍ତ୍ତମାନ ସମୟରେ ଫିଲ୍ମ ଅପେକ୍ଷା ୱେବ୍ ସିରିଜ୍‌ର ଚାହିଦା ମଧ୍ୟ ବଢ଼ିବାର ଦେଖିବାକୁ ମିଳୁଛି, ଯେଉଁ କାରଣରୁ ଏବେ ପ୍ରତ୍ୟେକ କଳାକାର ୱେବ୍ ସିରିଜ୍ ବା ଓଟିଟି ପ୍ଲାଟଫର୍ମରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।



# ସାପ ନେଲା ଦୁଇ ଭାଇଙ୍କ ପ୍ରାଣ

**ଭାଇଙ୍କ ଅନ୍ତିମ ସଂସ୍କାର ପାଇଁ ଆସିଥିବା ଭାଇ ସାପ କାମୁଡ଼ାରେ ମୃତ**

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ବଳରାମପୁରରେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ସାପ କାମୁଡ଼ାରେ ଭାଇଙ୍କ ମୃତ୍ୟୁ ହେବା ପରେ ତାଙ୍କ ଅନ୍ତିମ ସଂସ୍କାର ପାଇଁ ଆସିଥିଲେ ସାନ ଭାଇ ଗୋବିନ୍ଦ। ଦାହ ସଂସ୍କାର କାମ ସାରି ରାତିରେ ଶୋଇଥିବାବେଳେ ଉକ୍ତ ଯୁବକ ଜଣଙ୍କୁ ସାପ କାମୁଡ଼ିବା ଯୋଗୁ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଯୁବକ ଜଣକ ଯେଉଁ କୋଠରିରେ ଶୋଇଥିଲେ ସେଠାରେ ଥିବା ଆଉ ଜଣେ ସମ୍ପର୍କୀୟ ଭାଇଙ୍କୁ ମଧ୍ୟ ସାପ କାମୁଡ଼ିଛି କିନ୍ତୁ ସେ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଗତ ମଙ୍ଗଳବାର ସାପ କାମୁଡ଼ାରେ ଅରବିନ୍ଦ ମିଶ୍ର (୩୮)ଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ତାଙ୍କ ଶେଷକୃତ୍ୟ ପାଇଁ ଘରଠାରୁ ଦୂରରେ ରହୁଥିବା ଭାଇ ଗୋବିନ୍ଦ ଗାଁକୁ ଆସିଥିଲେ। ଗୁରୁବାର ସେ ଶୋଇଥିବା ସମୟରେ ସମାନ ଭାବେ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା ସର୍କଲ ଅଫିସର ରାଧାରମନ ସିଂ କହିଛନ୍ତି। ସ୍ଥାନୀୟ ବିଧାୟକ ଉକ୍ତ ପରିବାରକୁ ଭେଟିଥିବାବେଳେ ଉଚ୍ଚ ମେଡିକାଲ ଅଧିକାରୀ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପରିବାରକୁ ଆବଶ୍ୟକ ସହାୟତା ଯୋଗାଇବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ଲାଗି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ୩୦ ବର୍ଷ ଧରି ମହରମ ପାଳୁଛନ୍ତି ହିନ୍ଦୁ ପରିବାର



**ଲକ୍ଷ୍ନୌ:** ଉତ୍ତର ପ୍ରଦେଶର ପ୍ରୟାଗରାଜରେ ରହୁଥିବା ଏକ ହିନ୍ଦୁ ପରିବାର ୩୦ ବର୍ଷ ଧରି ମହରମ ପାଳୁଛନ୍ତି। ଅରବିନ୍ଦ ଗୁପ୍ତାଙ୍କ ପୂର୍ବରୁ ତାଙ୍କ ତିନିପିଢ଼ି ଏହି ପ୍ରଥା ପାଳନ କରିଆସୁଥିବାବେଳେ ସେ ମଧ୍ୟ ଏହାକୁ ମାନିଆସୁଥିବା କହିଛନ୍ତି। ଶ୍ରାବଣମାସରେ ଶିବଭକ୍ତ ଅରବିନ୍ଦ ତାଙ୍କ ଘରକୁ ଇମାମବରା ପାଇଁ ସଜାଇଛନ୍ତି। ଇମାମବରା ଯେଉଁଠାରେ ମୁସଲମାନ ସମ୍ପ୍ରଦାୟ ଲୋକେ ମଜଲିସ୍ କରିଥାନ୍ତି। ଶିବ ଭଗବାନଙ୍କ ଉପରେ ତାଙ୍କର ଆସ୍ଥା ଥିବାବେଳେ ନୱାସା-ଇ-ରସୁଲ ହାଜରାତ ଇମାମ୍ ହୁସେନଙ୍କ ଉପରେ ମଧ୍ୟ ତାଙ୍କର ସମାନ ଭରସା ରହିଛି। କିଛିଦିନ ହେବ ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ମୁଣ୍ଡଟେକିଥିବାବେଳେ ଅରବିନ୍ଦଙ୍କ ପରିବାର ଧର୍ମ ସମାନତା ପାଇଁ ଏକ ଉଦାହରଣ ତିଆରି କରୁଥିବା ଦେଖିବାକୁ ମିଳିଛି।

# ରୋଗୀ ପେଟରୁ ବାହାରିଲା ଗ୍ଲାସ୍

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ଜୈନପୁରରେ ଜଣେ ରୋଗୀଙ୍କ ପେଟରୁ ଷ୍ଟିଲ୍ ଗ୍ଲାସ୍ ବାହାରିଛି। କିଛିଦିନ ହେବ ସୋମରନାଥଙ୍କ ପେଟରେ ଯନ୍ତ୍ରଣା ଅନୁଭବ ହେବା କାରଣରୁ ସେ ଠିକ୍‌ରେ ଖାଉ ନ ଥିଲେ। ହେଲେ ରୋଗ ସମସ୍ୟା ଦିନକୁ ଦିନ ବଢ଼ିବାରୁ ସେ ଡାକ୍ତରଖାନା ଯାଇଥିଲେ। ସେଠାରେ ଏକ୍ସ-ରେ କଲା ପରେ ତାଙ୍କ ପେଟରେ ଗ୍ଲାସ୍ ଭଳି ଏକ ବସ୍ତୁ ଥିବା ଡାକ୍ତର ରିପୋର୍ଟରେ ଦେଖିବାକୁ ପାଇଥିଲେ। ତେବେ ମଳଦ୍ୱାର ବାଟେ ଗ୍ଲାସ୍ ବାହାର କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇ ନଥିଲା। ଏହାପରେ ସୋମନାଥଙ୍କ ଅସ୍ତ୍ରୋପଚାର କରାଯାଇ ପେଟରୁ ଗ୍ଲାସ୍‌ଟିକୁ କଢ଼ାଯାଇଥିଲା। ତେବେ ପେଟକୁ କିଭଳି ଗ୍ଲାସ୍ ଗଲା ସେ ବିଷୟରେ ସୋମନାଥ ଜାଣି ନ ଥିବା କହିଛନ୍ତି।



# ଐତିହ୍ୟର ପ୍ରତୀକ ହସ୍ତତନ୍ତ

**ଜାତୀୟ ହସ୍ତତନ୍ତ ଦିବସ**

**ହ**ସ୍ତତନ୍ତ ଆମର ଗୌରବମୟ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଏବଂ ଜୀବିକାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ବୟନ ମନ୍ତ୍ରଣାଳୟ ପକ୍ଷରୁ ୭ ଅଗଷ୍ଟ ୨୦୨୨ରେ ଅଷ୍ଟମ ଜାତୀୟ ହସ୍ତତନ୍ତ ଦିବସ ଆୟୋଜନ କରିବାକୁ ଯାଉଛି। ୨୦୧୫ରେ କେନ୍ଦ୍ର ସରକାର ଅଗଷ୍ଟ ୭କୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ, ଯାହା ୧୯୦୫ ଅଗଷ୍ଟ ୭ରେ ଆରମ୍ଭ ହୋଇଥିବା ସ୍ୱଦେଶୀ ଆନ୍ଦୋଳନକୁ ସ୍ମରଣୀୟ କରିଥାଏ। ଏହି ଆନ୍ଦୋଳନ ଭାରତୀୟମାନଙ୍କୁ ବିଦେଶୀ ପୋଷାକ ବଦଳରେ ସ୍ୱଦେଶୀ ବୁଣା ପୋଷାକ ପିନ୍ଧିବାକୁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ସ୍ୱଦେଶୀ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲାଗି ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ଏହି ଜାତୀୟ ଉତ୍ସବ ଅବସରରେ ଦେଶର ବୁଣାକାରମାନଙ୍କ ସ୍ଥିତିରେ ବିକାଶ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥାଏ।

## ଗହମ ମିଳୁନି...

ପ୍ରଥମ ପୃଷ୍ଠାରୁ...

ନେଉଛନ୍ତି। ଏ ବାବଦରେ କେନ୍ଦ୍ର ସରକାର ମାସିକ ୨୪,୭୦୦ ମେଟ୍ରିକ୍ ଟନ୍ ଗହମ ଦେଉଥିଲେ। ଏହି ଯୋଜନାରେ ରାଜ୍ୟରେ ହିତାଧିକାରୀଙ୍କୁ ପ୍ରତି ମାସରେ ୧୬ ଲକ୍ଷ କୁଇଣ୍ଟାଲ ଚାଉଳ ମିଳୁଥିଲା। ଗହମ ବନ୍ଦ ହେବା ପରେ ମାସକୁ ୧୭ ଲକ୍ଷ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଉଛି। ପିଡିଏସ୍‌ରେ ଦିଆଯାଉଥିବା ଗହମକୁ କେନ୍ଦ୍ର ସରକାର ପଞ୍ଜାବ, ହରିୟାଣାରୁ କ୍ରୟ କରି ରାଜ୍ୟଗୁଡ଼ିକୁ ଯୋଗାଇଥାନ୍ତି। ସେହିପରି ରାଜ୍ୟ ସରକାର ସଂଗ୍ରହ କରିଥିବା ଚାଉଳକୁ ପିଡିଏସ୍‌ରେ ଯୋଗାଇ ଥାଆନ୍ତି। ଏ ବାବଦରେ ହେଉଥିବା ଖର୍ଚ୍ଚ ମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଂଶକୁ ରାଜ୍ୟ ସରକାରଙ୍କୁ ଦିଆଯାଇଥାଏ। ୨୦୨୧-୨୨ରେ ଓଡ଼ିଶାରେ ୫୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦିତ ହୋଇଛି। ସେଥିରୁ ରାଜ୍ୟ ସରକାର ୩୦ ଲକ୍ଷ ମେଟ୍ରିକ୍ ଟନ ଚାଉଳ ଏନ୍ଏଫ୍ଏସ୍ଏ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ଏବଂ ଅନ୍ୟ ଜନକଲ୍ୟାଣ ଯୋଜନାରେ ଯୋଗାଇ ଦେଉଛନ୍ତି। ୨୨ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ବଳକା ହୋଇ ଗୋଦାମରେ ପଡ଼ିରହୁଛି। ସେହିଚାଉଳ ନେବାକୁ କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ରାଜି ହେଉନାହିଁ। ତାହା ଗୋଦାମରେ ପଡ଼ିରହୁଛି। ସେହି ଚାଉଳ ଖାଲି ନ ହେଲେ ପରବର୍ତ୍ତୀ ବର୍ଷରେ ଆସୁଥିବା ଚାଉଳକୁ ରଖିବା ନେଇ ସମସ୍ୟା ଦେଖାଦେଉଛି। ଏହାକୁ ଦୃଷ୍ଟିରେ ରଖି ବଳକା ଚାଉଳ ନେବାକୁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ବହୁବାର ଦାବି କରି ଆସିଛନ୍ତି। ଏ ନେଇ ଗତ ଏପ୍ରିଲରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀଙ୍କୁ ଚିଠି ଲେଖି ପିଡିଏସ୍ ବ୍ୟବସ୍ଥାରେ ଗହମ ବଦଳରେ ୧୦୦ ପ୍ରତିଶତ ଚାଉଳ ଯୋଗାଣ ସକାଶେ ଅନୁମତି ଦେବାକୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ରାଜ୍ୟର ଅନୁରୋଧକୁ ଗ୍ରହଣ କରି ବଳକା ଚାଉଳକୁ ହିତାଧିକାରୀଙ୍କ ମଧ୍ୟରେ ବାଣ୍ଟିବାକୁ ଅନୁମତି ଦେଇଛନ୍ତି।

ବଳକା ଚାଉଳ କେନ୍ଦ୍ର ନେଉ ନ ଥିବାରୁ ରାଜ୍ୟ ସରକାର ପିଡିଏସ୍‌ରେ ଗହମ ବଦଳରେ ଚାଉଳ ଦେବାକୁ ବାଧ୍ୟ ହୋଇଛନ୍ତି ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଗହମ ନେଉଥିବା ହିତାଧିକାରୀ ରାମ ନାୟକ କହିଛନ୍ତି ଯେ, ଗତ ଦୁଇ ମାସ ହେବ ଗହମ ମିଳୁ ନାହିଁ। ବଜାରରୁ କିଣି ଖାଇବା ଆମ ପାଇଁ କଷ୍ଟ ହୋଇପଡ଼ିଲାଣି। ଆଜିକାଲି ଅଧିକାଂଶ ଲୋକ ମଧୁମେହ ରୋଗରେ ପୀଡ଼ିତ। ରୁଟି ଖାଇବା ଜରୁରୀ ହୋଇପଡ଼ିଲାଣି। କେନ୍ଦ୍ର ସରକାର ପୂର୍ବରୁ ଯେମିତି ଗହମ ଯୋଗାଇ ଦେଉଥିଲେ ଏବେ ସେମିତି ଯୋଗାଇ ଦିଅନ୍ତୁ। ଯେଉଁମାନଙ୍କର ଚାଉଳ ନେବା କଥା ସେମାନେ ଚାଉଳ ନିଅନ୍ତୁ। ସମସ୍ତଙ୍କୁ ଚାଉଳ ନେବାକୁ ବାଧ୍ୟ କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି।

## ଗହମ ମୂଲ୍ୟରେ...

ପ୍ରଭାବିତ ହେଉଛି। ଚାହିଦା ଅନୁଯାୟୀ ମିଳୁ ନ ଥିବାରୁ ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ଅହେତୁକ ବୃଦ୍ଧି ଘଟିଛି। ଏଭଳି ସମୟରେ ଭାରତ କେତେକ ଦେଶକୁ ଗହମ ଯୋଗାଣ କରିଥିଲା। କିନ୍ତୁ ଚଳିତବର୍ଷ ଦେଶରେ ଗହମ ଉତ୍ପାଦନ ହ୍ରାସ ପାଇବା ସତ୍ତ୍ୱେ କେନ୍ଦ୍ର ସରକାର ଉପଯୁକ୍ତ ସମୟରେ ବାହାର ଦେଶକୁ ରପ୍ତାନି ବନ୍ଦ କରି ନ ଥିଲେ। ଫଳରେ ଘରୋଇ ବଜାରରେ ସଙ୍କଟ ସୃଷ୍ଟି ହୋଇଛି ବୋଲି ଜିନ୍ଦଲ କହିଛନ୍ତି। ତାଙ୍କ କହିବାନୁଯାୟୀ ଗତ ମେ ୧୪ ତାରିଖରେ କେନ୍ଦ୍ର ସରକାର ଗହମର ରପ୍ତାନି ନିଷିଦ୍ଧ କରିବାବେଳକୁ ଦିଲ୍ଲୀ ମଣ୍ଡିଗୁଡ଼ିକରେ ଏହାର କୁଇଣ୍ଟାଲ ମୂଲ୍ୟ ୨୧୫୦ରୁ ୨୧୭୫ ଟଙ୍କା ରହିଥିଲା। କିନ୍ତୁ ସେତେବେଳକୁ ବୃହତ୍ ପରିମାଣର ଗହମ ଅନ୍ୟ ଦେଶକୁ ରପ୍ତାନି ହୋଇସାରିଥିଲା। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୧-୨୨ରେ ୨,୧୨୧.୫ ନିୟୁତ ଡଲାର ମୂଲ୍ୟର ଗହମ ଭାରତ ରପ୍ତାନି କରିଥିଲା। ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ର ପ୍ରଥମ ୪ ମାସ (ଏପ୍ରିଲ-ଜୁଲାଇ) ମଧ୍ୟରେ ଭାରତରୁ ୧,୧୯୦ ନିୟୁତ ଡଲାରର ଗହମ ରପ୍ତାନି ହୋଇଛି। ବର୍ତ୍ତମାନ ଯେଉଁଭଳି ପରିସ୍ଥିତି ରହିଛି, ଆଗାମୀ ଅକ୍ଟୋବର ଏବଂ ନଭେମ୍ବର ଫେଷ୍ଟିଭ୍ ସିଜନ୍‌ର ଚାହିଦା ପୂରଣ ପାଇଁ ବାହାର ଦେଶରୁ ଗହମ ଆମଦାନୀ କରିବାକୁ ପଡ଼ିବ ବୋଲି ବ୍ୟବସାୟୀମାନେ କହୁଛନ୍ତି। ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ଗହମର ଚାହିଦା ପୂରଣ ଏବଂ ଦରବୃଦ୍ଧି ନିୟନ୍ତ୍ରଣ ପାଇଁ କେନ୍ଦ୍ର କେତେକ ପଦକ୍ଷେପ ନେଇପାରେ। ସେଥିମଧ୍ୟରେ ୪୦% ଆମଦାନୀ ଶୁଳ୍କ ହଟାଇବା, ବ୍ୟବସାୟୀଙ୍କ ପାଇଁ ମହଜୁଦ୍ ସୀମା ନିର୍ଦ୍ଧାରଣ କରିବା ଏବଂ ମହଜୁଦ୍ ଗହମର ତଥ୍ୟ ସ୍ୱଇଚ୍ଛାରେ ଜଣାଇବା ଭଳି ପଦକ୍ଷେପ ନିଆଯାଇପାରେ।

ବିଶ୍ୱରେ ଚାଉଳ, ମକା ପରେ ଗହମ ହେଉଛି ତୃତୀୟ ଉତ୍ପାଦିତ ଏବଂ ଦ୍ୱିତୀୟ ଉପଭୋଗ୍ୟ ଶସ୍ୟ। ଆଧୁନିକ ଜୀବନଶୈଳୀ ସହ ତାଳଦେଇ ଏହିଶସ୍ୟର ଚାହିଦା ବଢ଼ିଚାଲିଛି। ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ପଛରେ ନାହିଁ। ଧାନ ଉତ୍ପାଦନ କରୁଥିବା ଗ୍ରାମାଞ୍ଚଳ ଲୋକମାନେ ମଧ୍ୟ ଗୋଟିଏ ବେଳା ଗହମ ଖାଦ୍ୟ ଖାଉଛନ୍ତି। ଏଭଳିସ୍ଥଳେ ଓଡ଼ିଶା କାହିଁକି ଏହି ଶସ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ? ରାଜ୍ୟର ମାଟି ଏହି ଶସ୍ୟ ଉତ୍ପାଦନ ପାଇଁ ଉପଯୁକ୍ତ ନୁହେଁ କି ଏବଂ ଏହି ଫସଲ ନିମନ୍ତେ ଚାଷୀଙ୍କ ଅନାଗ୍ରହର କାରଣ କ'ଣ ବୋଲି ପ୍ରଶ୍ନ ଉଠୁଛି। ଏହାର ଉତ୍ତର ଦେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପୂର୍ବତନ ଡିନ୍ ପ୍ରଫେସର ଲଳିତ ମୋହନ ଗଡ଼ନାୟକ କହିଛନ୍ତି, ଓଡ଼ିଶାର ଥଣ୍ଡା ଅଞ୍ଚଳରେ ଗହମ ଉତ୍ପାଦନ ସମ୍ଭବ। ପଶ୍ଚିମ ଓଡ଼ିଶାର ରିଆମାଳ, କୁଚିଣ୍ଡା ଆଦି କେତେକ ଅଞ୍ଚଳରେ ପୂର୍ବରୁ ଗହମ ଉତ୍ପାଦନ ହେଉଥିଲା। ହେଲେ ସରକାରୀ ପ୍ରୋତ୍ସାହନ ଅଭାବରୁ ସେହି ଅଞ୍ଚଳର ଚାଷୀମାନେ କେବଳ ନିଜ ପାଇଁ ଗହମ ଚାଷ କରୁଛନ୍ତି। ଏଭଳିସ୍ଥଳେ ରାଜ୍ୟର ଗହମ ଚାହିଦା ପୂରଣ ଉତ୍ତର ଭାରତରୁ ହେଉଛି, ଯେଉଁଥିରେ ଆମେ ଏକପ୍ରକାର ଠକେଇର ଶିକାର ହେଉଛେ। ରାଜ୍ୟ ସରକାରଙ୍କ ତରଫରୁ ଚାଷୀଙ୍କଠାରୁ ଧାନ ଭଳି ଗହମକୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ରେ ସଂଗ୍ରହ କରାଗଲେ ସେମାନେ ଏହି ଫସଲ କରିବା ପାଇଁ ଆଗ୍ରହ ଦେଖାଇଥାନ୍ତେ ବୋଲି ଗଡ଼ନାୟକ କହିଛନ୍ତି। ସୂଚନାଥାଉକି, ଓଡ଼ିଶାର ମାଟି ଓ ଜଳବାୟୁ ଗହମ ଉତ୍ପାଦନ ପାଇଁ ଉପଯୁକ୍ତ ବୋଲି ପୂର୍ବରୁ ପ୍ରମାଣିତ ହୋଇସାରିଛି। ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ମୟୂରଭଞ୍ଜ ଜିଲାରେ ରେକର୍ଡ ଗହମ ଉତ୍ପାଦନ ହୋଇପାରିଥିଲା। ପରବର୍ତ୍ତୀ ସମୟରେ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀ ଏହି ଶସ୍ୟ ପ୍ରତି ଆଗ୍ରହ ଦେଖାଇ ନ ଥିଲେ।

## ସୋମବାର ଯୁକ୍ତ୨...

ବିଜ୍ଞାନରେ ପାସ୍ କରିଥିବାବେଳେ ୨୧,୧୬୫ ଜଣ ବାଣିଜ୍ୟରେ ପାସ୍ କରିଥିଲେ। ରାଜ୍ୟର ୧,୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୩ ଲକ୍ଷ ୨୧ ହଜାର ୫୦୮ ପରୀକ୍ଷାର୍ଥୀ ଯୁକ୍ତ୨ ପରୀକ୍ଷା ଦେଇଥିଲେ। କଳାରେ ୨ଲକ୍ଷ ୧୩ ହଜାର ୪୩୨ ଜଣ ପରୀକ୍ଷାର୍ଥୀ ଥିବାବେଳେ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୮୬୩ ଜଣ ପରୀକ୍ଷା ଦେଇଥିଲେ। ମହାମାରୀ ପାଇଁ ୨ବର୍ଷ ଧରି ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଫଳ ପ୍ରକାଶ ପାଇଥିଲା। ପରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ ପରୀକ୍ଷା ହୋଇଥିଲା। ଏଥର ଛାତ୍ରୀଛାତ୍ର ଅଫ୍‌ଲାଇନ ପରୀକ୍ଷା ଦେଇଥିଲେ।

**ରାଜ୍ୟ ଖବର**

# ୟୁନିଫାଏଡ୍ ପଲିସି, ରତ୍ନଭଣ୍ଡାର ପ୍ରସଙ୍ଗକୁ ଅଣଦେଖା

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

ପୁରୀ ଅଫିସ,୬।୮

ନୀଳାଦ୍ରି ଭକ୍ତନିବାସରେ ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷର ରଥଯାତ୍ରା ଓ ସ୍ନାନଯାତ୍ରା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। ଏଥିସହ ଆଦର୍ଶ ଗୁରୁକୁଳ, ସେବକ ବାସଗୃହ ନିର୍ମାଣ ସମେତ ଶ୍ରୀମନ୍ଦିର ଗର୍ଭଗୃହରୁ ପ୍ଲାଷ୍ଟର ଖସିଥିବା ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ତେବେ ୟୁନିଫାଏଡ୍ ପଲିସି ଓ ରତ୍ନଭଣ୍ଡାର ମରାମତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରାଯାଇଛି।

ବୈଠକରେ ପ୍ରଥମେ ଗତ ମେ ୨୧ ଓ ଜୁନ୍ ୭ ତାରିଖ ପରିଚାଳନା କମିଟି ବୈଠକର ବିବରଣୀ ଦୃଢ଼ୀକରଣ କରାଯାଇଥିଲା। ପୂର୍ବ ପରିଚାଳନା କମିଟିର ବିବରଣୀକୁ ଅନୁପାଳନ କରିବା ଲାଗି ଆଲୋଚନା ହୋଇଥିଲା। ଚଳିତବର୍ଷ ଅନୁଷ୍ଠିତ ସ୍ନାନଯାତ୍ରା ଓ ରଥଯାତ୍ରା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଆସନ୍ତା ବର୍ଷ କିଭଳି ସ୍ନାନଯାତ୍ରା ଓ ରଥଯାତ୍ରାକୁ ଆହୁରି ସୁବ୍ୟବସ୍ଥିତ ଓ ସୁପରିଚାଳିତ କରାଯାଇପାରିବ ସେନେଇ ପ୍ରସ୍ତାବ ଆଗତ ହୋଇଛି। ଆସନ୍ତା ବର୍ଷ କେବଳ ନୀତି ସମ୍ପୃକ୍ତ ସେବାୟତମାନେ ରଥରେ ଚଢିବେ ବୋଲି ନିଷ୍ପତ୍ତି ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି। ସେ ଆହୁରି କହିଛନ୍ତି, ଆଦର୍ଶ ଗୁରୁକୁଳ ସୋସାଇଟି ସମ୍ପର୍କରେ ଆଲୋଚନା ହୋଇଛି। ସୋସାଇଟି ରେଜିଷ୍ଟ୍ରେଶନ ପାଇଁ ରାଜ୍ୟ ସରକାରଙ୍କ ପାଖକୁ ଆବେଦନ ପଠାସରିଛି। ଏ ନେଇ ଖୁବ୍‌ଶୀଘ୍ର ବିର୍ଲା ଫାଉଣ୍ଡେଶନ ସହ ଏମ୍ଓୟୁ କରାଯିବ। ତେଣୁ ଏମ୍ଓୟୁ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହେଲା। ଗୁରୁକୁଳ ନିର୍ମାଣ କାମ ଶୀଘ୍ର ଆରମ୍ଭ କରିବା ଉପରେ ଶ୍ରୀମନ୍ଦିର ପ୍ରଶାସନ ଧ୍ୟାନ ଦେଉଛି। ଶ୍ରୀମନ୍ଦିର ସେବକ ବାସଗୃହ ସମ୍ପର୍କରେ ଆଲୋଚନା କରାଯିବା ସହ ପ୍ଲାନ୍ ପ୍ରସ୍ତୁତ ହୋଇଛି। ପରିଚାଳନା କମିଟି ନିର୍ଦ୍ଦେଶ କ୍ରମେ ଆସନ୍ତା ୪ ମାସ ମଧ୍ୟରେ ଏହାର କାର୍ଯ୍ୟ ଆରମ୍ଭ ହେବ। ସେହିଭଳି ଲ୍ୟାଣ୍ଡ ସବ୍‌କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ପାରିତ କରାଯାଇଛି। ଅତିଥି ଭବନ ବୁକିଂ ପାଇଁ ଅନ୍‌ଲାଇନରେ ରେଜିଷ୍ଟ୍ରେଶନ ପ୍ରକ୍ରିୟାରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ପାର୍ଟନର ଭାବେ ଗ୍ରହଣ କରାଯିବ। ଏନେଇ ପରିଚାଳନା କମିଟିରେ ଅନୁମୋଦନ ମିଳିଥିବାବେଳେ ରାଜିନାମା ସ୍ୱାକ୍ଷର କରାଯିବ। ଅନଲାଇନରେ ବୁକିଂ ବ୍ୟବସ୍ଥାକୁ ଦୃଢ଼ କରିବାକୁ ଚେଷ୍ଟା କରାଯାଇଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବା ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଛି। ରତ୍ନସିଂହାସନ ଓ ରୋଷଘର ବ୍ୟାରିକେଡିଂ କରାଯାଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବ। ତେବେ ଭକ୍ତମାନେ ରତ୍ନସିଂହାସନ ଛୁଇଁପାରିବେ ନାହିଁ କି ରୋଷଘରେ ପ୍ରବେଶ କରି ପାରିବେ ନାହିଁ। ମାତ୍ର ଅନ୍ୟ ସମସ୍ତ ସ୍ଥାନ ବୁଲିପାରିବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ସେହିପରି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ବୈଠକରେ ଯୋଗଦେଇଥିଲେ। ଆର୍ଦ୍ରତା କାରଣରୁ ଶ୍ରୀମନ୍ଦିର ଗର୍ଭଗୃହରୁ ପ୍ଲାଷ୍ଟର ଖସିନାହିଁ। ଠିକ ଭାବେ ଯାଞ୍ଚ କରିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ଆସନ୍ତା ରଥଯାତ୍ରାରେ ପ୍ଲାଷ୍ଟର ଖସିଥିବା ସ୍ଥାନ ମରାମତି ହେବ ବୋଲି ଏଏସ୍ଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ମଦ ଚଢ଼ାଉ ବେଳେ ତହସିଲଦାରଙ୍କୁ ମାଡ଼

- ଗଛ ପକାଇ ରାସ୍ତା ଅବରୋଧ
- ଆକ୍ରମଣରେ ୧୦ ଅବକାରୀ କର୍ମଚାରୀ ଆହତ

ପାତ୍ରପୁର, ୬।୮(ଡି.ଏନ୍.ଏ.)

ମଦ ଚଢ଼ାଉ କରିବାକୁ ଯାଇ ଆକ୍ରମଣର ଶିକାର ହୋଇଛନ୍ତି ତହସିଲଦାର ଓ ଅବକାରୀ କର୍ମଚାରୀ। ଲୋକେ ରାସ୍ତାରେ ଗଛ ପକାଇ ସରକାରୀ ଗାଡ଼ିକୁ ଅଟକାଇବା ସହିତ ସେମାନଙ୍କୁ ନିର୍ଘୁମ ଛେଚିଛନ୍ତି। ଏଥିରେ ତହସିଲଦାରଙ୍କ ସମେତ ୧୧ଜଣ ଆହତ ହୋଇଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜରଡ଼ା ଥାନା ତୁରୁବୁଡ଼ି ପଞ୍ଚାୟତର ବୁଢ଼ିଘାଟି ଗ୍ରାମରେ।

ପ୍ରକାଶ ଯେ, ବୁଢ଼ିଘାଟି ଗ୍ରାମରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ଖବର ପାଇ ଶନିବାର ସକାଳ ପ୍ରାୟ ୯ଟା ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପାତ୍ରପୁର ତହସିଲଦାର ଅମିତ କୁମାର ନାୟକଙ୍କ ସମେତ ଅବକାରୀ ବିଭାଗର ପ୍ରାୟ ୪୦ଜଣ କର୍ମଚାରୀ ଦୁଇଟି ବୋଲେରୋ ଓ ଗୋଟିଏ ମିନି ବସ୍‌ରେ ଚଢ଼ାଉ କରିବାକୁ ଯାଇଥିଲେ। ତେବେ ବାରମ୍ବାର ପ୍ରଶାସନ ଓ ଅବକାରୀ ବିଭାଗ ହଇରାଣ କରୁଥିବା ନେଇ ଆଦିବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଧିକାରୀମାନଙ୍କୁ ପାନେ ଦେବାକୁ ସ୍ଥିର କରି ଲୋକେ ରାସ୍ତାରେ ଗଛ ହାଣି ପକାଇ ଦେଇଥିଲେ। ଅଧିକାରୀମାନେ ଗାଡ଼ିରୁ ଓହ୍ଲାଇବା ମାତ୍ରେ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ତହସିଲଦାର ନାୟକ, ଅବକାରୀ ବିଭାଗର ସଞ୍ଜୟ କୁମାର ମଲ୍ଲିକ, ମେଦିନେଶ୍ୱର କହଁର, ସନ୍ତୋଷ ପ୍ରଧାନ, ତୁଳସୀ ଭାଗବତ ଦାସ, ସୁକାନ୍ତ କୁମାର ଜେନା, ରିଙ୍କୁନ ପ୍ରଧାନ, ଲକ୍ଷ୍ମୀ ରେଡ୍ଡୀ, ଅଜିତ କୁମାର ଭୂୟାଁ, ମୁନା ବେହେରା ଓ କେଶବ ବେହେରା ଆହତ ହୋଇଥିଲେ। ଅନ୍ୟ ଅଧିକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ଜରଡ଼ା ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ଆହତମାନଙ୍କୁ ଉଦ୍ଧାର କରି ସୁରଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲା। ପରେ ଆହତମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଡାକ୍ତରଖାନାରେ ସାକ୍ଷାତ କରି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ବୁଢ଼ିଘାଟି ଗ୍ରାମବାସୀ ଓ କେତେଜଣ ନେତା ବସି ଆଲୋଚନା କରିବା ପରେ ଆସନ୍ତା ୧୨ ତାରିଖରେ ପୋଲିସ, ଆଦିବାସୀ, ଅବକାରୀ ବିଭାଗ, ମଦ ଭେଣ୍ଡର ମିଳିତରେ ଏକ ଆପୋସ ବୁଝାମଣା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅପରପକ୍ଷରେ ଏହି ଘଟଣାକୁ ଜିଲା ଓଡ଼ିଶା ପ୍ରଶାସନିକ ସଂଘ ତୀବ୍ର ନିନ୍ଦା କରିବା ସହିତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି।


ତହସିଲଦାର ଅମିତ କୁମାର ନାୟକ

## ଆଜି ଆସୁଛନ୍ତି ଶାହା

ଭୁବନେଶ୍ୱର,୬।୮(ବ୍ୟୁରୋ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି। ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଶାହା ପହଞ୍ଚିବା ପରେ ଭୁବନେଶ୍ୱରରେ ରାତ୍ରିଯାପନ କରିବେ। ୮ତାରିଖ ସକାଳେ ଶାହା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବେ। ଏହା ପରେ କଟକ ଗସ୍ତ କରି ଓଡ଼ିଆ ବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ପରିଦର୍ଶନ କରିବା ସହିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପରେ ସେ କଟକ ଇନ୍‌ଡୋର ଷ୍ଟାଡିୟମଠାରେ ପ୍ରଜାତନ୍ତ୍ରର ୭୫ତମ ବାର୍ଷିକ ଉତ୍ସବ 'ପ୍ରଜାତନ୍ତ୍ରର ଅମୃତ ଉତ୍ସବ' କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ନରେ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପ୍ରମୁଖ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ। ପରେ 'ମୋଦି @ ୨୦' ପୁସ୍ତକର ବୁକ୍ ରିଡିଂ କାର୍ଯ୍ୟକ୍ରମରେ ଯୋଗଦେବେ।

## ସଂକ୍ଷେପରେ

### ଛାତ ଶିଡ଼ିରୁ ଖସି ଗର୍ଭବତୀ ମୃତ

ଆଳି,୬।୮(ଡି.ଏନ୍.ଏ.): ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ କଣ୍ଟିପୁର ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର କଳ୍ପତରୁ ମଲିକଙ୍କ ସ୍ତ୍ରୀ ମିନତୀ ଛାତ ଶିଡ଼ିରୁ ଖସି ପ୍ରାଣ ହରାଇଛନ୍ତି। ସୂଚନା ମୁତାବକ ସବୁଦିନ ପରି ଶନିବାର ଦିନ ପ୍ରାୟ ୧୧ ଟା ସମୟରେ ମିନତୀ ଛାତ ଉପରକୁ ପୂଜା କରିବା ପାଇଁ ଯାଇଥିଲେ। ହେଲେ ଶିଡ଼ିରୁ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ତଳକୁ ଖସି ପଡ଼ିଥିଲେ। ମିନତୀ ୬ ମାସର ଗର୍ଭବତୀ ଥିବାରୁ ଗର୍ଭ ଯନ୍ତ୍ରଣା ହେବା ସହିତ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ପରିବାର ଲୋକ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମିନତୀଙ୍କ ୨ ପୁଅ ଅଛନ୍ତି।

### ନାବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ସିଡବ୍ଲ୍ୟୁସିର ତଦନ୍ତ ଆରମ୍ଭ

କେନ୍ଦୁଝର, ୬।୮(ସ୍ୱ.ପ୍ର.): ୨୦୨୧ ମସିହା ଜାନୁୟାରୀରେ ସଦର ବ୍ଲକ ସରାସ ଗ୍ରାମର ଅଂଶୁମାନ ମହାପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ଘରେ ଟାଉନ ପୋଲିସ ଚଢ଼ାଉ ବେଳେ ରାଙ୍କି ଅଞ୍ଚଳର ଜଣେ ୧୧ ବର୍ଷ ଆଦିବାସୀ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ସିଡବ୍ଲ୍ୟୁସିଙ୍କ ଆଦେଶ କ୍ରମେ ପୋଲିସ ବଣିଆପାଟ ସ୍ଥିତ ମୁକ୍ତାଶୟ କେନ୍ଦ୍ରରେ ରଖିଥିଲେ। ପରେ ଉକ୍ତ ଶିଶୁ ଗର୍ଭବତୀ ଥିବା ଜଣାପଡ଼ିଥିଲା। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ମୃତ ଶିଶୁ ଜନ୍ମ ହେବା ପରେ ପ୍ରଶାସନ ନାବାଳିକାଙ୍କ ଦାୟିତ୍ୱ ନେଇ ରଖିବା ପରେ ପାଠ ପଢ଼ିବା ପାଇଁ ସ୍ଥାନୀୟ ମନୋଜ ମଞ୍ଜରୀ ଶିଶୁ ଭବନରେ ରଖିଥିଲେ। ତେବେ ସେ କିଛି ଦିନ ହେଲା ଅସୁସ୍ଥ ହୋଇପଡିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ଶିଶୁକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ତାର ଅନ୍ତିମସଂସ୍କାର ପାଇଁ ପ୍ରଶାସନ ସହାୟତା ଦେଇ ନ ଥିବାବେଳେ ପରିବାର ଲୋକ ତାଙ୍କ ଜାତି ପରମ୍ପରା ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ପ୍ରଶାସନିକ ବ୍ୟବସ୍ଥା ଅନୁଯାୟୀ ନାବାଳିକାଙ୍କୁ ଘରକୁ ନ ପଠାଇ ପାଠ ପଢ଼ିବା ପାଇଁ ଶିଶୁ ଭବନରେ ରଖାଯାଇଥିଲା। ଏଣୁ ତାଙ୍କ ମୃତ୍ୟୁ ପାଇଁ ପ୍ରଶାସନ ଦାୟୀ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଏନ୍ଏଚ୍ଆରସିରେ ଅଭିଯୋଗ ହେବା ପରେ କମିଶନ ଏହାର ତଦନ୍ତ ପାଇଁ ଚିଫ ସେକ୍ରେଟେରୀଙ୍କୁ ଆଦେଶ କରିଛନ୍ତି। ପୂର୍ବରୁ ମଧ କମିଶନ ନିକଟରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ନାବାଳିକାଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କୁ ଜଣାଯାଇଥିବା ଏସ୍‌ପି କମିଶନଙ୍କୁ ସୂଚନା ଦେଇଛନ୍ତି। ତେବେ ତନ୍ମଧ୍ୟରୁ ଅଢେଇ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ହୋଇଥିବାବେଳେ ଅବଶିଷ୍ଟ ଅର୍ଥ ଆବଶ୍ୟକ ସରକାରୀ ବ୍ୟବସ୍ଥା ପରେ ଦିଆଯିବ ବୋଲି କୁହାଯାଇଛି।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ମୋରଡା, ୬।୮ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ମୋହନପୁର ଗ୍ରାମରେ ଜବରଦସ୍ତି ଘରେ ପଶି ଜଣେ ମହିଳାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଆକାଶ ମହାପାତ୍ର। ଏନେଇ ତାଙ୍କ ସ୍ୱାମୀ ଚିତ୍ରଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ସବୁଠି ଓଡ଼ିଆ ପାଣିପାଇପ୍ ମିସ୍ତ୍ରିଙ୍କ ଚାହିଦା

କେନ୍ଦ୍ରାପଡ଼ା ଅଫିସ, ୬।୮

କେନ୍ଦ୍ରାପଡା ଜିଲାରେ ପାଣିପାଇପ୍ ମିସ୍ତ୍ରିଙ୍କ ସଂଖ୍ୟା ସର୍ବାଧିକ । ଜିଲାର ଲକ୍ଷେରୁ ଉର୍ଦ୍ଧ୍ୱ କୁଶଳୀ କାରିଗର ଦେଶ ବିଦେଶରେ ଅଛନ୍ତି । ଦି ଇଣ୍ଡିଆନ ପ୍ଲମ୍ବିଂ ସ୍କିଲ୍ କାଉନସିଲର ସର୍ଭେ ଅନୁଯାୟୀ ଦେଶରେ କାର୍ଯ୍ୟରତ ପାଣିପାଇପ୍ ମିସ୍ତ୍ରିଙ୍କ ମଧ୍ୟରୁ ଓଡ଼ିଆ ଭାଷାଭାଷୀ ସଂଖ୍ୟା ୭୦ ଭାଗ । ଏଥିମଧ୍ୟରୁ ପଚ୍ଚାମୁଣ୍ଡାଇ ଅଞ୍ଚଳରୁ ସର୍ବାଧିକ ମିସ୍ତ୍ରି ଅଛନ୍ତି । ତେବେ ଏହି କୁଶଳୀ କାରିଗରଙ୍କ ତଥ୍ୟ ଜିଲା ପ୍ରଶାସନ ନିକଟରେ ନାହିଁ । ଦେଶ ବିଦେଶରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଉଦ୍ଧାର ଅଥବା ସହଯୋଗ ପାଇଁ ଜିଲା ପ୍ରଶାସନ ହାତଟେକି ଦେଉଛି । ଏମାନଙ୍କ ଡାଟାବେସ୍ ପ୍ରସ୍ତୁତି ସହ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଟୋଲ୍ ଫ୍ରି ନମ୍ବର ଦିଆଗଲେ ଜିଲାବାସୀ ଉପକୃତ ହୋଇପାରିବେ । ଦେଶ ବିଦେଶରେ ରହୁଥିବା ପାଣିପାଇପ୍ ମିସ୍ତ୍ରିଙ୍କ ଚିହ୍ନଟ ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ଏ ସମ୍ପର୍କରେ ଆଇନଜୀବୀ ତଥା ଶ୍ରମିକ ନେତା ରଶ୍ମିରଞ୍ଜନ ରାଉତରାୟ କହିଛନ୍ତି, ୧୯୪୭ରେ କୋଲକାତା ହାଇକୋର୍ଟରେ ଦିନେଶ ଚନ୍ଦ୍ର ଗୁହା ନାମକ ଜଣେ ବ୍ୟକ୍ତି ଏକ ମକଦ୍ଦମା ଦାଏର କରିଥିଲେ । ଏଥିରେ କୋଲକାତା ମ୍ୟୁନିସିପାଲିଟିର ଲାଇସେନ୍ସପ୍ରାପ୍ତ ପାଣିପାଇପ୍ ମିସ୍ତ୍ରି ନିଯୁକ୍ତ ହୋଇ ନ ଥିବା ଦର୍ଶାଇ ଓଡ଼ିଶାର ପାଣିପାଇପ୍ ମିସ୍ତ୍ରିଙ୍କୁ ବିରୋଧ କରିଥିଲେ। ସେତେବେଳେ ପଚ୍ଚାମୁଣ୍ଡାଇର କୁଶଳୀ ମିସ୍ତ୍ରିଙ୍କ ଅନୁଭବ ଆଗରେ ପାଠପଢ଼ା ଡିଗ୍ରୀ ହାର ମାନିଥିଲା । ବାସ୍ତବରେ ୧୯୩୦ରେ କେତେଜଣ ଯୁବକ ବ୍ରିଟିଶ କମ୍ପାନୀରେ ରହି କାର୍ଯ୍ୟ କରୁଥିଲେ । ଦେଶ ବିଭାଜନ ପରେ ଏହି କମ୍ପାନୀରେ ଥିବା ମୁସଲମାନ ସମ୍ପ୍ରଦାୟ ଲୋକ ପୂର୍ବ ପାକିସ୍ତାନକୁ ପଳାଇ ଯିବା ପରେ କୋଲକାତାରେ ଓଡ଼ିଆ ମିସ୍ତ୍ରିଙ୍କ ଆଧିପତ୍ୟ ବଢ଼ିଥିଲା । ଏପରି କି ୧୯୭୦ରୁ ଅଦ୍ୟାବଧି ଜିଲାର ଏହି କୁଶଳୀ କାରିଗର ଆରବ, କୁଏଟ୍ ଆଦି ଦେଶରେ ସର୍ବାଧିକ ଗ୍ରହଣୀୟ ହୋଇଛନ୍ତି। ୨୦୧୦ରୁ ପଚ୍ଚାମୁଣ୍ଡାଇଠାରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲମ୍ବିଂ ଟେକ୍ନୋଲୋଜି (ଏସ୍‌ଆଇପିଟି) ଆରମ୍ଭ ପରେ କୁଶଳୀଙ୍କ ସଂଖ୍ୟା ଅଧିକ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି । ଜିଲାର ଏକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ, ୨୦୧୧ ଜନଗଣନା ଅନୁଯାୟୀ ପଚ୍ଚାମୁଣ୍ଡାଇ ପୌରାଞ୍ଚଳ ସହିତ ଆଳି, ରାଜନଗର, ରାଜକନିକା ଓ ପଚ୍ଚାମୁଣ୍ଡାଇ ବ୍ଲକ ଅଞ୍ଚଳର ୫,୩୬,୦୨୬ ଜଣଙ୍କ ମଧ୍ୟରୁ ୫୧ ପ୍ରତିଶତ ଜିଲା ବାହାରେ କାର୍ଯ୍ୟରତ ଅଛନ୍ତି । ଏମାନଙ୍କ ମଧ୍ୟରୁ ୬୭ ଭାଗ ପାଣିପାଇପ୍ ମିସ୍ତ୍ରି ଭାବେ କାର୍ଯ୍ୟ କରୁଛନ୍ତି । ତେବେ ଏହି କୁଶଳୀ ଶ୍ରମିକଙ୍କ ଡାଟାବେସ୍ ନ ଥିବାରୁ ସରକାରୀ ପ୍ରୋତ୍ସାହନ ମିଳିପାରୁନାହିଁ । ପଚ୍ଚାମୁଣ୍ଡାଇର ନରେନ୍ଦ୍ର ରାଉତ କହିଛନ୍ତି, ଏଠାକାର କୁଶଳୀ କାରିଗରମାନେ ଦେଶ ବିଦେଶରେ ମଧ୍ୟସ୍ଥ, ଠିକାଦାର, ବିଲଡରଙ୍କ ଜରିଆରେ ପାଣିପାଇପ୍ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ବହୁ ସମୟରେ ଏହି ଶ୍ରମିକଙ୍କ ନିର୍ଯାତନା ଖବର ଆସିଥାଏ । ସେହିପରି ଭିଜା, ପାସପୋର୍ଟ ଆଦି ସମସ୍ୟା ରହିଛି। ଏହି ସମୟରେ ପ୍ରଶାସନ ପକ୍ଷରୁ ସାହାଯ୍ୟର ଆବଶ୍ୟକତା ଥିବାବେଳେ ପରିଚୟ ଓ କାର୍ଯ୍ୟସ୍ଥଳୀର ତଥ୍ୟ ଅଭାବରୁ ଯୋଗାଯୋଗ ସମ୍ଭବ ହେଉନାହିଁ। ଏଥିସହିତ ଶ୍ରମ ବିଭାଗ ପକ୍ଷରୁ ଡାଟାବେସ୍ ପ୍ରସ୍ତୁତ କରାଯାଇ ଏକ ଟୋଲ୍ ଫ୍ରି ନମ୍ବର ଦେଲେ ଜିଲା ବାହାରେ ରହୁଥିବା ଶ୍ରମିକଙ୍କ ସମସ୍ୟା କିଛି ଲାଘବ ହୋଇପାରିବ ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ୨୦୧୯ରେ ଡାଟାବେସ୍ ପ୍ରସ୍ତୁତି ପାଇଁ ପଦକ୍ଷେପ ନିଆଯାଇଛି। ପାଣିପାଇପ୍ ମିସ୍ତ୍ରି ଅଥବା ଶ୍ରମିକ ଜିଲା ବାହାରକୁ ଯାଉଥିବା ସମୟରେ ଶ୍ରମ ବିଭାଗ କାର୍ଯ୍ୟାଳୟରେ ନିଜର ନାମ ପଞ୍ଜୀକୃତ କରାଇବା ବ୍ୟବସ୍ଥା ହୋଇଛି । ଏଥିସହ ପଚ୍ଚାମୁଣ୍ଡାଇ ବ୍ଲକ ଚାହାପଡାସ୍ଥିତ ଏସ୍‌ଆଇପିଟିରୁ ପୁରାତନ ଓ ନୂତନ ଶିକ୍ଷାର୍ଥୀଙ୍କ ପରିଚୟ ମଗା ଯାଇଥିବା ଏଡିଏମ୍ ସାମଲ ସୂଚନା ଦେଇଛନ୍ତି ।



ପଚ୍ଚାମୁଣ୍ଡାଇଠାରେ ଥିବା ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲମ୍ବିଂ ଟେକ୍ନୋଲୋଜି ।

- ଲକ୍ଷେରୁ ଉର୍ଦ୍ଧ୍ୱ ମିସ୍ତ୍ରି ଦେଶ ବିଦେଶରେ ଅଛନ୍ତି
- ତଥ୍ୟ ଅଭାବରୁ ହୋଇପାରୁନି ଯୋଗାଯୋଗ
- ଡାଟାବେସ୍ ସହ ଆବଶ୍ୟକ ଟୋଲ୍ ଫ୍ରି ନମ୍ବର

### ଜାଲ୍ ପ୍ରମାଣପତ୍ରରେ ଚାକିରି: ୨ ଶିକ୍ଷକ ନିଲମ୍ବିତ

ବାସୁଦେବପୁର,୬।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସଦେବପୁର ବ୍ଲକର ସୁଆଁ ହରିଜନ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ମଳିକ ଓ ସୁଦର୍ଶନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଫୁଲ୍ଲ ମଳିକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଦୁଇ ଶିକ୍ଷକ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଜଣାପଡ଼ିବା ପରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଇଓ ଜଗବନ୍ଧୁ ସାହୁ କହିଛନ୍ତି। ପ୍ରକାଶ ଯେ, ଏହି ଦୁଇ ଶିକ୍ଷକ ଜାଲ ପ୍ରମାଣପତ୍ର ଦେଇ ଚାକିରି ହାସଲ କରିଥିବା ବିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା।

### କେନାଲରେ ପଡ଼ି ଯୁବକଙ୍କ ମୃତ୍ୟୁ

କପ୍ତିପଦା, ୬।୮(ଡି.ଏନ.ଏ.): କପ୍ତିପଦା ବ୍ଲକ ନୁଦଡ଼ିହା ପଞ୍ଚାୟତ ନୂଆଗାଁ ଗ୍ରାମର ସୁଦର୍ଶନ ବିନ୍ଧାଣୀଙ୍କ ପୁଅ ଜଗା ବିନ୍ଧାଣୀ (୨୮) ନିଜ ଜମିରେ ଚାଷ କରିବା ପାଇଁ ଲୋକ ଡ଼ାକିବାକୁ ଯାଉଥିବା ବେଳେ ଅସାବଧାନତା ଯୋଗୁ କେନାଲରେ ଖସି ପଡି ପ୍ରାଣ ହରାଇଛନ୍ତି।

## ବଳରାମ ଯୋଜନାରୁ ବଞ୍ଚିତ ଚାଷୀ


ବଳରାମ ଯୋଜନାରୁ ବଞ୍ଚିତ ହୋଇଥିବା ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଆଳି,୬।୮(ଡି.ଏନ୍.ଏ.)

ରାଜ୍ୟ ସରକାର ଚାଷୀମାନଙ୍କ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ସରକାର କାଳିଆ ଯୋଜନାରେ ଚାଷୀମାନଙ୍କୁ ବିଭିନ୍ନ ସମୟରେ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଏହି ଯୋଜନାରୁ ଅନେକ ଚାଷୀ ବଞ୍ଚିତ ହେବା ପରେ ସରକାର ବଳରାମ ଯୋଜନା ଲାଗୁ କରିଥିଲେ । ବଳରାମ ଯୋଜନାରେ ଚାଷୀମାନଙ୍କୁ ଗ୍ରୁପ ଜରିଆରେ ଋଣ ଦିଆଯାଉଛି । ପ୍ରତି ୫ ଜଣ ଚାଷୀଙ୍କୁ ନେଇ ଏକ ଗ୍ରୁପ ଗଠନ କରାଯାଇ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀଙ୍କ ମୁଣ୍ଡପିଛା ୨୦ ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି । ମାତ୍ର ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି ଆଳି ବ୍ଲକ ଦେସାହି ପଞ୍ଚାୟତର ବହୁ ଚାଷୀ । ପଞ୍ଚାୟତର ରୀନା ରଣା, ପ୍ରଫୁଲ୍ଲ ମଳିକ, ଖଗେଶ୍ୱର ମଳିକ, ବାବୁଲି ଜେନା, ଝରଣା ଜେନା, ସନ୍ତୋଷ ମଳିକ, ମମତା ଜେନା ସଞ୍ଜୟ ମଳିକ, ସଞ୍ଜୁ ଜେନା,ଅଶ୍ୱିନୀ ମଳିକ, ଗୋଲାପୀ ଜେନା, ସୁଲୋଚନା ଜେନା, ଜୟନ୍ତୀ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି, ଉକ୍ତ ଯୋଜନା ସରକାର ଘୋଷଣା କରିବା ପରେ ସେମାନେ ୫ ଜଣିଆ ଗ୍ରୁପ ହୋଇ ଆବେଦନ କରିଥିଲେ । ହେଲେ ଆଜି ଯାଏ ସୁଫଳ ମିଳିନାହିଁ । ପଞ୍ଚାୟତର ଜଣେ କର୍ମଚାରୀ ସେମାନଙ୍କ ଆବେଦନ ଫର୍ମରେ ଦସ୍ତଖତ କରିବାକୁ ଟଙ୍କା ମାଗୁଛନ୍ତି । ସେମାନେ ଟଙ୍କା ନ ଦେବାରୁ ସେ ଦସ୍ତଖତ କରୁନାହାଁନ୍ତି । ଏ ନେଇ ଆଳି ବ୍ଲକ ସହକାରୀ କୃଷି ଅଧିକାରୀ ଶଶାଙ୍କ ଶେଖର ଦାସଙ୍କୁ ପଚାରିବାରୁ ସେ କହିଥିଲେ ସେଭଳି କୌଣସି ଅଭିଯୋଗ ତାଙ୍କ ନିକଟରେ ପହଞ୍ଚି ନାହିଁ। ଚାଷୀମାନେ ଅଭିଯୋଗ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିସହିତ ଉକ୍ତ ଯୋଜନାରେ ଚାଷୀମାନଙ୍କୁ ସାମିଲ କରାଯିବ ।

### ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଲୁଟିନେଲେ ଦେଢ଼ଲକ୍ଷ

ରୂପସା, ୬।୮(ଡି.ଏନ.ଏ.)

ପୁଣି କଳା ପଲସର ଆତଙ୍କରେ ଜନସାଧାରଣ ଭୟଭୀତ ହୋଇପଡ଼ିଛନ୍ତି। ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ହାତିଆଡ଼ିହା ଗ୍ରାମରେ ଶୁକ୍ରବାର ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ତେଲେଙ୍ଗା କଟୁରୀରେ ଦୁର୍ବୃତ୍ତମାନେ ଆକ୍ରମଣ କରି ୧ଲକ୍ଷ ୪୮ହଜାର ୩୫୯ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ମାମଲା (ନଂ.୬୭/୨୨) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। କମ୍ପାନୀ ଟଙ୍କା କଲେକ୍ସନ ସାରି ଭାରତ ଫାଇନାନ୍ସ କର୍ମଚାରୀ ଉମାକାନ୍ତ ଦାସ ଟଙ୍କା ଜମା କରିବାକୁ ଯାଉଥିଲେ। ସେ ଧନାଡ଼ୀ, କୁସୁଡ଼ିହା, ନଳବାହାର ଗ୍ରାମରୁ କଲେକ୍ସନ ସାରି ରୂପସା ଥାନା ହାତିଆଡ଼ିହାଠାରେ ଥିବା ଅଫିସ୍‌କୁ ଆସିବା ବେଳେ ହାତିଆଡ଼ିହା ଗ୍ରାମ ଟ୍ୟୁବୱେଲ ଛକ ପାଖରେ ପଛପଟୁ ଏକ କଳା ପଲସରରେ ଆସି ୩ଜଣ ଯୁବକ ତେଲେଙ୍ଗା କଟୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। କର୍ମଚାରୀ ଜଣକ ତଳେ ପଡ଼ିଯିବା ପରେ ବାଇକ୍ ଡ଼ିକି ଭାଙ୍ଗି ସେଥିରେ ଥିବା ୧ଲକ୍ଷ ୪୮ହଜାର ୩୫୯ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏ ନେଇ ସେ ରୂପସା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ରୂପସା ଥାନା ଅଞ୍ଚଳରେ ଚୋରି ଓ ଲୁଟେରା ଗ୍ୟାଙ୍ଗ ସକ୍ରିୟ ଥିଲେ ହେଁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରୁ ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ସ୍କୁଲ ଓ ଦୋକାନରୁ ହୋଇଥିବା ଚୋରି ଘଟଣାରେ ପୋଲିସ ହାତ ଏଯାବତ୍ ଖାଲି ପଡ଼ିଛି।

### ଗଛରୁ ପଡ଼ି ଯୁବକ ଗୁରୁତର

ପାଟଣା, ୬।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଜୁମୁରିଆ ପଞ୍ଚାୟତ ତଣ୍ଡୋ ଗ୍ରାମରେ ଶନିବାର ଅପରାହ୍ନରେ ଗଛରୁ ପଡ଼ି ଲିପୁନ ମୁଣ୍ଡା ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପାଟଣା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘର ନିକଟରେ ଥିବା କୁସୁମ ଗଛରେ ଚଢ଼ି କୋଳି ତୋଳିବା ସମୟରେ ଗୋଡ଼ ଖସି ଯିବାରୁ ସେ ତଳେ ପଡି ଯାଇଥିଲେ।

## ଏମ୍.ଏନ୍. ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ


ବୈଠକରେ ମଞ୍ଚାସୀନ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ।

ପଚ୍ଚାମୁଣ୍ଡାଇ ୬।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଚ୍ଚାମୁଣ୍ଡାଇ ଏମ.ଏନ. ହାଇସ୍କୁଲ ପୁରାତନ ଛାତ୍ରସଂସଦ ବୈଠକ ଶୁକ୍ରବାର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ବିଶ୍ୱନାଥ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ଉପଦେଷ୍ଟା ଡ. କେଳୁ ଚରଣ ସ୍ୱାଇଁ, ସମ୍ପାଦକ କସ୍ତୁରୀ ଚରଣ ସ୍ୱାଇଁ, ସଙ୍ଗଠନ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସିଂହ, ଉପସଭାପତି ରାଜେନ୍ଦ୍ର ଦାଶ, ପୂର୍ବତନ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ରମେଶ ଦେ, ପତିତପାବନ ଭଦ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ସନାତନ ବେହୁରା, ଗୋପିନାଥ ତ୍ରିପାଠୀ , ପ୍ରଧାନଶିକ୍ଷକ ଭାବଗ୍ରାହୀ ବାରିକ, ଶିକ୍ଷୟିତ୍ରୀ ଆରାଧନା ଦାଶ, ବ୍ରଜ କୁମାର ପଣ୍ଡା, ନୃସିଂହ ପ୍ରସାଦ ଚୌଧୁରୀ, ବିଜୟ କୁମାର ସାହୁ, ସଚ୍ଚିଦାନନ୍ଦ ଦାସ, ସଞ୍ଜୟ ବର୍ମା, ତ୍ରିଲୋଚନ ଜେନା, ନଟବର ସେଠୀ ପ୍ରମୁଖ ଯୋଗଦେଇ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

ମୁଖ୍ୟ ସମସ୍ୟା ମଧ୍ୟରେ ଶିକ୍ଷକ ଅଭାବ ସମସ୍ୟା ଏକ ମୁଖ୍ୟ ପ୍ରସଙ୍ଗ । ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଗୋଟିଏ ଶ୍ରେଣୀଗୃହରେ ୫୦ ଛାତ୍ରୀଛାତ୍ର ବସିବାର ବ୍ୟବସ୍ଥା ଥିବାବେଳେ ୭୦ ଜଣ ବସି ପାଠ ପଢୁଛନ୍ତି । ସେହିପରି ହାଇସ୍କୁଲର ଦକ୍ଷିଣପଟ ପାଚେରୀକୁ ଲାଗି ନିର୍ମାଣ କରାଯାଉଥିବା ଡ୍ରେନକୁ ଠିକ ଢଙ୍ଗରେ କରାଯିବା ପାଇଁ ପୁରାତନ ଛାତ୍ର ସଂସଦ ଦାବି ଜଣାଇଛି। ଏତଦ୍‌ବ୍ୟତୀତ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗ ରାଶି ୧୭ଲକ୍ଷ ୬୦ ହଜାର ଟଙ୍କା ଓ ଅବଶିଷ୍ଟ ମ୍ୟାଚିଂ ଗ୍ରାଣ୍ଟ ଅନୁଦାନ ଟଙ୍କାକୁ ମିଶାଇ ୫୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଅତ୍ୟାଧୁନିକ ସଭାଗୃହ ନିର୍ମାଣ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏମ.ଏନ ହାଇସ୍କୁଲ ସେଣ୍ଟର ଅଫ୍ ଏକ୍ସେଲେନ୍ସି କରାଯିବା ପରେ ଏହାର ସର୍ବାଙ୍ଗୀନ ଓ ଭିତ୍ତିଭୂମିର ବିକାଶ ପାଇଁ ସରକାରୀସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି । ହେଲେ ଏବେ ମଧ୍ୟ ବହୁବିଧ ସମସ୍ୟାରେ ରହିଛି। ଏହାର ତଦାରଖ ପାଇଁ କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ ,ଉପସଭାପତି ପ୍ରମୋଦ ସାହୁ ,ଉପଦେଷ୍ଟା ନୃସିଂହ ପ୍ରସାଦ ଚୌଧୁରୀ,ବ୍ରଜକୁମାର ପଣ୍ଡାଙ୍କୁ ନେଇ ୪ ଜଣିଆ ସବ କମିଟି ଗଠନ କରିଛି ପୁରାତନ ଛାତ୍ର ସଂସଦ । ପୁନଃଶ୍ଚ ହାଇସ୍କୁଲ ଜମିର ଚିହ୍ନଟିକରଣ ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଶିକ୍ଷକ ଗିରଫ

ମହାକାଳପଡ଼ା,୬।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ସେହି ସ୍କୁଲର ଗଣିତ ଶିକ୍ଷକ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ପୋକ୍‌ସୋ ଆଇନର ୮ ଦଫା ଓ ଆଇପିସି ୩୫୪, ୩୫୪(କ), ୫୦୬ ଓ ୩୪୧ ଦଫାରେ ମାମଲା(ନଂ.୧୩୬/୨୨) ରୁଜୁ କରି ତଦନ୍ତ ଚଳାଇଥିଲା । ସମ୍ପୃକ୍ତ ଶିକ୍ଷକଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ନିକୋପାର୍କ ଅଞ୍ଚଳରେ ଥିବା ଏକ ଫ୍ଲାଟ୍‌ରୁ ପୋଲିସ ଗିରଫ କରିଛି । ସମ୍ପୃକ୍ତ ଶିକ୍ଷକ ଗିରଫ ପରେ ଏସ୍‌ପି ମଦକର୍ ସନ୍ଦିପ ସମ୍ପଦ, ଅତିରିକ୍ତ ଏସ୍‌ପି ହରେଶ ଚନ୍ଦ୍ର ପାଣ୍ଡେ, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ମହାକାଳପଡ଼ା ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ ପ୍ରମୁଖ ଶନିବାର ସମ୍ପୃକ୍ତ ଛାତ୍ରୀଙ୍କୁ ତାଙ୍କ ଘରେ ଭେଟି ସବିଶେଷ ବିବରଣୀ ସଂଗ୍ରହ କରିଛନ୍ତି । ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ପଚରାଉଚରା କରିବା ପରେ କୋର୍ଟଚାଲାଣ କରିବ ବୋଲି ସୂଚନା ମିଳିଛି ।

ସୂଚନାଯୋଗ୍ୟ, ଜୁଲାଇ ୧୮ରେ ଶ୍ରେଣୀଗୃହରେ ଗଣିତ ଶିକ୍ଷକ ଉକ୍ତ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ପୀଡ଼ିତା ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଥିଲା । ସେଦିନଠାରୁ ଗଣିତ ଶିକ୍ଷକ ଫେରାର ଥିଲେ । ପୋଲିସ କୌଣସି ସୂତ୍ରରୁ ଖବର ପାଇବା ପରେ ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ଏକ ଫ୍ଲାଟ୍‌ରୁ ତାଙ୍କୁ ଉଠାଇ ଆଣିଥିଲା ।

## ୩ ଭିନ୍ନକ୍ଷମ ଶିଶୁ ପାଇବେ ଥେରାପିଉଟିକ୍ ସେବା

କେନ୍ଦ୍ରାପଡ଼ା ଅଫିସ,୬।୮

କେନ୍ଦ୍ରାପଡ଼ା ଜିଲାର ୩ ଭିନ୍ନକ୍ଷମ ଶିଶୁ ଥେରାପିଉଟିକ ସେବା ଦିଆଯିବ। ସେମାନେ ସଙ୍ଗୀତ, କଳା ଓ ହସ୍ତଶିଳ୍ପ କାରିଗରୀ ଆଦି ଶିକ୍ଷା କରିବେ। ଜିଲା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଏପରି ଉଦ୍ୟମ କରି ମହାକାଳପଡା ବ୍ଲକ ଶଙ୍ଖପଦା ଗ୍ରାମର ରାଜକିଶୋର ସ୍ୱାଇଁଙ୍କ ଯମଜ ସନ୍ତାନ ଅହମ (୪) ଓ ଅହଲ୍ୟା (୪) ସହିତ ପଚ୍ଚାମୁଣ୍ଡାଇ ବ୍ଲକ ବଡ ମୂଳବସନ୍ତ ଗ୍ରାମର ବାଦଲ ମଲ୍ଲିକଙ୍କ ଝିଅ ସାଇ (୬)ଙ୍କୁ ଚିହ୍ନଟ କରାଯାଇଛି । ଏସମ୍ପର୍କରେ ରାଜକିଶୋର ଓ ବାଦଲ କହିଛନ୍ତି, ସନ୍ତାନଙ୍କ ସୁରକ୍ଷା ସହିତ ଭବିଷ୍ୟତ ଦେଖିବା ଅଭିଭାବକଙ୍କ ପ୍ରାଥମିକ କାର୍ଯ୍ୟ । ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏନେଇ ତତ୍ପରତା ଦେଖାଇଥିବାରୁ ବିଭାଗୀୟ ଜିଲା ଅଧିକାରୀ ଓ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଉଛୁ। ଏସମ୍ପର୍କରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ପ୍ରଭାସ କୁମାର ଦାସ କହିଛନ୍ତି, ଭିନ୍ନକ୍ଷମଙ୍କ ପାଇଁ ବିଭିନ୍ନ ଯୋଜନା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଛି। ପୂର୍ବରୁ ବହୁ ଭିନ୍ନକ୍ଷମଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଉପକରଣ ପ୍ରଦାନଠାରୁ ଆରମ୍ଭ କରି ଅନ୍ୟ ଯୋଜନା ଜିଲାରେ କାର୍ଯ୍ୟକାରୀ ହୋଇଛି। ଥେରାପିଉଟିକ ସେବା ମାଧ୍ୟମରେ ପିଲାଙ୍କୁ ଶିକ୍ଷିତ କରିବା ପାଇଁ ଭୁବନେଶ୍ୱରସ୍ଥିତ ପୋଖରୀପୁଟରେ ଏକ ଅନୁଷ୍ଠାନ ଅଛି। ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଏଠାରେ ବିଭିନ୍ନ ଶିକ୍ଷା ପ୍ରଦାନ କରାଯାଉଛି। ଚିହ୍ନଟ ଶିଶୁଙ୍କୁ ସେଠାରେ ଦାଖଲ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଏଡିଏମ୍ ପିତାମ୍ବର ସାମଲ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲୀ ପ୍ରିୟଦର୍ଶନୀ ପ୍ରମୁଖ ସାମିଲ ହୋଇଥିଲେ ।


ଥେରାପିଉଟିକ୍ ସେବା ପାଇବା ପାଇଁ ମନୋନୀତ ୩ ଶିଶୁ ।

## ଆଧାର ନ ଥିବାରୁ ଭତ୍ତାରୁ ବଞ୍ଚିତ ବେଲ

ଡେରାବିଶ,୬।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ନାନକାର ଗ୍ରାମର ୭୨ ବର୍ଷୀୟା ବିଧବା ମହିଳା ଭତ୍ତାରୁ ବଞ୍ଚିତ ହୋଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି । ଏହି ବୃଦ୍ଧା ହେଲେ ନାନକାର ବାଲିସାହିର ଦର୍ଶନୀ କାଣ୍ଡିଙ୍କ ସ୍ତ୍ରୀ ବେଲ । ଗତ ୧ ତାରିଖ ଇନ୍ଦାଳୋରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଗୁହାରୀ କରିବାକୁ ଆସିଥିଲେ ବେଲ। ବେଲଙ୍କୁ ଯେତେବେଳେ ୬୦ ବର୍ଷ ପୁରିଲା ସେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ । । ସରକାରଙ୍କ ନିୟମ ଅନୁସାରେ ଭତ୍ତା ଆବେଦନ ପାଇଁ ଆଧାର ବାଧ୍ୟତାମୂଳକ । ହେଲେ ବୃଦ୍ଧାଙ୍କ ହାତ ଟିପ କିମ୍ବା ଆଖିର ରେଟିନା ସ୍କାନ ହୋଇପାରୁ ନ ଥିବାରୁ ଆଧାର କାର୍ଡ଼ ବାହାରି ପାରୁନାହିଁ । ସେଥିପାଇଁ ବେଲ ବାରମ୍ବାର ଭତ୍ତା ଓ ଆଧାର ପାଇଁ ଆବେଦନ କରିଚାଲିଥିଲେ ମଧ ନିରାଶ ହେବା ସାର ହେଉଛି । ଇତିମଧ୍ୟରେ ସ୍ୱାମୀ ଦର୍ଶନୀଙ୍କ ମୃତ୍ୟୁକୁ ୫ ବର୍ଷ ବିତିଲାଣି । ହେଲେ ଆଧାର ନ ଥିବାରୁ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ବେଲ । ଫଳରେ ଗୁରୁତର ଆର୍ଥିକ ଦୁର୍ଦ୍ଦଶା ମଧ୍ୟରେ ବେଲ କାଳାତିପାତ କରୁଛନ୍ତି । ଗତ ସୋମବାର ଇନ୍ଦାଳୋ ପଞ୍ଚାୟତରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଡ଼ିଓ ନମିତା ବାରିକ ବେଲଙ୍କ ଦୁଃଖ ହୃଦୟଙ୍ଗମ କରିଥିଲେ । ବେଲ କିପରି ଭତ୍ତା ପାଇବେ ସେଥିପାଇଁ ସମସ୍ତ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।


ଭତ୍ତାରୁ ବଞ୍ଚିତ ହୋଇଥିବା ବେଲ କାଣ୍ଡି ।

## ସଂକ୍ଷେପରେ

### ୧୪.୬ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୪ ଗିରଫ

ପାରାଦୀପ/କୁଜଙ୍ଗ, ୬।୮ (ସ୍ୱ.ପ୍ର./ଡି.ଏନ୍.ଏ.): ପାରାଦୀପ ଆଦର୍ଶଥାନା ପୋଲିସ ବାଉନ୍‌ସୁଗାର କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମଧୁବନ ହାଉସିଂବୋର୍ଡର ଲଲାଟେନ୍ଦୁ ମହାନ୍ତି ଓ ନୂଆବଜାରର ସନ୍ତୋଷ କୁମାର ଗୋଚ୍ଛାୟତ। ଅଭିଯୁକ୍ତଙ୍କଠାରୁ ୬.୦୬ ଗ୍ରାମ ବ୍ରାଉନ୍‌ସୁଗାର ଓ ୧୦୭୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୪୩/୨୨) ରୁଜୁ କରାଯାଇଛି। ସେହିପରି ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ମାହାଳ ଗ୍ରାମସ୍ଥିତ ବୋସ୍କାଲିସ୍ ପଏଣ୍ଟରେ ବାଉନସୁଗାର କାରବାର ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୮ ଗ୍ରାମ ବାଉନ୍‌ସୁଗାର ୧୩୦୦ ଟଙ୍କା ଓ ଗୋଟିଏ ବାଇକ ଜବତ କରାଯାଇଛି। ସେମାନେ ହେଲେ ଜଗତ୍‌ସିଂହପୁର ତିର୍ତ୍ତୋଲ ଥାନା ଅନ୍ତର୍ଗତ କାବଲପୁରସ୍ଥିତ ପୂର୍ବପଡାର ଆଶିଷ ସାହୁ ଓ ପୁରୀ ଜିଲା ଗାଦିଶଗଡ଼ ଥାନା ଅନ୍ତର୍ଗତ ବାଦୁରବର ଗ୍ରାମର ବାବୁଲି ସ୍ୱାଇଁ। ଆଶିଷ ପାରାଦୀପ ସାମୁଦ୍ରିକ ଥାନା ଅନ୍ତର୍ଗତ ଫିସିଙ୍ଗ୍ ହାରବର ନିକଟରେ ରହୁଥିବା ବେଳେ ବାବୁଲି ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କୀ ରେଳବାଇ କଲୋନୀରେ ରୁହନ୍ତି। ଦୁହେଁ ବ୍ରାଉନ୍‌ସୁଗାର ନେଇ ଯାଉଥିବା ବେଳେ କୌଣସିସୂତ୍ରରୁ ଖବରପାଇ ବୋସ୍କାଲିସ୍ ପଏଣ୍ଟରେ ପୋଲିସ ଚଢ଼ାଉ କରିଥିଲା। ସବ୍‌ଇନ୍ସପେକ୍ଟର ଆଶୁତୋଷ ହୋତା ଏହାର ନେତୃତ୍ୱ ନେଇଥିବାବେଳେ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଉନ୍ନୟନ କାର୍ଯ୍ୟ ମନ୍ଥର : ଜିଲାପାଳ ଅସନ୍ତୁଷ୍ଟ

ବାଲିକୁଦା ବ୍ଲକ ସମୀକ୍ଷା ବୈଠକ

ବାଲିକୁଦା,୬।୮(ସ୍ୱ.ପ୍ର.): ବାଲିକୁଦା ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା କକ୍ଷରେ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରୀ ଯୋଗଦେଇ ଉନ୍ନୟନ କାର୍ଯ୍ୟର ନୈରାଶ୍ୟଜନକ ସ୍ଥିତିକୁ ନେଇ ବିରକ୍ତଭାବ ପ୍ରକାଶ କରିଥିଲେ। ଅଙ୍ଗନୱାଡି ଗୃହ ନିର୍ମାଣ ଜାଗା ଚୟନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଶୌଚାଳୟ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଜିଲାର ଅନ୍ୟ ବ୍ଲକ ଅପେକ୍ଷା ବାଲିକୁଦା ବ୍ଲକ ବିଭିନ୍ନ କାର୍ଯ୍ୟରେ ପଛରେ ପଡ଼ିଥିବାରୁ ବିଡିଓ ଡ. କଲ୍ୟାଣ ସୌରଭ ଦାଶଙ୍କୁ ଜିଲାପାଳ ତାଗିଦ କରିଥିଲେ। ସମୀକ୍ଷା ବୈଠକରେ ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ ଅନୁପସ୍ଥିତ ଥିବାକୁ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ବିଡିଓ ଦାଶ ତାଙ୍କୁ ଫୋନ କରି ଡକାଇଥିଲେ। ଏହି ଅବସରରେ ଜିଲାପାଳ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ ଥିବା ଯନ୍ତ୍ରୀ, ଜିଆରଏସ୍, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କ କାର୍ଯ୍ୟ କଳାପକୁ ନେଇ ଖୁବ୍ ବର୍ଷିଥିଲେ। ବିଶେଷ କରି ମୌସୁମୀରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କେତେ କାର୍ଯ୍ୟାଦେଶ ହୋଇଛି ଓ କେତେ କାମ ହୋଇଛି ତାହାର ହିସାବ ଖୋଜିଥିଲେ।

### ଅକ୍ଟୋବର ୭ରୁ ଅଗ୍ନିପଥ ଯୋଜନାର ନିଯୁକ୍ତି ରାଲି

ଯାଜପୁର ଟାଉନ,୬।୮(ଡି.ଏନ.ଏ.): ଭାରତ ସରକାରଙ୍କ ଅଗ୍ନିପଥ ଯୋଜନାର ନିଯୁକ୍ତି ରାଲି ଆସନ୍ତା ଅକ୍ଟୋବର ୭ରୁ୧୪ ତାରିଖ ପର୍ଯ୍ୟନ୍ତ ଗୋପବନ୍ଧୁ ଷ୍ଟାଡିୟମ ପାରାଦୀପଠାରେ ଅନୁଷ୍ଠିତ ହେବ ବୋଲି ଆର୍ମି ରିକ୍ରୁଟିଂ ଅଫିସ କଟକଙ୍କ ପକ୍ଷରୁ ଅବଗତ କରାଯାଇଛି। ଏହି ଯୋଜନା ଅଧୀନରେ ଆବେଦନ କରିବାର ସର୍ବନିମ୍ନ ବୟସ ୧୭.୫ ବର୍ଷ ଏବଂ ସର୍ବାଧିକ ବୟସ ହେଉଛି ୨୧ ବର୍ଷ। ମାତ୍ର ଚଳିତ ବର୍ଷର ନିଯୁକ୍ତି ପାଇଁ ୨ ବର୍ଷ କୋହଳ କରାଯାଇଛି। ଉଭୟ ପୁରୁଷ ଓ ମହିଳା ଏହି ଯୋଜନାରେ ଆବେଦନ କରିପାରିବେ। ପ୍ରାର୍ଥୀଙ୍କୁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ପଡିବ। ଆବେଦନ ପ୍ରକ୍ରିୟା ଚଳିତ ମାସ ୧ରୁ ଆରମ୍ଭ ହୋଇଛି। ଏହା ୩୦ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ପଞ୍ଜୀକୃତ ଇ-ମେଲ ଠିକଣାରେ ପ୍ରାର୍ଥୀଙ୍କ ନିକଟକୁ ଆଡମିଟ କାର୍ଡ ପଠାଯିବ। ଏହି ନିଯୁକ୍ତି ରାଲିରେ ଅଧିକରୁ ଅଧିକ ସଂଖ୍ୟକ ପ୍ରାର୍ଥୀ ଯୋଗ ଦେବା ନିମନ୍ତେ ଜନସାଧାରଣ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନଗୁଡ଼ିକୁ ନିବେଦନ କରାଯାଇଛି।

# ସରପଞ୍ଚଙ୍କୁ ଫାଇଲ ହସ୍ତାନ୍ତର ନିର୍ଦ୍ଦେଶ

## ଉନ୍ନୟନ କାର୍ଯ୍ୟ ତଦାରଖ କଲେ ପିଡି

ରଘୁନାଥପୁର,୬।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଚିକିଣିଆ ପଞ୍ଚାୟତ ସରପଞ୍ଚ ବିଷ୍ଣୁ ଚରଣ ସେଠୀଙ୍କୁ ପୂର୍ବତନ ସରପଞ୍ଚ ବିଭିନ୍ନ ଫାଇଲ ହସ୍ତାନ୍ତର କରୁ ନ ଥିବା ନେଇ ଚାଲିଥିବା ବିବାଦରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଶନିବାର ପିଡି(ପ୍ରକଳ୍ପ ନିର୍ଦ୍ଦେଶକ)ରୁଦ୍ର ନାରାୟଣ ଦାଶ ପଞ୍ଚାୟତରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଏଥିସହ ତୁରନ୍ତ ସମସ୍ତ ଫାଇଲ ସରପଞ୍ଚ ସେଠୀଙ୍କୁ ହସ୍ତାନ୍ତର କରିବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ଭୋଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ପୂର୍ବତନ ସରପଞ୍ଚ ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାଛଡା ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଚାବି ପକାଇ ରଖାଯାଇଥିବା ଏକ ସରକାରୀ ଗୃହକୁ ଉନ୍ମୁକ୍ତ କରି ପଞ୍ଚାୟତ ଅଧୀନକୁ ଆଣିବା ପାଇଁ ପିଡି ଦାଶ ନିର୍ଦ୍ଦେଶ ଦେଇଥିଲେ। ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ମିଶନ ଶକ୍ତି ଗୃହ, କଲଭର୍ଟ, ଅଙ୍ଗନୱାଡି କେନ୍ଦ୍ରରେ ଖର୍ଚ୍ଚ କରାଯାଇଥିବା ଅନୁଦାନ ମୂଲ୍ୟ ଠିକ ଭାବେ ବିନିଯୋଗ ହୋଇ ନ ଥିବା ଦେଖି ପିଡ଼ି ଦାସ ବିରକ୍ତଭାବ ପ୍ରକାଶ କରିଥିଲେ। ତୁରନ୍ତ ବାକିଥିବା କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଏକ ଡ୍ରେନ କାର୍ଯ୍ୟ ପାଇଁ ୧ଲକ୍ଷ ଟଙ୍କା ଏଷ୍ଟିମେଟ ଥିବାବେଳେ ଫଳକରେ ୧ଲକ୍ଷ ୩୦ ହଜାର ଟଙ୍କା ଲେଖା ହୋଇଥିବା ଦେଖି ପିଡି ଦାଶ ଆଶ୍ଚର୍ଯ୍ୟ ହୋଇଥିଲେ। ଏଥିରେ ୭୭ ହଜାର ଟଙ୍କା ବିଲ୍ ହୋଇଥିବାରୁ ଯଥାଶୀଘ୍ର ଡ୍ରେନ ଉପରେ ସ୍ଲାପ ଏବଂ ଫଳକରେ ଭୁଲ୍ ଥିବା ତଥ୍ୟ ଠିକ କରିବା ପାଇଁ କହିଥିଲେ। ଅନ୍ୟପକ୍ଷେ ହାଇସ୍କୁଲରେ ହୋଇଥିବା କାର୍ଯ୍ୟ ତଦାରଖ କରିବା ସହ ସ୍କୁଲର ଯେକୋଣସି ସମସ୍ୟା ସରପଞ୍ଚଙ୍କୁ ଅବଗତ କରାଇବା ପାଇଁ ପ୍ରଧାନଶିକ୍ଷକଙ୍କୁ କହିଥିଲେ। ଶେଷ ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ କାର୍ଯ୍ୟର ବିଲ୍ କରିବା ପାଇଁ ସହକାରୀ ଯନ୍ତ୍ରୀ ଅମୀୟଚାନ୍ଦ ମଲ୍ଲିକଙ୍କୁ କହିଥିଲେ। ସେହିପରି ଓଭରହେଡ ପାଣି ଟାଙ୍କିର ଭାଙ୍ଗିଯାଇଥିବା ପାଇପ କାହିଁକି ମରାମତି ହୋଇନାହିଁ ବୋଲି ଯନ୍ତ୍ରୀ ମନୋରଞ୍ଜନ ଦେହୁରୀଙ୍କ ଠାରୁ ସେ କୈଫତ ଚାହିଁଥିଲେ। ଦୁଇଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ପିଡି ଦାସ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ପିଡି ଦାଶ ସରପଞ୍ଚଙ୍କୁ ଫାଇଲ ହସ୍ତାନ୍ତର କିମ୍ବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରା ନ ଗଲେ କର୍ମଚାରୀଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚାଇ ଦେଇଥିଲେ। ପିଡିଙ୍କ ଏହି ଗସ୍ତ ସମୟରେ ବିଡିଓ ଜିତେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ।



ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାଶ ଗୋଟିଏ ପ୍ରକଳ୍ପର ଫାଇଲ୍ ତଦାରଖ କରୁଛନ୍ତି।

# ଶିକ୍ଷକ ପଦବୀ ପୂରଣ ଦାବି

## ଶ୍ରୀ ଲୋକନାଥ ବାଣୀ ନିକେତନ

ବାଲିଆ, ୬।୮(ସ୍ୱ.ପ୍ର.)

ବିରିଡି ବ୍ଲକ ଅରଣା ପଞ୍ଚାୟତର ବହୁ ପୁରାତନ ବିଦ୍ୟାଳୟ ଶ୍ରୀ ଲୋକନାଥ ବାଣୀ ନିକେତନରେ ୬ ମାସ ହେବ ୨ଟି ଶିକ୍ଷକ ପଦବୀ ଖାଲିପଡ଼ିଛି।

ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରାମ୍ବାର ଅବଗତ କରାଇଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରାଯିବା ସହ ତୁରନ୍ତ ଏହି ପଦବୀ ପୂରଣ ପାଇଁ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ଏଥିସହ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଛି ଯେ,ବିଦ୍ୟାଳୟରେ ପାଖାପାଖି ୨୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏହାସତ୍ତ୍ୱେ ବିଭାଗ ପକ୍ଷରୁ ୨ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଛି। ଫଳରେ ପିଲାମାନଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ତୁରନ୍ତ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ସରପଞ୍ଚ ପୁଷ୍ପଲତା ସିଂ, ସମିତିସଭ୍ୟ ସଂଗ୍ରାମ ନାୟକ, ଏସ୍‌ଏମସି ସଭାପତି ନବୀନ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ରବିନାରାୟଣ ସିଂ, ପୂର୍ବତନ ସମିତି ସଭ୍ୟ ଜିତେନ ବେହେରାଙ୍କ ସମେତ ପରିଚାଳନା କମିଟି ସଭ୍ୟାସଭ୍ୟ, ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏନେଇ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ମଧ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ସହ ସାମାଜିକ କର୍ମୀ ତୁଷାରକାନ୍ତ ବିଶ୍ୱାଳଙ୍କୁ ପଠାଇ ଜଗତ୍‌ସିଂହପୁର ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଛନ୍ତି।




ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଗ୍ରାମବାସୀ।

# ପାଣି ପାଇଁ ଚାଷୀଙ୍କ ରାସ୍ତାରୋକୋ



ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ମାର୍ଶାଘାଇ,୬।୮(ଡି.ଏନ୍.ଏ.)

ଜମି ଫାଟି ଆଁ କଲାଣି, ତଳି ଘେରା ନଷ୍ଟ ହେବାକୁ ବସିଲାଣି । ଅନିୟମିତ ବର୍ଷା ଚାଷକୁ ବହୁ ବିଳମ୍ବ କରିଲାଣି । ପାଖରେ କେନାଲ ଥାଇ ମଧ ସେଥିରେ ପାଣି ଆସୁନାହିଁ । ତେଣୁ ଶୀଘ୍ର ଶାଖା କେନାଲରେ ପାଣି ଛାଡ଼ିବା ଦାବିରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ଓ ଅଙ୍ଗୁଳାଇ ପଞ୍ଚାୟତର ଶତାଧିକ ଚାଷୀ ଶନିବାର ସ୍ଥାନୀୟ ପସ୍ଥା ଛକରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ । ଚାଷୀମାନେ ଅଭିଯୋଗ କରିଥିଲେ ବର୍ଷ ବର୍ଷ ଧରି କେନାଲ ସଫେଇ ହେଇନାହିଁ। ସଫେଇ ଆଳରେ ଲକ୍ଷାଧିକ ଟଙ୍କା ଚଳୁ ହୋଇଛି । ଠିକ ସମୟରେ ପାଣି ଛଡା ଯାଉନି । ଖବର ପାଇ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଓ ସହକାରୀ ଯନ୍ତ୍ରୀ ଧରଣୀଧର ବେହେରା ଚାଷୀଙ୍କ ନିକଟକୁ ଯାଇ ୨୪ ଘଣ୍ଟା ମଧ୍ୟରେ କେନାଲରେ ପାଣି ଛଡା ଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା । ଚାଷୀ ଶଙ୍କର୍ଷଣ ପରିଡା, ଉମାକାନ୍ତ ଦାସ, ବିଶ୍ୱ ରଞ୍ଜନ ପରିଡା, ପ୍ରଦୀପ୍ତ ଦାସ, ରବୀନ୍ଦ୍ର ଦାସ, ନିରଞ୍ଜନ ମନ୍ତ୍ରୀ, ବିରଞ୍ଚି ପରିଡା ଓ କୁହୁଡି ସରପଞ୍ଚ ପ୍ରଭାତ ରଞ୍ଜନ ଦାସଙ୍କ ସମେତ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ ।

## ମରାମତି ନାଁରେ ଚାଲିଛି ବିଦ୍ୟୁତ୍ କାଟ

ରଘୁନାଥପୁର, ୬।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକରେ ମରାମତି ନାଁରେ ଅଘୋଷିତ ବିଦ୍ୟୁତ୍ କାଟ ଚାଲିଛି। ଗତ ଏକ ସପ୍ତାହ ଧରି ଦୈନିକ ୪/୫ ଥର ବିଦ୍ୟୁତ୍ କାଟ କରାଯାଉଥିବାବେଳେ ସନ୍ଧ୍ୟା ୬ଟା ରୁ ସକାଳ ୬ଟା ମଧ୍ୟରେ ୨ରୁ ୩ ଥର ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଇନ କଟାଯାଉଥିବା ଅଭିଯୋଗ ହେଉଛି। ବହୁ ସମୟରେ ଉପଭୋକ୍ତାମାନେ ରାତିରେ ଶୋଇ ନ ପାରି ଛଟପଟ ହେଉଛନ୍ତି। ଏ ସମ୍ପର୍କରେ ଟାଟା ପାୱାର କର୍ମଚାରୀଙ୍କୁ ପଚାରିଲେ ଗ୍ରୀଡ୍‌ଫେଲ କିମ୍ବା ୩୩ କେଭି ଲାଇନ ଫଲ୍ଟ ଯୋଗୁ ବିଦ୍ୟୁତ୍ କାଟ ହୋଇଥିବା କୁହାଯାଉଛି। ବେଳେବେଳେ ଓଡିଶା ସରକାରଙ୍କ ଉର୍ଜାମିତ୍ର ପକ୍ଷରୁ ଲୋକଙ୍କ ମୋବାଇଲରେ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ନାହିଁ ବୋଲ ମେସେଜ ଛାଡିଦିଆଯାଉଛି। ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ରଘୁନାଥପୁର ମଣ୍ଡଳ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଅସନ୍ତୋଷବ୍ୟକ୍ତ କରାଯାଇଛି। ଉପଭୋକ୍ତାଙ୍କ ପ୍ରତି ପ୍ରଶାସନ ପକ୍ଷରୁ ଖାମଖିଆଲ ମନୋଭାବ ପୋଷଣ କରାଯାଉଛି ବୋଲି ସଂଘର ସଭାପତି ରଞ୍ଜନ ମହାନ୍ତି ଓ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ କମ୍ପାନୀ ବିଦ୍ୟୁତ୍ ସରବରାହରେ ସୁଧାର ନ ଆଣିଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦିଆଯାଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ସଚେତନତା ଶୋଭାଯାତ୍ରା

କୁଜଙ୍ଗ/ରଘୁନାଥପୁର, ୬।୮(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମାଗୋଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଜାତୀୟ ସେବା ବାହିନୀର ସ୍ୱେଚ୍ଛାସେବୀମାନେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶନିବାର ସଚେତନତା ଶୋଭାଯାତ୍ରା କରିଛନ୍ତି। ଜାତୀୟ ସେବା ବାହିନୀର ତତ୍ତ୍ୱାଧିକାରୀ ଡକ୍ଟର ହେମନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଏକ ଶୋଭାଯାତ୍ରାରେ ସମାଗୋଳ ଗ୍ରାମ ପରିକ୍ରମା କରି ୧୩ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ଜାତୀୟ ପତକା ଉଡାଇବା ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଶ୍ୱନାଥ ପରିଡ଼ା, ପ୍ରାଧ୍ୟାପକ ପ୍ରତାପ କୁମାର ମହାପାତ୍ର, ଅଧ୍ୟାପକ ରମେଶ ନାୟକ, ଅର୍ପିତା ଜେନା, ସରସ୍ୱତୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ରଘୁନାଥପୁର ବ୍ଲକ ଗୋକୁଳପୁର ସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝାଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୧ରୁ ୧୭ ଏକ ସପ୍ତାହବ୍ୟାପୀ ଘରେ ଘରେ ଜାତୀୟ ପତାକା ଉଡାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଏସ୍‌ଏମସି ଚେୟାରପର୍ଶନ ରାଜେନ୍ଦ୍ର ନାରାୟଣ ସିଂହ, ଆଲୁମ୍‌ନିସଭାପତିବିନୋଦବିହାରୀ ମହାନ୍ତି ଓ ଅଭିଭାବକମାନେ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ର ଓ ଅନ୍ୟମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

# ବିଜ୍ଞାନ ମେଳାରେ ୧୩୦ ପ୍ରକଳ୍ପ ପ୍ରଦର୍ଶିତ

## ବତୀମିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ବାଲିଆ, ୬।୮(ସ୍ୱ.ପ୍ର.)

ବିରିଡି ବ୍ଲକ ବତୀମିରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୨୨ ତମ ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମ୍ପାଦକ ସୁଧାକର ସ୍ୱାଇଁ ଓ କୋଷାଧ୍ୟକ୍ଷ ମନୋରମା ବାରିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୩୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରେ ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ହରିହର ସାହୁ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁଧାକର ସ୍ୱାଇଁ, କୋଷାଧ୍ୟକ୍ଷା ମନୋରମା ବାରିକ, ଆଚାର୍ଯ୍ୟ ମଧୁସୂଦନ ନାୟକ, ସତ୍ୟବ୍ରତ ରାୟ ଓ ଅନ୍ୟ ଗୁରୁମା ଓ ଗୁରୁଜୀମାନେ ଉପସ୍ଥିତ ଥିଲେ।



ଅତିଥି ଓ ଅନ୍ୟମାନେ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# 'ଆତ୍ମବିଶ୍ୱାସ, ଶୃଙ୍ଖଳିତ ପ୍ରୟାସ ସଫଳତାର ମନ୍ତ୍ର'

## ଏସ୍‌ଭିଏମ୍ ମୋ କଲେଜ ଶୀର୍ଷକ ଆଲୋଚନାଚକ୍ର

ଜଗତ୍‌ସିଂହପୁର ଅଫିସ, ୬।୮

ଦୃଢ ଇଚ୍ଛାଶକ୍ତି ଓ ସକାରାତ୍ମକ ବିଚାରଧାରା ବ୍ୟକ୍ତିଙ୍କୁ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ। ଏଭଳି ମାନସିକତା ରଖି ଲକ୍ଷ୍ୟ ପଥରେ ଆଗେଇଲେ ଜୀବନରେ ସଫଳତା ନିଶ୍ଚୟ ମିଳେ। ତେଣୁ ବିଫଳତାକୁ ସଫଳତାରେ ପରିବର୍ତ୍ତନ କରିବାର ମନ୍ତ୍ର ହେଉଛି ଦୃଢ଼ ଆତ୍ମବିଶ୍ୱାସ ଓ ଶୃଙ୍ଖଳିତ ପ୍ରୟାସ। ଶନିବାର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଆୟୋଜିତ ଏସ୍‌ଭିଏମ୍ ମୋ କଲେଜ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାଇଜରର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ଛାତ୍ରୀଛାତ୍ରଙ୍କୁ ଏହି ଆହ୍ୱାନ ଦେଇଛନ୍ତି। ସେ କହିଥିଲେ ପରୀକ୍ଷାରେ ଅସଫଳ ହୋଇଥିବା ଛାତ୍ର ଯେ ସଫଳତା ପାଇପାରିବେ ନାହିଁ ତାହା ଭୁଲ୍। ଏପରି ଅନେକ ସଫଳତାର ଶୀର୍ଷ ଛୁଇଁଥିବାର ନଜିର ରହିଛି। କେବଳ ଏତିକି ନୁହେଁ, ଅଧାରୁ ମହାବିଦ୍ୟାଳୟ ପାଠ ଛାଡିଥିବା ବିଦ୍ୟାର୍ଥୀ ମଧ ବେଶ୍ ସୁନାମ ଅର୍ଜନ କରି ପାରିଛନ୍ତି। ଏହାର ପ୍ରମାଣ ନାରାୟଣ ମୂର୍ତ୍ତି ଓ ଷ୍ଟିଭ୍ ଜନସନ୍‌ଙ୍କ ଭଳି ପ୍ରତିଭାବାନ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେମାନେ ଉଦ୍ଭାବନ କ୍ଷେତ୍ରରେ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଶୃଙ୍ଖଳିତ ଭାବେ ଲକ୍ଷ୍ୟ ପଥରେ ଅଗ୍ରସର ହେଲେ ସଫଳତା ମିଳିବ ବୋଲି ଡ. ନାୟକ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ, ବିଶିଷ୍ଟ ଶିକ୍ଷାବିତ୍ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. କମଳ ପ୍ରସାଦ ମହାପାତ୍ର ଆଲୋଚନାଚକ୍ରରେ ପୌରୋହିତ୍ୟ କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିବେକ ଅନୁମୋଦିତ ହୋଇ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନିରଞ୍ଜନ ବିଶ୍ୱାଳ ର୍‍ୟାଗିଂ ଭଳି କୁକାର୍ଯ୍ୟକୁ ନିନ୍ଦା କରିବା ସହ ଏହାକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ରାଜନୀତି ବିଜ୍ଞାନର ମୁଖ୍ୟ ପ୍ରଶାନ୍ତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବାଗତ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଡ. ନାୟକ ଓ ଛାତ୍ର ସଂସଦର ପୂର୍ବତନ ସଭାପତି ତଥା ସହାୟକ କିରାଣି ଗଗନ ଚରଣ ଦାସ ଏହି ଅବସରରେ ମୋ କଲେଜ ଅଭିଯାନ ଜରିଆରେ ମହାବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିବା ପାଇଁ ମୁଖ୍ୟବକ୍ତା ୫୦ ହଜାର ଟଙ୍କାର ଅର୍ଥରାଶି ଯୋଗାଇ ଦେବାକୁ ଘୋଷଣା କରିଥିଲେ। ମହାବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ଡ. ସୁଜାତା ମୁଣ୍ଡ ସ୍ୱାଗତ ଭାଷଣ ଓ ଶେଷରେ ସଂସ୍କୃତ ବିଭାଗର ମୁଖ୍ୟ ଡ. ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।



ନୂଆଦିଲ୍ଲୀଠାରେ ଶନିବାର ଉପରାଷ୍ଟ୍ରପତି ପ୍ରାର୍ଥୀ ଜଗଦୀପ୍ ଧନକରଙ୍କୁ ଭୋଟ ଦେବା ପରେ ବିଜେଡି ଲୋକ ସଭା ଓ ରାଜ୍ୟ ସଭା ଏମ୍‌ପିମାନେ।

## ଧନକରଙ୍କୁ ଭୋଟ ଦେଲେ ବିଜେଡି ଏମ୍‌ପି

ଭୁବନେଶ୍ୱର,୬।୮(ବ୍ୟୁରୋ)

ଏନ୍‌ଡିଏ ପ୍ରାର୍ଥୀ ଜଗଦୀପ ଧନକଡ଼ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଭଳି ବିଜେଡି ଏମ୍‌ପିମାନେ ଧନକରଙ୍କୁ ନିଜର ଭୋଟ ଦେଇଛନ୍ତି। ବିଜେଡି ଲୋକ ସଭା ଓ ରାଜ୍ୟ ସଭା ସଦସ୍ୟମାନେ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଏମ୍‌ପି ଧନକରଙ୍କ ସପକ୍ଷରେ ନିଜର ମତଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେବା ଲାଗି ମୁଖ୍ୟମନ୍ତ୍ରୀ ସମସ୍ତ ଦଳକୁ ଅନୁରୋଧ କରିଥିଲେ। ବିଜେଡି ବିଧାୟକ,ଏମ୍‌ପିଙ୍କ ସମେତ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଦ୍ରୌପଦୀଙ୍କୁ ଭୋଟ ଦେଇଥିଲେ। ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେଉଥିବାରୁ କଂଗ୍ରେସ ବିଜେଡି ଓ ଭାଜପାକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ସମାଲୋଚନା କରୁଛି।

## ଆଇନଜୀବୀରୁ ଉପରାଷ୍ଟ୍ରପତି



ଜଗଦୀପ୍ ଧନକଡ଼

**ନୂଆଦିଲ୍ଲୀ,୬।୮:** ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ୭୧ ବର୍ଷୀୟ ଜଗଦୀପ ଧନକଡ଼ ଶନିବାର ଭାରତର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ଏକଦା ରାଜନୀତି ପ୍ରତି ବିମୁଖ ଥିବା ଧନକଡ଼ ୨୦୧୯ରେ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ରାଜନୀତିକୁ ଆସିବା ପୂର୍ବରୁ ଧନକଡ଼ ରାଜସ୍ଥାନ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ଦୀର୍ଘଦିନ ଧରି ଆଇନ ବ୍ୟବସାୟରେ ସାମିଲ ଥିଲେ। ଜନତା ଦଳରେ ଯୋଗଦେଇ ସେ ୧୯୮୯-୯୧ ରାଜସ୍ଥାନର ଝୁନ୍‌ଝୁନୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ ୧୯୯୩-୧୯୯୮ ରାଜସ୍ଥାନ ବିଧାନସଭାରେ କଂଗ୍ରେସ ଦଳରୁ ବିଧାୟକ ଥିଲେ। ଖୁବ୍ କମ୍ ସମୟ ଲାଗି ସେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୦୮ରେ ସେ ଭାଜପାରେ ଯୋଗଦେଇଥିଲେ। ୨୦୧୯ ଜୁଲାଇ ୨୦ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ କରିଥିଲେ। ତେବେ ବିଭିନ୍ନ ପ୍ରସଙ୍ଗକୁ ନେଇ ତାଙ୍କର ପଶ୍ଚିମବଙ୍ଗ ସରକାର ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ମତଭେଦ ରହିଥିଲା। ୧୯୫୧ ମେ ୧୮ରେ ରାଜସ୍ଥାନ ଝୁନ୍‌ଝୁନୁ ଜିଲ୍ଲାରେ ଜନ୍ମିତ ଧନକଡ଼ଙ୍କର ସମ୍ବିଧାନ ଏବଂ ଆଇନ ବ୍ୟାପାରରେ ଗଭୀର ଜ୍ଞାନ ରହିଛି। ୧୯୭୯ରେ ସେ ସୁଦେଶ ଧନକରଙ୍କୁ ବିବାହ କରିଥିଲେ ଓ ସେମାନଙ୍କର ଗୋଟିଏ ଝିଅ ରହିଛି।

## କେନ୍ଦ୍ରୀୟ ଯୋଜନାର ଅର୍ଥ ହେରଫେର କରୁଛନ୍ତି ମମତା ସରକାର

**ନୂଆଦିଲ୍ଲୀ, ୬।୮ :** ପଶ୍ଚିମବଙ୍ଗ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ଅର୍ଥର ଅପବ୍ୟବହାର ଏବଂ ହେରଫେର କରୁଥିବା ଅଭିଯୋଗ ଆଣିଛନ୍ତି। ସେ ଶନିବାର ଟୁଇଟ କରି କହିଛନ୍ତି, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା କେନ୍ଦ୍ର ସରକାରଙ୍କ ପ୍ରତ୍ୟେକ ଯୋଜନା ପାଇଁ ଆବଣ୍ଟିତ ଅର୍ଥର ଅପବ୍ୟବହାର କରିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସରକାରଙ୍କ ଏକ ଟ୍ରେଡ ମାର୍କ ପାଲଟିଛି। ରାଜ୍ୟରେ ଘଟୁଥିବା ଏହି ବଡ ଦୁର୍ନୀତି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛି ବୋଲି କହିଛନ୍ତି। ତୃଣମୂଳ କଂଗ୍ରେସ ସରକାର ଅମ୍ଫନ ଏବଂ ୟାସ ଭଳି ପ୍ରାକୃତିକ ବିପର୍ଯ୍ୟୟ, କୋଭିଡ ମହାମାରୀ ଭଳି ସ୍ୱାସ୍ଥ୍ୟ ବିପର୍ଯ୍ୟୟ ସମୟରେ ରାଜ୍ୟକୁ ଆସିଥିବା କେନ୍ଦ୍ରୀୟ ଯୋଜନା ସହାୟତାକୁ ହଡ଼ପ କରାଯାଇଛି। ପୁଣି ମନରେଗା ଟଙ୍କାର ହେରଫେର ବି ରାଜ୍ୟ ସରକାର କରିଛନ୍ତି। ତେବେ ଅର୍ଥର ଅପବ୍ୟବହାର ଲାଗି ଚାରା ରୋପଣ ଭଳି ଏକ ନୂତନ ଉପାୟ ଆପଣାଯାଇଛି। ରାଜ୍ୟ ସରକାର ସୁନ୍ଦରୀଗଛ ଚାରା ଅବା ଫଳ ଗଛ ଚାରା ଲଗାଇବା ନାମରେ କେନ୍ଦ୍ରୀୟ ଯୋଜନାର ପାଣ୍ଠିରୁ କୋଟି କୋଟି ଟଙ୍କା ଠକେଇ କରୁଛନ୍ତି। ଯାଞ୍ଚ ସମୟରେ ଅଧିକାରୀମାନେ କହିଛନ୍ତି ଯେ ବାତ୍ୟାରେ ଚାରାଗୁଡ଼ିକ ନଷ୍ଟ ହୋଇ ଯାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲେଖିଥିବା ଚିଠିରେ ଶୁଭେନ୍ଦୁ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଯୋଜନାବଦ୍ଧ ଭାବେ କେନ୍ଦ୍ରୀୟ ଯୋଜନାଗୁଡ଼ିକର ମୂଳ ନାମ ପରିବର୍ତ୍ତନ କରାଯାଇଛି। କେନ୍ଦ୍ରୀୟ ଯୋଜନା ପାଇଁ ରାଜ୍ୟର ତୃଣମୂଳ ସରକାର ପ୍ରଧାନମନ୍ତ୍ରୀଙ୍କ ନାମ ବ୍ୟବହାର କରୁଛନ୍ତି। ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାକୁ ଗ୍ରାମୀଣ ସଡ଼କ ଯୋଜନା ଭାବରେ ନାମିତ କରାଯାଇଛି। କୋଭିଡ ମହାମାରୀ ଲଢ଼େଇ ସମୟରେ ଯନ୍ତ୍ରପାତି କ୍ରୟରେ ପ୍ରାୟ ୨୦୦୦ କୋଟି ଟଙ୍କା ଠକେଇ ହୋଇଛି। ତାହାର ସଠିକ ଅନୁସନ୍ଧାନ ହେବା ଜରୁରୀ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ପଶ୍ଚିମବଙ୍ଗରେ ବିଭିନ୍ନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବିଶେଷ କରି ମନରେଗା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଏବଂ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଇତ୍ୟାଦିରେ ବହୁ ଦୁର୍ନୀତି ଉପରୁ ପରଦା ଉଠୁଛି ବୋଲି ଶୁଭେନ୍ଦୁ ଅଭିଯୋଗ କରିଛନ୍ତି।

## ଯୋଗଦେବେନି ନୀତୀଶ, କେସିଆର୍

ପାଟନା/ହାଇଦ୍ରାବାଦ,୬।୮

**ଆଜି ନୀତି ଆୟୋଗ ବୈଠକ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୋମବାର ଦିଲ୍ଲୀରେ ନୀତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଥିବାବେଳେ ସେଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଯୋଗଦେବେ ନାହିଁ। ମାସକ ମଧ୍ୟରେ ଦ୍ୱିତୀୟ ଥର ଲାଗି ନୀତୀଶ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖିବାକୁ ଯାଉଛନ୍ତି। ନୀତି ଆୟୋଗ ସମ୍ମିଳନୀରେ କେବଳ ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ନିକଟରେ କୋଭିଡ୍‌ରୁ ସୁସ୍ଥ ହୋଇଥିବା ନୀତୀଶ ତାଙ୍କ ସହଯୋଗୀଙ୍କୁ ପଠାଇବାକୁ ଚାହୁଁଛନ୍ତି। ତେବେ ସେ ସୋମବାର ଜନତା ଦରବାରରେ ଯୋଗଦେବେ ବୋଲି ଜଣାପଡ଼ିଛି। ବିକାଶ ର୍‍ୟାଙ୍କିଙ୍ଗ୍‌ରେ ନୀତି ଆୟୋଗ ବିହାରକୁ ତାଲିକାର ନିମ୍ନ ଭାଗରେ ରଖିଥିବାରୁ ନୀତୀଶ କ୍ଷୁବ୍ଧ ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ସେ କିଛିଦିନ ହେଲା ନିଜକୁ ସହଯୋଗୀ ଦଳ ଭାଜପାଠାରୁ ଦୂରେଇ ରଖୁଥିବା ଦେଖାଯାଉଛି। ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆୟୋଜନ କରିଥିବା ନୈଶଭୋଜିରେ ନୀତୀଶ ଯୋଗଦେଇ ନ ଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଡାକିଥିବା ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ବିହାର ମୁଖ୍ୟମନ୍ତ୍ରୀ ଯୋଗ ନ ଦେଇ ଉପମୁଖ୍ୟମନ୍ତ୍ରୀଙ୍କୁ ପଠାଇଥିଲେ।

ଅନ୍ୟପକ୍ଷରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍ କହିଛନ୍ତି, ତାଙ୍କ ରାଜ୍ୟ ପ୍ରତି କେନ୍ଦ୍ରର ମନୋଭାବ ଭଲ ନ ଥିବାରୁ ସେ ନୀତି ଆୟୋଗ ବୈଠକରେ ଯୋଗ ଦେବେନାହିଁ। ସହଯୋଗ ଭିତ୍ତିକ ସଂଘୀୟବାଦ ବଦଳରେ ଏବେ ଦେଶରେ ପକ୍ଷପାତମୂଳକ ଫେଡେରାଲିଜମ୍ ଚାଲିଥିବା ନେଇ ସେ କ୍ଷୋଭ ବ୍ୟକ୍ତ କରିଛନ୍ତି। ଆମେ ଯାହା କହୁଛୁ ତାହା କର, ନଚେତ ଦଣ୍ଡିତ କରିବୁ, ଏହା ହେଉଛି ରାଜ୍ୟଗୁଡ଼ିକୁ କେନ୍ଦ୍ରର ବାର୍ତ୍ତା। ପ୍ରଧାନମନ୍ତ୍ରୀ ତାଙ୍କ ମନୋଭାବ ପରିବର୍ତ୍ତନ କରି ଦେଶ ପାଇଁ କିଛି ଭଲ କରନ୍ତୁ, ସେଥିପାଇଁ ସେ ନୀତି ଆୟୋଗ ବୈଠକକୁ ବୟକଟ୍ କରୁଥିବା କେସିଆର କହିଛନ୍ତି।

## ଜାଣିଶୁଣି ଦୀପେନ୍ଦ୍ରଙ୍କ ଶର୍ଟ ଚିରିଛନ୍ତି ରାହୁଲ



କଂଗ୍ରେସ ବିକ୍ଷୋଭ ବେଳେ ରାହୁଲ ଗାନ୍ଧୀ ଦୀପେନ୍ଦ୍ର ହୁଡ୍ଡାଙ୍କ ଶର୍ଟ ଧରିଥିବା ଫଟୋକୁ ଭାଜପା ପକ୍ଷରୁ ଭାଇରାଲ କରାଯାଇଛି।

**ନୂଆଦିଲ୍ଲୀ, ୬।୮ :** ଦରଦାମ ବୃଦ୍ଧି, ବେକାରୀ ଏବଂ ଜିଏସ୍‌ଟି ବିରୋଧରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କ୍ରମରେ ନୂଆଦିଲ୍ଲୀଠାରେ ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ବହୁ ନେତାଙ୍କୁ ଗିରଫ କରାଯାଇଥିଲା। ବିକ୍ଷୋଭରେ ଅଂଶଗ୍ରହଣ କରିଥିବା ନେତାମାନେ କଳା ପୋଷାକ ପିନ୍ଧିଥିଲେ। ରାହୁଲ ପୋଲିସ ବିରୋଧରେ ଅଭିଯୋଗ ଆଣି କହିଥିଲେ ସେମାନେ କେତେକ ଏମ୍‌ପିଙ୍କ ସହିତ ହାତାହାତି ହୋଇଥିଲେ। ଏନେଇ ଭାଜପା ପକ୍ଷରୁ ଶନିବାର ରାହୁଲ ଏବଂ ପ୍ରିୟଙ୍କା ନାଟକ ରାଜନୀତି କରିଥିବା ଅଭିଯୋଗ କରାଯାଇଛି। ଭାଜପା ଆଇଟି ୱିଙ୍ଗ ଦାୟିତ୍ୱରେ ଥିବା ଅମିତ ମାଲବ୍ୟ କଂଗ୍ରେସର ବିକ୍ଷୋଭ ସମୟର ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ରାହୁଲ ଗାନ୍ଧୀ ଏବଂ ଦୀପେନ୍ଦର ହୁଡ୍ଡା ଦିଲ୍ଲୀ ପୋଲିସ ସହ ଧସ୍ତାଧସ୍ତି ହେଉଥିବା ଦେଖିବାକୁ ମିଳିଛି। ମାଲବ୍ୟ ତାଙ୍କ ଟୁଇଟରେ ଲେଖିଛନ୍ତି ଯେ କଂଗ୍ରେସ ନେତା ରାହୁଲ ତାଙ୍କ ସହକର୍ମୀ ଦୀପେନ୍ଦ୍ରଙ୍କ ଶର୍ଟ ଚିରି ଦେଇଛନ୍ତି। ଯାହାଦ୍ୱାରା ଏକ ଭଲ ଫଟୋ ପ୍ରସ୍ତୁତ ହୋଇ ପାରିବ। ମାତ୍ର ରାହୁଲ ଏଥିପାଇଁ ଦିଲ୍ଲୀ ପୋଲିସକୁ ଦାୟୀ କରିଛନ୍ତି। ଏହାପୂର୍ବରୁ ଅନ୍ୟ ଏକ ଟୁଇଟରେ ମାଲବ୍ୟ ଦାବି କରିଛନ୍ତି ଯେ ବିରୋଧ ସମୟରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଡ୍ୟୁଟିରେ ଥିବା ପୋଲିସଙ୍କ ହାତ ମୋଡ଼ିବା ସହିତ ତାଙ୍କୁ ଗୋଇଠା ମାରିଥିଲେ। ଅପରପକ୍ଷେ କଂଗ୍ରେସର ବିରୋଧ ପ୍ରଦର୍ଶନକୁ ନେଇ ଦିଲ୍ଲୀ ପୋଲିସ ତୁଗଲକ ରୋଡ ଥାନାରେ ମାମଲା ରୁଜୁ କରିଛି। ନୂଆଦିଲ୍ଲୀ ପୋଲିସ ଡେପୁଟି କମିଶନର ଅମୃତା ଗୁଗୁଲୋଥ କହିଛନ୍ତି,ଆଇପିସି ର ଧାରା ୧୮୬, ୧୮୮, ୩୩୨ ଏବଂ ୩୪ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ନିଷେଧାଦେଶ ଲାଗୁ ହୋଇଥିବାରୁ ଜାତୀୟ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ କଂଗ୍ରେସକୁ ଅନୁମତି ଦେବାକୁ ଦିଲ୍ଲୀ ପୋଲିସ ମନା କରିଦେଇଥିଲା। ଶୁକ୍ରବାର ଦିଲ୍ଲୀର ଲୁଟିୟନ୍ସରୁ ୬୫ ଏମ୍‌ପିଙ୍କ ସମେତ ୩୦୦ ରୁ ଅଧିକ ପ୍ରଦର୍ଶନକାରୀଙ୍କୁ ପୋଲିସ ଗିରଫ କରିଥିଲା।

**ଭାଜପା ଆଣିଲା ଅଭିଯୋଗ**

ଓଡ଼ିଶା ସରକାର

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ**

**ODISHA STATE SCHOLARSHIP PORTAL**

No. V-46: ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଚଳିତ ୨୦୨୨-୨୩ ବର୍ଷ ପାଇଁ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ନିମନ୍ତେ ନୂତନ ଦରଖାସ୍ତ (ପଞ୍ଜୀକରଣ/ନୂତନ ପାଠ୍ୟକ୍ରମ ପାଇଁ ଆବେଦନ) ଏବଂ ନବୀକରଣ (ପରବର୍ତ୍ତୀ ବର୍ଷ ପାଇଁ ସମାନ ପାଠ୍ୟକ୍ରମରେ ନବୀକରଣ/ନୂତନ ପାଠ୍ୟକ୍ରମରେ ନବୀକରଣ) ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ **(ODISHA STATE SCHOLARSHIP PORTAL)** ମାଧ୍ୟମରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଅଛି। ପୂର୍ବ ବର୍ଷ ପରି OTP ମାଧ୍ୟମରେ AADHAAR ପ୍ରାମାଣିକିକରଣ ହୋଇ ନୂତନ ID ସୃଷ୍ଟି ହେବ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ଦିଆଯାଇଥିବା URL **http://www.scholarship.odisha.gov.in**ରେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନୂତନ ଆବେଦନ ପଞ୍ଜୀକରଣ କରିବେ।

**ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:**

(କ) ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନେ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ।

(ଖ) ସେ ସରକାରୀ/ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ।

(ଗ) ଅନୁସୂଚିତ ଜନଜାତି/ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇ ନଥିବ।

ଦରଖାସ୍ତ ପଞ୍ଜୀକରଣ କରିବାର ସମୟ ସାରଣୀ

| କ୍ର.ନଂ. | କାର୍ଯ୍ୟକ୍ରମ | ନବୀକରଣ/ନୂତନ ପଞ୍ଜୀକରଣ |
|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୧୦।୦୮।୨୦୨୨ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୧।୧୦।୨୦୨୨ |
| ୩ | ଦରଖାସ୍ତଗୁଡ଼ିକ ଅନୁଷ୍ଠାନ ଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ Online ପ୍ରେରଣ କରିବାର ଶେଷ ତାରିଖ | ୩୦।୧୧।୨୦୨୨ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକର Online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧।୧୨।୨୦୨୨ |

**ବିଶେଷ ଦ୍ରଷ୍ଟବ୍ୟ:** (i) ମାଟ୍ରିକ ପର ଛାତ୍ରବୃତ୍ତି ନିମନ୍ତେ ''ଆଧାର'' ନମ୍ବର ପ୍ରଦାନ କରିବା ନିତାନ୍ତ ଜରୁରୀ ଅଟେ। ପଞ୍ଜୀକରଣ ସମୟରେ ପୋର୍ଟାଲର ନିର୍ଦ୍ଧାରିତ Boxରେ ନିଜର ଆଧାର ନମ୍ବର ପ୍ରଦାନ କରନ୍ତୁ। ଯଦି ପ୍ରଦତ୍ତ ଆଧାର ନମ୍ବରରେ କୌଣସି ତ୍ରୁଟି ଥାଏ କିମ୍ବା ନମ୍ବରଟି ଅନ୍ୟ କାହାର ଥାଏ ତେବେ ଦରଖାସ୍ତଟିକୁ ବାତିଲ କରାଯିବ।
(Ref.: Dept Notification No. 10744 Dt.26.06.2019)

(ii) ଆବେଦନକାରୀମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର, IFSC Code, ଶାଖା ନାମ ଇତ୍ୟାଦି ପୋର୍ଟାଲରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ। ବ୍ୟାଙ୍କ ତଥ୍ୟ ପ୍ରଦାନ ବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ। ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ପ୍ରଦାନ କରାଗଲା ତେବେ ସେଥିପାଇଁ ସେ ଉତ୍ତରଦାୟୀ ରହିବେ।

**ଉଭୟ ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକ ଅନୁସରଣ କରିବେ:**

- ଯୋଗ୍ୟ ଛାତ୍ରଛାତ୍ରୀମାନେ ODISHA STATE SCHOLARSHIP PORTALର ଅନ୍‌ଲାଇନ୍ ରେଜିଷ୍ଟ୍ରେସନର ସମ୍ପୂର୍ଣ୍ଣ ପଦ୍ଧତି ଉପରୋକ୍ତ URLରେ "HOW TO APPLY" ବଟନ କ୍ଲିକ୍ କରି ଜାଣିପାରିବେ।
- ଯେହେତୁ ଆଧାର ପ୍ରମାଣୀକରଣ ହୋଇ ନୂତନ ID ସୃଷ୍ଟି ହେବ, ଛାତ୍ରଛାତ୍ରୀମାନେ ସେମାନଙ୍କର UIDAIରୁ OTP ପାଇବା ପାଇଁ ଏବଂ ସଫଳତା ପୂର୍ବକ ପଞ୍ଜୀକରଣ କରିବା ପାଇଁ ପୋର୍ଟାଲରେ OTP ପ୍ରଦାନ କରିବେ। ତେଣୁ ଆବେଦନ କରିବା ସମୟରେ ସେମାନେ ସେହି ମୋବାଇଲ ବହନ କରିବା ଉଚିତ୍।
- ଆବେଦନକାରୀର ସମ୍ପୂର୍ଣ୍ଣ ସୂଚନା ଯଥା: ନାମ, ଲିଙ୍ଗ, ଜନ୍ମ ତାରିଖ (DOB), AADHAARରୁ ଅଣାଯିବ ଏବଂ ଅଣ-ସମ୍ପାଦିତ (Non editable) ରହିବ। ଆବେଦନ କରିବା ପୂର୍ବରୁ ଛାତ୍ରଛାତୀମାନଙ୍କୁ ସେମାନଙ୍କର AADHAARରେ (ନାମ ଏବଂ ଉପନାମ ବନାନ ଅନ୍ତର୍ଭୁକ୍ତ କରି) ସଠିକ୍ ବୋଲି ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଉଅଛି।
- ନବୀକରଣ (ଉଭୟ ନୂତନ ପାଠ୍ୟକ୍ରମରେ ନବୀକରଣ/ସମାନ ପାଠ୍ୟକ୍ରମରେ ନବୀକରଣ) କରୁଥିବା ଛାତ୍ରଛାତ୍ରୀମାନେ ସେମାନଙ୍କର ବେସିକ୍ ପ୍ରୋଫାଇଲ ପେଜ୍‌ରେ ବାଧ୍ୟତାମୂଳକ ଭାବରେ AADHAAR ନମ୍ବର ପାର୍ଶ୍ୱରେ ଥିବା "VERIFY" ବଟନ୍ ଉପରେ କ୍ଲିକ୍ କରିବେ। AADHAARରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ OTP ଯିବ ଏବଂ ସେହି OTP ପୋର୍ଟାଲରେ ଦେବା ପରେ, ଯଦି AADHAARରେ କୌଣସି ପରିବର୍ତ୍ତନ (ନାମ/DOB/ଲିଙ୍ଗ) କରାଯାଇଥାଏ, ତାହା ପୋର୍ଟାଲରେ ସ୍ଥାନିତ ହୋଇଯିବ।
- ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ, ଏହି ଯୋଜନା ଅଧୀନରେ କେବଳ ଆଧାରଲିଙ୍କ୍ ବ୍ୟାଙ୍କ ଆକାଉଣ୍ଟରେ ଛାତ୍ରବୃତ୍ତି ପ୍ରଦାନ କରାଯିବ। ତେଣୁ, ଆବେଦନକାରୀମାନେ ନିଶ୍ଚିତ କରିବା ଉଚିତ୍ ଯେ ଆବେଦନରେ ଉଲ୍ଲେଖ କରାଯାଇଥିବା ଆଧାର ନମ୍ବର ସହିତ ସେମାନଙ୍କର ନିଜର ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ ଅଛି ଏବଂ ସେହି ଆକାଉଣ୍ଟଟି ସେମାନେ OSSPରେ ପଞ୍ଜୀକରଣ/ନବୀକରଣ କରିବା ସମୟରେ ପ୍ରଦାନ କରିବେ। ବ୍ୟାଙ୍କ ଆକାଉଣ୍ଟକୁ ଆଧାର ନମ୍ବର ସହିତ ଲିଙ୍କ୍ କରିବା ପାଇଁ ନିଜର ବ୍ୟାଙ୍କ ଶାଖା ପରିଦର୍ଶନ କରନ୍ତୁ ଏବଂ DBT ଗ୍ରହଣ କରିବା ପାଇଁ ଏକ ବ୍ୟାଙ୍କ ସମ୍ମତି ଫର୍ମ ଦାଖଲ କରନ୍ତୁ। **https://resident.uidai.gov.in/bank-mapper URL**ରେ NPCI ମ୍ୟାପରରେ ଆପଣଙ୍କର ଆଧାରନମ୍ବର ସହିତ କେଉଁ ବ୍ୟାଙ୍କ ଲିଙ୍କ୍ କରାଯାଇଅଛି ତାହା ଆପଣ ଯାଞ୍ଚ କରିପାରିବେ।
- ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନମାନଙ୍କୁ ଆବେଦନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟଗୁଡ଼ିକର ହାର୍ଡ଼କପି ଦାଖଲ ନ କରିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମାଟ୍ରିକ ରୋଲ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦିର ସବିଶେଷ ତଥ୍ୟ ପୂରଣ କରିବା ସମୟରେ, ସମ୍ପୃକ୍ତ ସାର୍ଟିଫିକେଟ ଏବଂ ପୋର୍ଟାଲରେ ଅପଲୋଡ ହୋଇଥିବା ବିବରଣୀ ଅନୁଯାୟୀ ସର୍ତ୍ତକତାର ସହିତ ପୂରଣ କରିବେ। ତଥାପି, ଯଦି ଆବଶ୍ୟକତା ଥାଏ ତେବେ DWO ଆବେଦନକାରୀଙ୍କଠାରୁ ହାର୍ଡ଼କପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମାଗିପାରିବେ। ଅନୁଷ୍ଠାନ/DWO ସ୍ତରରେ ଯାଞ୍ଚ ପ୍ରକ୍ରିୟା ସମୟରେ ଯଦି କିଛି ଅସଙ୍ଗତି ମିଳେ ତେବେ, ସମ୍ପୃକ୍ତ ଛାତ୍ରବୃତ୍ତି ପ୍ରତ୍ୟାଖ୍ୟାନ କରାଯାଇପାରେ।
- ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ଥର ପାଇଁ ଆବେଦନ କରୁଛନ୍ତି କିମ୍ବା ନୂତନ ପାଠ୍ୟକ୍ରମରେ ନବୀକରଣ କରୁଛନ୍ତି ସେମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନ୍‌ରେ ଜାତି ଏବଂ ଆୟ ପ୍ରମାଣପତ୍ର ପ୍ରାପ୍ତ କରିବାକୁ ଅନୁରୋଧ ।
- ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବବର୍ଷର ପାଠ୍ୟକ୍ରମ ସମାପ୍ତ କରି ସାରିଛନ୍ତି ଏବଂ ଏକ ନୂତନ ପାଠ୍ୟକ୍ରମରେ ସେମାନଙ୍କର ଆବେଦନକୁ ନବୀକରଣ କରୁଛନ୍ତି, ସେମାନେ ଅନ୍‌ଲାଇନ୍ ଆବେଦନର ଶିକ୍ଷାଗତ ଯୋଗ୍ୟତା ବିବରଣୀ ବିଭାଗରେ ତାହା ପ୍ରଦାନ କରିବା ଆବଶ୍ୟକ ।
- ଆବେଦନସ୍ଥିତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ମେସେଜ ପାଇବା ପାଇଁ ଛାତ୍ରଛାତ୍ରୀମାନେ ଏକ ଅପରେଟିଭ୍, ସକ୍ରିୟ ଏବଂ ଅନ୍ୟାନ୍ୟ ମୋବାଇଲ ନମ୍ବର (ବିଶେଷତଃ whatsapp ନମ୍ବର) ପୋର୍ଟାଲରେ ପ୍ରଦାନ କରିବା ଜରୁରୀ ଅଟେ । ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ, ଗୋଟିଏ ମୋବାଇଲ ନମ୍ବର କେବଳ ଗୋଟିଏ ଆବେଦନରେ ହିଁ ବ୍ୟବହାର କରାଯାଇପାରିବ ।
- ଛାତ୍ରଛାତ୍ରୀମାନେ ସେମାନଙ୍କର ID ଏବଂ passwordକୁ ଗୁପ୍ତ ରଖିବାକୁ ଅନୁରୋଧ । ଯଦି ଅନ୍ୟମାନଙ୍କ ସହିତ ଆବେଦନକାରୀ ID ଏବଂ password ଅଂଶୀଦାର କୌଣସି ଭୁଲ୍-କ୍ରେଡିଟ୍ / କାରସାଦି ହୁଏ, ତେବେ ସମ୍ପୃକ୍ତ ଛାତ୍ରଛାତ୍ରୀ କେବଳ ଦାୟୀ ହେବେ ।
- ଅନୁଷ୍ଠାନ/DWO ମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନ କରି ଅନ୍‌ଲାଇନ୍ ଆବେଦନ ପ୍ରାପ୍ତ ହେବାର 7 ଦିନ ମଧ୍ୟରେ ବିହିତ ପଦକ୍ଷେପ ନେବେ।

ସ୍ୱା./- ସ୍ୱତନ୍ତ୍ର ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ
OIPR-26001/11/0011/2223

**DIRECTORATE OF PRISONS AND CORRECTIONAL SERVICES, ODISHA**

**Notification No. 12087** **Date: 04.08.2022**
**FE(C) Misc. 10/2021**

**ADVERTISEMENT**

No. D-130: Application in plain paper with the following details are invited from the MBBS and Retired Medical Officers (MBBS) of State and Central Government within the age limit of 70 years (in case of Retired Doctors) for Contractual Engagement as Jail Medical Officers (Full Time Basis) in 81 (Eigthy One) Jails at Berhampur, Bhawanipatna, Bolangir, Dhenkanal, Keonjhar, Rourkela, Bonaigarh, Boudh, Deogarh, Bargarh, Jajpur, Jharsuguda, Kendrapara, Malkangiri, Aska, Athamallik, Baliguda, Banapur, Barbil, Birmaharajpur, Bissam-Cuttack, Champua, Chhatrapur, Daspalla, Dharmagarh, Digapahandi, G.Udayagiri, Gunupur, Jajpur Road, Jaleswar, Kantabanji, Karanjia, Khariar, Khandapada, Kodala, Kotpad, M.Rampur, Narsinghpur, Nilagiri, Nimapara, Padampur, R.Udayagiri, Rairkhol, Ranpur, Salipur, Sohela, Sonepur, Sorada, Titlagarh, Talcher, Anandapur, Kuchinda, Rairangpur, Umerkote, Bhadrak, Athgarh, Banki, Baramba, Hindol, Jagatsinghpur, Jeypore, Kamakshyanagar, Khordha, Kujanga, Nabarangpur, Nayagarh, Nuapara, Pallahara, Paralakhemundi, Patanagarh, Rayagada, Soro, Udala, Sambalpur, Koraput, Angul, Balasore, Phulbani, Sundergarh, Bhanjanagar and Biju Pattanaik Open Air Ashram, Jamujhari with a consolidated monthly remuneration of Rs.55,000/- (Fifty five thousand) only per month. The intended Medical Officers will submit the application to the Office of the **D.G. of Prisons and Director, Correctional Services, Odisha, Bhubaneswar, Heads of Department Building, 3rd Floor, Southern Wing, Unit - V, Bhubaneswar - 751001, Odisha on or before 31.08.2022, 5.30 P.M. in person or through Speed Post/E-Mail (E-Mail ID: prisons.od@nic.in)**. Application received will be considered on merit cum suitability as per existing provision and guidelines issued by the Government in Home Department as well as Health and Family Welfare Department. For details please go through our website **https://prisons.odisha.gov.in** and application form can be downloaded.

**Sd./- D.G. of Prisons & Director Correctional Services, Odisha**
**OIPR-12019/11/0002/2223**

**GOVERNMENT OF ODISHA** No. B-443
**Office of the Superintending Engineer**
**Bhanjanagar (R&B) Division, Bhanjanagar**
**(Phone/Fax: (06821) 241133/E-mail: eernbbngr@yahoo.in)**
**Ltr. No.6822//Dtd.02.08.2022**

**INVITATION FOR BIDS (IFB)**

**E-Procurement Bid Identification No. S.E.-BNJ-R&B-10/2022-23**

1. Name of work :- Building Works
2. No. of Works :- One No. of Work
3. No. of Covers :- Single Cover
4. Estimated cost :- Rs.27.965 lakhs
5. Period of Completion :- Six Calendar Months.
6. Date & time of availability of bid document in the portal :- From 12.00 Noon of dated 12.08.2022 to 5.00 PM of dated 22.08.2022
7. Last date/time for receipt of bids in the portal :- Upto 5.00 PM of dated 22.08.2022
8. Date of opening of bid documents :- At 11.00 A.M of 23.08.2022
9. Class of Contractor :- "C" & "B" Class Contractor
10. Name and address of officer inviting Bid :- Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

**Sd./- Superintending Engineer, Bhanjanagar (R&B) Division**
OIPR-34015/11/0009/2223

**Inviting RFP for Selection of Agency for Establishment and Running of Project Management Unit (PMU) at Odisha Adarsha Vidyalaya Sangathan (OAVS)**

**Tender Ref. No. 4147** **Bhubaneswar, Dated: 22.07.22**

**No. n-37:-** The Odisha Adarsha Vidyalaya Sangathan (OAVS) invites Prequalification, Technical and Financial Proposals from Agencies of National repute for the establishment and running of a Project Management Unit (PMU) for increasing the efficiency and effectiveness of the operations of OAVS, Odisha as specified in this RFP Document.

The RFP document can be downloaded from the website link http//www.oav.edu.in with effect from **22.07.2022 (11 AM) to 17.08.2022 (2 PM)** and response to this tender shall be deemed to have been done after careful study and examination of this document with full understanding of its implications.

Interested agencies are requested to submit the details to the undersigned as per the schedule indicated in the Fact Sheet, by post (Registered/ Speed) at the office of the Odisha Adarsha Vidyalaya Sangathan (OAVS). Based on the eligibility criteria as mentioned in the RFP, the applicant agency will be selected.

For any further clarifications, please contact the Odisha Adarsha Vidyalaya Sangathan (OAVS) on Phone Number: 0674-2300336 during official working hours only (10 AM to 5 PM).

**Sd./- State Project Director, OAVS**
OIPR-27029/11/0008/2223

ଯାହା ନିକଟରେ ମନର ସବୁ ଅକୁହା କଥା କହିହୁଏ, ଯିଏ ସୁଖ ଆଉ ଦୁଃଖରେ ସାଥିରେ ଥାଏ, ସିଏ ହେଉଛି ବନ୍ଧୁ । ଆଉ ଏହି ଅପୂର୍ବ ସମ୍ପର୍କକୁ ଆହୁରି ନିବିଡ଼ କରିବା ଲାଗି ବୋଧହୁଏ ଏହି ବନ୍ଧୁତ୍ୱ ଦିବସର ପରିକଳ୍ପନା। ଆଜି ଏହି ବିଶେଷ ଅବସରରେ କେତେଜଣ ଯୁବ କବିଙ୍କ କଲମରୁ ନିଜ ବନ୍ଧୁଙ୍କ ପାଇଁ ଶବ୍ଦମାଳାରେ ଗୁନ୍ଥା ଏହି କବିତା ଉପହାର...



# ପ୍ରିୟ ସାଙ୍ଗ ପାଇଁ ପଦେ...



## ବିଶ୍ୱାସେ ବନ୍ଧା ଏ ସମ୍ପର୍କ

ବନ୍ଧୁତ୍ୱ ଏକ ଅବୁଝା ସମ୍ପର୍କ!
ନ ଥାଏ ଏଠି ବୟସ ସୀମା,
ନା ଥାଏ ପୁଅ ଝିଅର ବନ୍ଧ
କେବଳ ପ୍ରତିଜ୍ଞା ଓ ଭଲ ପାଇବାରେ
ବଞ୍ଚେ ଏ ସମ୍ପର୍କ
ସେଥିପାଇଁ ତ ଏ ସମ୍ପର୍କକୁ କୁହାଯାଏ
ପୂର୍ଣ୍ଣତାର ଡୋରି
ଯାହା ପ୍ରେମପୂର୍ଣ୍ଣ, ତ୍ୟାଗପୂର୍ଣ୍ଣ, ସ୍ନେହପୂର୍ଣ୍ଣ
ବିଶ୍ୱାସ ସିମେଣ୍ଟରେ ଯୋଡ଼ା ଏ ବନ୍ଧନ।

ସେ ସମ୍ପର୍କ ରକ୍ତର ନୁହେଁ
ହେଲେ ଧମନୀରେ ରକ୍ତ ହୋଇ ବହେ
ହୃଦୟରେ ଘର କରି ରହେ
ଯାହା ବିନା ଜୀବନ ଅସମ୍ପୂର୍ଣ୍ଣ
ତାହା ହେଉଛି ପୂର୍ଣ୍ଣତାର ବନ୍ଧନ
ବନ୍ଧୁତ୍ୱ।
– **ଶୁଭଙ୍କର ଜେନା** (ଭୁବନେଶ୍ୱର)

## ବନ୍ଧୁତାର ବନ୍ଧନ

ଆସିଛୁ ତ ଆମେ ସଭିଏଁ ବିଭିନ୍ନ ଜାଗାରୁ
ଚାଲୁଛୁ କିନ୍ତୁ ସମସ୍ତେ ଗୋଟିଏ ମନରୁ
ନାହିଁ ତା' ଭିତରେ ସାନ ବଡ଼ର ଭାବନା
କି ଆସିନି ମନେ ପୁଅ ଝିଅର ପରିକଳ୍ପନା ।।

ବିପଦେ ଆପଦେ ଦଣ୍ଡାୟମାନ
ଗୋଟିଏ ହୃଦୟରୁ
ମନକଥା ବୁଝିପାରୁ ସାମ୍ନାର
ସେଇ ଦୁଇ ଆଖିରୁ
ପରସ୍ପରକୁ ଭଲପାଇବାରେ
ନାହିଁ ଟିକିଏ ସନ୍ଦେହ
ଥିବା ଆମେ ଏକାଠି ହୋଇ
ଥିବାଯାଏଁ ଏହି ଦେହ ।।

ଏହା ଆମ ପାଇଁ ଭିନ୍ନ
ଏକ ପୃଥିବୀର ଆବିଷ୍କାର
ବନ୍ଧୁତ୍ୱର ବନ୍ଧନରେ ଆବଦ୍ଧ
ଆମରି ସଂସାର.....
– **ଦେବାଶିଷ ଆଚାର୍ଯ୍ୟ**
(ଓଡ଼ଗାଁ, ନୟାଗଡ଼)

## ବନ୍ଧୁ

ଜୀବନର ଅନ୍ଧକାର ସମୟେ ସେ
ପ୍ରଦୀପ ଶିଖା
ଫଗୁଣ ସାଜି ପୁଣି ଅଜାଡ଼ି ହେଇଯାଏ
ସୁଖ ସମୟେ,
ସେହି ଏକା ସାଜେ ତରୀ ଜୀବନ
ବନ୍ୟାରେ
ଦୁନିଆ ଯେବେ ସାଜେ ବଇରୀ
ଅସମୟେ!

ଲଢ଼ିଯାଏ ସାଜି ଢାଲ ନରଖି ନିଜ
ଜୀବନେ ଲୋଭ
ହେ ବନ୍ଧୁ! ତୋ ସମ କିଏ ଯେ ହେବ
ଜଗତେ,
ତୁ ହିଁ ତ ଏକା ଔଷଧ ଏ ହୃଦୟ ବ୍ୟାଧିର
ଶ୍ରେଷ୍ଠ ଏ ସମ୍ପର୍କ ଯୁଗେ ଯୁଗେ ଏ
ମର୍ତ୍ତ୍ୟେ ।
– **ସୁଶ୍ରୀ ସଙ୍ଗୀତା ସେଠୀ**
(ବିଲିପଡା, ଯାଜପୁର)


ସୁଦିପା


ଦେବାଶିଷ


ସୁଶ୍ରୀ ସଙ୍ଗୀତା


ସୁବ୍ରତ


ଶୁଭଙ୍କର


ସୁରଜ


ଦେବଜ୍ୟୋତି

## ବନ୍ଧୁଟିଏ

ମୋ ଅଦେଖା ଲୁହରେ ଯେଉଁ କାନ୍ଧଟି ଭିଜିଛି,
ମୋ ଅକୁହା ଦୁଃଖର ବୋଝ ବାଣ୍ଟି ଯେଉଁ ଆଖିରୁ ନିଦ ହଜିଛି,
ହସର ଇନ୍ଦ୍ରଧନୁ ଖେଳିଛି ଯାହା ଓଠରେ, ମୋ ସୁଖର ବସନ୍ତରେ,
ଝୁଣ୍ଟିବା ଆଗରୁ ସମ୍ଭାଳି ନେଇଛି ଯେଉଁ ହାତ ଯୋଡ଼ିକ ମୋତେ,
ଝୁଣ୍ଟିବା, ପଡ଼ିବା, ହାରିବା ପରେ ବି କୋଉ ବା ସେ ମୋ ହାତକୁ ଛାଡ଼ିଛି ?

ହଉ ସେ ଆଷାଢ଼ର ଅମା ରାତି କି ଭୋଦୁଅର ତୋଫା ଜହ୍ନ,
ଯେଉଁ ପାଦ ଦୁଇଟି ମୋ ପାଦ ସହ ତାଳ ଦେଇ ଅହରହ ଚାଲିଛି,
ନା ମୋ ଅଗଣାରେ ଫୁଟିଛି ପାରିଜାତ,
ନା ମୋ ସୁବର୍ଣ୍ଣ ପ୍ରାସାଦରେ ଗନ୍ଧର୍ବଙ୍କ ଆତଯାତ,
ହେଲେ ମୁକ୍ତାଠାରୁ ମୂଲ୍ୟବାନ୍, ମହୀଠାରୁ ମହୀୟାନ, ଅମ୍ବରଠୁ ଆତ୍ମୀୟ ମୁଁ
ବନ୍ଧୁଟିଏ ପାଇଛି।
– **ଦେବଜ୍ୟୋତି ଅବିନାଶ** (ଛାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ)

## ତୁ

ଅଖ ବୁଲୁ ଥାଇ ଚକ ବୁଲୁ ଥାଇ
ବୁଲି ପଡୁଥାଇ ପହି
ସମୟ ସ୍ରୋତରେ ତୋ ହାତ ଧରିଛି
ଛାଡ଼ିବିନି କେବେ ମୁହିଁ।

ଯେତେ କଥା କହି ଗାଳି ପଛେ ଦିଏ
ରହିଥାଆ ସାଥେ ମୋର
ତୋ ପରି ସଖାଟେ ପାଖରେ ପାଇକି
ଜୀବନ ହୋଇଛି ସାର।
– **ସୁଦିପା ସାହୁ**
(ବାସୁଦେବପୁର, ଭଦ୍ରକ)



## ମୋ ସାଙ୍ଗ

ଜୀବନ୍ୟାସର ଗୁହାରି କରେ ହୃଦୟରେ ସୁପ୍ତ ସ୍ମୃତି,
କେବେ ସ୍ୟାହିରେ ଝରିଯାଏ,
କେବେ ଭାବନାର କାନଭାସ୍‌ରେ ରଙ୍ଗ ବୋଳେ
ଗୋଟିଏ ଜୀବନରେ ଖୁନ୍ଦି ଖୁନ୍ଦି ରହିଯାଏ କେତେ,
ଅଭିଯୋଗ ନ ଥାଏ ରୂପାନ୍ତର ପାଇଁ,
ଫାଙ୍କା କାଗଜ ଦେଖିଲେ ଆସିଯାଏ ଧାଇଁ,
ତା' ଆଗମନରେ ବୁକୁଫଟା ଚିତ୍କାର ବି ଥମିଯାଏ,
ଗୋଟିଏ ଶାନ୍ତ ପରିପକ୍ୱତାଭରା ହସରେ ବଦଳିଯାଏ।
ସେ ପ୍ରେମର ରଙ୍ଗିନ ଛବି ହେଉ
କି ହେଉ ପ୍ରତାରଣାର ବ୍ଲାକ ଏଣ୍ଡ୍ ହ୍ୱାଇଟ୍ ପରଦା,
ସବୁ କିଛି ସୁନ୍ଦର ଲାଗେ ମୋ ସାଙ୍ଗ ଆସିଗଲା ପରେ।
ବୟସର ବନ୍ଧନୀରେ ବେଳେବେଳେ ମନେପଡେ,
ପିଲାଦିନ, ଗାଁ ଦାଣ୍ଡ, ଆମ୍ବ ଚୋରି
ଆଉ ଚୁକ୍ତିହୀନ ସେଇ ବନ୍ଧୁତା,
ଛୁଇଁ ହୁଏନି ତାକୁ, ଖାଲି ବୁଝିହୁଏ
ମନ ଭିତରେ ନୀରବ ରହିଯାଏ ବନ୍ଧୁ ଆଉ ବନ୍ଧୁତାର କଥା,
ସ୍ନେହ-ସରାଗ-ସ୍ୱାଭିମାନର କଥା,
ମୋ ସାଙ୍ଗର କଥା ।
– **ସୁରଜ କୁମାର ମିଶ୍ର** (ଭୁବନେଶ୍ୱର)

## ବନ୍ଧୁତା: ସେ ଯେ ଭିନ୍ନ ଏକ ପକ୍ଷୀ

ରଖିବାକୁ ତାକୁ କିଣିବାକୁ ହେବ ନାହିଁ
ତୁମକୁ ସୁନାର ପଞ୍ଜୁରି ଅବା
ଯାଚିବାକୁ ହେବ ନାହିଁ ରୁପାଗିନାରେ ଦୁଧ ଭାତ
କାହିଁକିନା ସେ ଯେ ବନ୍ଦୀ ଚିରକାଳ
ତୁମ ଛାତିର କେଉଁ ଅଳିନ୍ଦ ଅବା ନିଳୟର
କପାଟିକା ଭିତରେ
ସମ୍ପର୍କର ଏ ମିଠାପଣରେ
ମଧୁର ଉତ୍ପୀଡ଼ନ ସବୁକୁ ଭୋଗି ଭୋଗି
ଯେ ପାଲଟି ସାରିଛି ମଧୁମେହ ରୋଗୀଟିଏ
ତା' ପାଖେ ତୁଚ୍ଛ ଏ ମଧୁର
ଆୟୋଜନ ଯେତେ ।।

ସ୍ୱାର୍ଥାନ୍ଧତାର କାଣିଚାଏ ଅଳନ୍ଧୁ
ତୁମେ ପାଇବ ନାହିଁ ତା' ଚିଠିରେ ଅବା ଚଞ୍ଚୁରେ
ପାଇବ ନାହିଁ ବି ଗୋଟେ ଅର୍ଥପୂର୍ଣ୍ଣ ହସ
ସେତକ ନାହିଁ ବୋଲି ତ
ଝଡ଼ ବତାସରେ ବି
କେତେ ନଈନାଳ, ପାହାଡ଼ ମଥାନ ଟପି
ସେ ଉଡ଼ିଆସୁଥିବ ଏମିତି ତୁମ ପାଖକୁ
ଆଉ ତୁମ ଝର୍କାର ରେଲିଂରେ ବସି
ଗାଉଥିବ ଏକ ନୂଆ ସକାଳର ଗୀତ।।

– **ସୁବ୍ରତ କୁମାର ସେନାପତି** (ଖାରବେଳ ଛାତ୍ରାବାସ, ଓୟୁଏଟି, ଭୁବନେଶ୍ୱର)





## ଏ ସପ୍ତାହର ପ୍ରଶ୍ନ

୧– ଗୁଡ୍ସ ଆଣ୍ଡ ସର୍ଭିସ୍ ଟାକ୍ସ ଡେ' ................ ତାରିଖରେ ପାଳନ କରାଯାଏ ?
୨– ଟେଷ୍ଟ କ୍ରିକେଟରେ ଏକ ଓଭରରେ ସର୍ବାଧିକ ରନ କରି ବିଶ୍ୱ ରେକର୍ଡ କରିଥିବା କ୍ରିକେଟ ଖେଳାଳି ................ ?
୩– ଭାରତର ପ୍ରଥମ ଅଟୋନମସ୍ ନାଭିଗେଶନ୍ ଫାସିଲିଟିର ନାମ ............. ?
୪–ଜିଓମାରା କ୍ୟାଷ୍ଟ୍ରୋ........... ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ?
୫– ଲର୍ଡ୍ସ ରେଜିଷ୍ଟାନ୍ସ ଆର୍ମି ............... ଦେଶରେ ଦେଖିବାକୁ ମିଳେ ?

## ଗତ ଥରର ଉତ୍ତର

୧ ଗୁଜରାଟ
୨ ଜୁଲାଇ ୨
୩ ୧୯୧୫
୪ କଇଁଫୁଲ
୫ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍

## ଉତ୍ତରଦାତା


ଛବିଲାଲ୍ ଭାଟି, କୋରାପୁଟ


ଶେଖ୍ ୟାକୁବ୍, ଗୋପ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

ଅଧିକ ବ୍ୟବହୃତ ବାଇସାଇକେଲ୍ ବ୍ରାଣ୍ଡ- ୨୦୨୨



୧........ ସ୍ପେସିଆଲାଇଜ୍ଡ୍
୨........ ପୀନାରେଲୋ
୩........ ସ୍କଟ୍
୪........ କ୍ୟାନିଅନ୍
୫........ ଜିଆଣ୍ଟ ଆଣ୍ଡ
୬........ ରିଡ୍‌ଲେ
୭........ ସର୍ଭେଲୋ
୮........ ବିଏମ୍‌ସି
୯........ ଟ୍ରେକ୍
୧୦........ କ୍ୟାନନ୍‌ଡେଲ୍

### ଜାଣନ୍ତୁ ଦୁନିଆ

# ଫ୍ରେଣ୍ଡଶିପ୍ ଡେ'

ଆଜି ଆମ ଦେଶରେ ପାଳନ ହେଉଛି ଫ୍ରେଣ୍ଡଶିପ୍ ଡେ'। ହେଲେ ଅନ୍ୟାନ୍ୟ ଦେଶରେ ଏହି ଦିବସ ଭିନ୍ନ ଭିନ୍ନ ତାରିଖରେ ପାଳନ କରାଯାଇଥାଏ। ଆସନ୍ତୁ ଜାଣିବା କେବେ କେଉଁଠି ପାଳନ ହୁଏ ଏହି ଦିବସ...



▶ହଲ୍‌ମାର୍କ କାର୍ଡର ପ୍ରତିଷ୍ଠାତା ଜଏସ୍ ହଲ୍ ୧୯୧୯ ମସିହାରେ ଏକ ବ୍ୟବସାୟ ରଣନୀତି ଉଦ୍ଦେଶ୍ୟରେ ଅଗଷ୍ଟ ପ୍ରଥମ ରବିବାରକୁ ଫ୍ରେଣ୍ଡଶିପ୍ ଡେ' ଭାବେ ଆରମ୍ଭ କରିଥିଲେ। ହେଲେ ଧୀରେ ଧୀରେ ଏହାର ଲୋକପ୍ରିୟତା ଖୁବ୍ ବଢ଼ିବା ସହ ଅନ୍ୟାନ୍ୟ ଦେଶରେ ମଧ ଏହି ଦିବସ ପାଳନ ଆରମ୍ଭ କରିଥିଲେ।

▶ଆମ ଦେଶରେ ୧୯୨୦ ମସିହାରେ ଗ୍ରୀଟିଂ କାର୍ଡ ଆସୋସିଏଶନ୍ ପକ୍ଷରୁ ଫ୍ରେଣ୍ଡଶିପ୍ ଡେ' ପ୍ରମୋଶନ୍ କରାଯାଇଥିଲା। ଅନେକେ ଏହାକୁ ଗ୍ରୀଟିଂ କାର୍ଡ ବିକ୍ରି ବୃଦ୍ଧି ନିମନ୍ତେ ଏକ ବିଜ୍‌ନେସ୍ ପ୍ଲାନ୍ ଭାବିଥିଲେ ହେଁ ବାସ୍ତବରେ ତାହା ନ ଥିଲା। ସେବେଠୁ ଆମ ଦେଶରେ ପ୍ରତି ବର୍ଷ ଅଗଷ୍ଟ ପ୍ରଥମ ରବିବାରକୁ ନ୍ୟାଶନାଲ୍ ଫ୍ରେଣ୍ଡଶିପ୍ ଡେ' ଭାବେ ପାଳନ କରାଯାଇ ଆସୁଅଛି।

▶ୟୁନାଇଟେଡ୍ ଷ୍ଟେଟ୍‌ସ ଅଫ୍ କଂଗ୍ରେସ୍ ପକ୍ଷରୁ ୧୯୩୫ ମସିହାରେ ଅଗଷ୍ଟ ପ୍ରଥମ ରବିବାରକୁ ଜାତୀୟ ବନ୍ଧୁତ୍ୱ ଦିବସ ଭାବେ ଘୋଷଣା କରାଗଲା। କିନ୍ତୁ ପାରାଗୁଏର ଡା. ରାମନ୍ ଆର୍ଟେମିଓ ବ୍ରାକୋ ଅଗଷ୍ଟ ପରିବର୍ତ୍ତେ ଜୁଲାଇ ୩୦ ତାରିଖରେ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କ ଦେଶ ସମେତ ଅନ୍ୟାନ୍ୟ ଦେଶରେ ୧୯୫୮ମସିହାରୁ ଏହି ଦିନ ୱାର୍ଲ୍ଡ ଫ୍ରେଣ୍ଡଶିପ୍ ଡେ' ଭାବେ ପାଳନ କରାଯାଇ ଆସୁଅଛି।

▶ୟୁନାଇଟେଡ୍ ଷ୍ଟେଟ୍ ଆସେମ୍ବ୍ଲି ପକ୍ଷରୁ ୨୦୧୧ ମସିହା ଏପ୍ରିଲ୍ ୨୭ରେ ଜୁଲାଇ ୩୦ ତାରିଖକୁ ବିଶ୍ୱ ବନ୍ଧୁତ୍ୱ ଦିବସର ମାନ୍ୟତା ମିଳିଲା।

▶ଆମେରିକାର ମେମ୍ଫିସ୍ କାପ୍ପା ଡେଲ୍ଟା ସୋସାଇଟି ପକ୍ଷରୁ ଜଣେ ମହିଳାଙ୍କ ଜୀବନରେ ମହିଳା ବନ୍ଧୁଙ୍କ ଗୁରୁତ୍ୱ ଦର୍ଶାଇବା ଲାଗି ୧୯୯୯ ମସିହା ସେପ୍ଟେମ୍ବର ୩ୟ ରବିବାରକୁ ନ୍ୟାଶନାଲ ଓମେନ୍ସ ଫ୍ରେଣ୍ଡଶିପ୍ ଡେ' ଭାବେ ପାଳନ କରାଯାଉଛି।

▶ସ୍ପେନ୍, ବ୍ରାଜିଲ୍, ଆର୍ଜେଣ୍ଟିନା ଏବଂ ଉରୁଗୁଏ ଆଦି ଦେଶରେ ଜୁଲାଇ ୩୦ ପରିବର୍ତ୍ତେ ୨୦ ତାରିଖରେ ଏହି ଦିବସ ପାଳନ କରାଯାଏ।

▶ଇଡର, ମେକ୍ସିକୋ, ଭେନେଜୁଏଲା ଆଦି ଦେଶରେ ଫେବୃୟାରୀ ୧୪ ବା ଭାଲେଣ୍ଟାଇନ୍ସ ଡେ'କୁ ଫ୍ରେଣ୍ଡଶିପ୍ ଡେ' ଭାବେ ପାଳନ କରାଯାଇଥାଏ।

▶ଫେବୃୟାରୀ ମାସକୁ ଇଣ୍ଟରନ୍ୟାଶନାଲ୍ ମନ୍ଥ ଅଫ୍ ଫ୍ରେଣ୍ଡଶିପ୍ ଭାବେ ପାଳନ କରାଯାଏ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୭ ଅଗଷ୍ଟ, ୨୦୨୨ Bhubaneswar, Sunday, August 7/2022




ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ୍ ଫାଇନାଲରେ କେନିଆର ଆବ୍ରାହମ କିବିଓଟ୍ (ଡାହାଣ)ଙ୍କ ପଛରେ ରହିଛନ୍ତି ଭାରତର ଅବିନାଶ ମୁକୁନ୍ଦ ସାବ୍ଲେ।

# ଫାଇନାଲରେ ଭିନେଶ, ରବି, ନବୀନ

**ବର୍ମିଂହାମ୍,୬।୮(ପି.ଟି):** ରାଜ୍ୟଗୋଷ୍ଠୀ କ୍ରୀଡାର ନବମ ଦିନରେ ଭାରତୀୟ ରେସଲରଙ୍କୁ ବଡ ସଫଳତା। ୫୭ କିଗ୍ର ବର୍ଗରେ ରବି ଦହିୟା, ୫୩ କିଗ୍ରା ବର୍ଗରେ ଭିନେଶ ଫୋଗତ। ଏବଂ ୭୪ କିଗ୍ରା ବର୍ଗରେ ନବୀନ କୁମାର ଫାଇନାଲରେ ପ୍ରବେଶ କରିବା ସହିତ ପଦକ ନିଶ୍ଚିତ କରିଛନ୍ତି। ଟୋକିଓ ବିଫଳତା ପରେ ଶାରୀରିକ ଓ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଥିବା ଭିନେଶ ନିଜର ତୃତୀୟ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ହାସଲ ଦିଗରେ ଅଗ୍ରସର ହୋଇଛନ୍ତି। ୫୩ କିଗ୍ର ବର୍ଗରେ ମାତ୍ର ୪ ଜଣ ଖେଳାଳି ଅଂଶଗ୍ରହଣ କରୁଥିବା ବେଳେ ପ୍ରଥମ ରାଉଣ୍ଡରେ ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ସାମନ୍ଥା ଲେଘ ଷ୍ଟିୱାର୍ଟଙ୍କୁ ଭେଟିଥିଲେ। ମାତ୍ର ୩୬ ସେକେଣ୍ଡରେ ଏହି ମୁକାବିଲା ଜିତି ନେଇଥିଲେ ଫୋଗତ। ପରବର୍ତ୍ତୀ ରାଉଣ୍ଡରେ ନାଇଜେରିଆର ମର୍ସି ବୋଲାଫୁନୋଲୁୱା ଆଡେକୁରୋୱେଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଶ୍ରୀଲଙ୍କାର ଚାମାଡ୍ୟା କେଶାନିଙ୍କୁ ସେ ଫାଇନାଲରେ ଭେଟିବେ। ୫୭ କିଗ୍ରା ବର୍ଗରେ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ରବି କୁମାର ଦହିୟା ସହଜ ବିଜୟ ସହିତ ଫାଇନାଲରେ ପ୍ରବେଶ କରିଛନ୍ତି। ନ୍ୟୁଜିଲାଣ୍ଡର ସୁରଜ ସିଂ ଓ ପାକିସ୍ତାନର ଅସଦ ଅଲୀଙ୍କୁ ଟେକ୍ନିକାଲ ସୁପିରିଅରିଟି ହିସାବରେ ପରାସ୍ତ କରିଥିଲେ ରବି। ପ୍ରଥମ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପାଇଁ ଲଢେଇ କରୁଥିବା ଦହିୟା ଫାଇନାଲରେ ନାଇଜେରିଆର ଏବିକେୱେନିମୋ ୱେଲସନଙ୍କୁ ଭେଟିବେ।

ସୁନା ଲଢେଇରେ ରହିଥିବା ୭୪ କିଗ୍ରା ବର୍ଗର ନବୀନ ଫାଇନାଲରେ ପାକିସ୍ତାନର ତାହିର ମହମ୍ମଦ ଶରିଫଙ୍କୁ ଭେଟିବେ। ନାଇଜେରିଆର ଓଗବୋନ୍ନା ଏମାନୁଏଲ ଜନ୍, ସିଙ୍ଗାପୁରର ହଙ୍ଗ ୟେଓ ଲୁ ଏବଂ ଇଂଲଣ୍ଡର ଚାର୍ଲିସ ଜେମସଙ୍କୁ ପରାସ୍ତ କରିଥିଲେ। ୫୦ କିଗ୍ରା ମହିଳା ବର୍ଗରେ ପୂଜା ସିହାଗ ଏବଂ ୯୭ କିଗ୍ରା ବର୍ଗରେ ଦୀପକ ପୁନିଆ ବ୍ରୋଞ୍ଜ ପଦକ ମୁକାବିଲା ଖେଳିବେ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ଦଳ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୫୫ | ୪୫ | ୪୬ | ୧୪୬ |
| ଇଂଲଣ୍ଡ | ୪୭ | ୪୮ | ୪୨ | ୧୩୭ |
| କାନାଡ଼ା | ୧୯ | ୨୮ | ୩୦ | ୭୭ |
| ନ୍ୟୁଜିଲାଣ୍ଡ | ୧୭ | ୧୧ | ୧୪ | ୪୨ |
| **ଭାରତ** | **୯** | **୧୧** | **୧୧** | **୩୧** |
| ନାଇଜେରିଆ | ୯ | ୩ | ୯ | ୨୧ |
| ସ୍କଟଲାଣ୍ଡ | ୮ | ୯ | ୨୧ | ୩୮ |
| ଦକ୍ଷିଣ ଆଫ୍ରିକା | ୭ | ୭ | ୯ | ୨୩ |
| ମାଲେସିଆ | ୬ | ୫ | ୪ | ୧୫ |
| ୱେଲ୍ସ | ୫ | ୫ | ୧୩ | ୨୩ |
| ଜାମାଇକା | ୪ | ୨ | ୨ | ୮ |
| କେନିଆ | ୩ | ୪ | ୬ | ୧୩ |

(ଶନିବାର ରାତି ୧୦ଟା ସୁଦ୍ଧା)




# ସାବ୍ଲେ, ପ୍ରିୟଙ୍କାଙ୍କୁ ରୌପ୍ୟ ପଦକ

ବର୍ମିଂହାମ୍, ୬।୮(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶନିବାର ଭାରତୀୟ ଆଥ୍‌ଲେଟ ଅବିନାଶ ସାବ୍‌ଲେ ନିଜ ଜାତୀୟ ରେକର୍ଡ ଭଙ୍ଗ କରିବା ସହ ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଏକ ରୌପ୍ୟ ଜିତିଛନ୍ତି। ଅନ୍ୟପକ୍ଷରେ ପ୍ରିୟଙ୍କା ଗୋସ୍ୱାମୀ ମହିଳା ୧୦,୦୦୦ମିଟର ରେସ୍ ୱାକ୍‌ରେ ମଧ୍ୟ ରୌପ୍ୟ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ୧୦,୦୦୦ ମିଟର ରେସ୍ ୱାକ୍ ଜିତିବାରେ ପ୍ରିୟଙ୍କା ଗୋସ୍ୱାମୀ ପ୍ରଥମ ଭାରତୀୟ ମହିଳା ବିବେଚିତ ହୋଇଛନ୍ତି। ଗୋସ୍ୱାମୀ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪୩:୩୮.୮୩ ସେକେଣ୍ଡରେ ଅଷ୍ଟ୍ରେଲିଆର ଜେମିମା ମନ୍ଟାଗ୍ (୪୨:୩୪.୩୦)ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।



ପଦକ ସହ ଅବିନାଶ ସାବ୍‌ଲେ ଓ ପ୍ରିୟଙ୍କା ଗୋସ୍ୱାମୀ।

## ଆଥ୍‌ଲେଟିକ୍ସ

କେନିୟାର ଏମିଲି ୱାମୁସ୍ୱି (୪୩: ୫୦.୮୬) ବ୍ରୋଞ୍ଜ ଜିତିଥିଲେ। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଭାବନା ଜାଟ୍ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪୭:୧୪.୧୩ ସହ ୮ମ ସ୍ଥାନରେ ରହିଥିଲେ। ଶନିବାର ଏହି ଦୁଇ ପଦକ ଦ୍ୱାରା ଭାରତୀୟ ଆଥଲେଟିକ୍ସ ଟିମ୍‌ର ପଦକ ସଂଖ୍ୟା ୪ରେ ପହଞ୍ଚିଛି। ୨୦୧୮ ଗୋଲ୍ଡକୋଷ୍ଟ ଗେମ୍ସରେ ଦେଶ ଦୌଡ଼କୁଦରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିଥିଲା। ବର୍ମିଂହାମ୍‌ରେ ହାଇଜମ୍ପର ତେଜସ୍ୱିନୀ ଶଙ୍କର ଓ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ଯଥାକ୍ରମେ ଗୋଟିଏ ବ୍ରୋଞ୍ଜ ଓ ରୌପ୍ୟ ପଦକ ପାଇଛନ୍ତି। ୨୭ବର୍ଷୀୟ ସାବ୍‌ଲେ ୮:୧୧.୨୦ସେକେଣ୍ଡ ଟାଇମିଂରେ ତାଙ୍କ ଜାତୀୟ ରେକର୍ଡ ୮:୧୨.୪୮କୁ ଭଙ୍ଗ କରିଦେଇଥିଲେ। ସେ କେନିୟାର ଆବ୍ରାହମ କିବିଓଟ୍ (୮:୧୧.୧୫)ଙ୍କ ପଛରେ ରହିଥିଲେ। କେନିୟାର ଅନ୍ୟ ଜଣେ ଆମୋସ ସେରେମ୍ ୮:୧୬.୮୩ ସେକେଣ୍ଡ ଟାଇମିଂରେ ବ୍ରୋଞ୍ଜ ପଦକ ପାଇଥିଲେ।

## ଶ୍ରୀଶଙ୍କରଙ୍କ ଫାଉଲକୁ ଚ୍ୟାଲେଞ୍ଜ କଲା ଭାରତ

**ବର୍ମିଂହାମ,୬।୮(ପି.ଟି):** ଲଙ୍ଗ ଜମ୍ପରେ ଭାରତ ପାଇଁ ରୌପ୍ୟ ପଦକ ଜିତିଥିବା ମୁରଲୀ ଶ୍ରୀଶଙ୍କରଙ୍କ ଫାଉଲ ଜମ୍ପକୁ ଚ୍ୟାଲେଞ୍ଜ କରିଛି ଭାରତ। ଶ୍ରୀଶଙ୍କରଙ୍କ ଉକ୍ତ ଡିଆଁଟି ପ୍ରାୟ ୮.୧୦ ମିଟରରୁ ଅଧିକ ରହିଥିଲା। ତେବେ ଏହାକୁ ଫାଉଲ ଘୋଷଣା କରାଯାଇଥିଲା। ଭାରତୀୟ ଆଥଲେଟିକ୍ ସଂଘ ପକ୍ଷରୁ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିଲା। ପ୍ରଥମେ ଶ୍ରୀଶଙ୍କର ଏହି ଡିଆଁକୁ ବୈଧ ବୋଲି ଦାବି କରିଥିଲେ। ଏହାପରେ ସେ ଫାଉଲ ପ୍ଲେଟ ଛୁଇନଥିବା ଫଟୋରୁ ସ୍ପଷ୍ଟ ହୋଇଥିଲା। ଶ୍ରୀଶଙ୍କରଙ୍କ ପିତା ଓ ଏଏଫଆଇ ଅଧିକାରୀମାନେ ଭିଡିଓ ଫୁଟେଜ ଦେଖିବା ପରେ ଏହା ବୈଧ ବୋଲି ଅନୁଭବ କରିଥିଲେ।

# ପୁରୁଷ ଦଳକୁ ରୌପ୍ୟ ପଦକ

ବର୍ମିଂହାମ୍, ୬।୮ (ପି.ଟି.)

## ଲନ୍ ବୋଲ୍

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲନ୍ ବୋଲ୍ ପ୍ରତିଯୋଗିତାରେ ଭାରତ ଏହାର ଦ୍ୱିତୀୟ ପଦକ ହାସଲ କରିଛି। ଶନିବାର ସୁନୀଲ ବାହାଦୂର (ଲିଡ୍), ନବନୀତ ସିଂ (ସେକେଣ୍ଡ), ଚନ୍ଦନ କୁମାର ସିଂ (ଥାର୍ଡ) ଓ ଦୀନେଶ କୁମାର (ସ୍କିପ୍) ପୁରୁଷ ୪ଜଣିଆ ଦଳ ରୌପ୍ୟ ପଦକ ଲାଭ କରିଛି। ଫାଇନାଲରେ ଦଳ ନର୍ଦ୍ଦର୍ନ ଆୟର୍ଲାଣ୍ଡଠାରୁ ୧୮-୫ରେ ହାରିଯାଇଛି। ନର୍ଦ୍ଦର୍ନ ଆୟର୍ଲାଣ୍ଡ ଏହାପୂର୍ବରୁ ୧୯୯୮ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲନ୍ ବୋଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଭାରତୀୟ ଦଳ ସେମିଫାଇନାଲରେ ଆୟୋଜକ ଇଂଲଣ୍ଡକୁ ୧୩-୧୨ରେ ପରାସ୍ତ କରି ଏକ ରୌପ୍ୟ ଜିତିଥିଲା। ପୂର୍ବରୁ ମଙ୍ଗଳବାର ଲଭ୍‌ଲି ଚୌବେ (ଲିଡ୍), ପିଙ୍କି (ସେକେଣ୍ଡ), ନୟନମୋନି ସାଇକିଆ (ଥାର୍ଡ) ଓ ରୂପା ରାଣୀ ତିର୍କୀ (ସ୍କିପ୍)ଙ୍କୁ ୪ଜଣିଆ ଭାରତୀୟ ମହିଳା ଦଳ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୧୭-୧୦ରେ ହରାଇ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ।



ଲନ୍ ବୋଲ୍‌ରେ ରୌପ୍ୟ ଜିତିଥିବା ଭାରତୀୟ ପୁରୁଷ ଦଳ।

## ସିନ୍ଧୁ ସେମିଫାଇନାଲରେ



ବର୍ମିଂହାମ, ୬।୮ (ପି.ଟି.)

ଭାରତର ଡବଲ ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ସେ ମାଲେସିଆର ଗୋ ୱି ଜିନ୍‌ଙ୍କୁ ୧୯-୨୧, ୨୧-୧୨, ୨୧-୧୮ରେ ହରାଇ ଦେଇଛନ୍ତି। ଫଳରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ କ୍ରମାଗତ ୩ୟ ଥର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପଦାର୍ପଣକାରୀ ଖେଳାଳି ଆକର୍ଷୀ କାଶ୍ୟପଙ୍କ ଅଭିଯାନ ଶେଷ ହୋଇଛି। ତାଙ୍କୁ ୨୦୧୪ ଓ ୨୦୧୮ରେ ଯଥାକ୍ରମେ ଏକ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିବା ସ୍କଟଲାଣ୍ଡର କ୍ରିଷ୍ଟି ଗିଲ୍‌ମୋର ୨୧-୧୦, ୨୧-୭ରେ ହରାଇ ଦେଇଛନ୍ତି। ଗତ ଦୁଇଟି ସଂସ୍କରଣରେ ଏକ ବ୍ରୋଞ୍ଜ ଓ ରୌପ୍ୟ ଜିତିଥିବା ସିନ୍ଧୁ ଗୋ'ଙ୍କ ବିପକ୍ଷରେ ପ୍ରଥମେ ସାମାନ୍ୟ ଅସ୍ଥିର ଦେଖିବାକୁ ମିଳିଥିଲା। ଏହି ଖେଳାଳିଙ୍କୁ ସେ ମିକ୍ସଡ ଟିମ୍ ଚାମ୍ପିୟନଶିପ୍ ଫାଇନାଲରେ କଡ଼ା ମୁକାବିଲାରେ ପରାସ୍ତ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ବିଦ୍ୟୁତ୍ କାଟ୍‌ର ପ୍ରତିବାଦ, କର୍ମଚାରୀଙ୍କୁ ଅଟକ

**ଦଶପଲ୍ଲା,(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ୍ ଟାକେରା, ବୁଗୁଡ଼ା ସମେତ ବିଭିନ୍ନ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଚାଲିଛି । ଦିନରେ ଏକାଧିକ ଥର ବିଦ୍ୟୁତ୍ ବିଭ୍ରାଟ ସମସ୍ୟା ଲାଗି ରହିଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଶନିବାର ସନ୍ଧ୍ୟାରେ ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକମାନେ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଅଟକ ରଖିଥିଲେ । ରାତି ୭ଟାରୁ ୧୦ଟା ପର୍ଯ୍ୟନ୍ତ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ବିଦ୍ୟୁତ୍ କର୍ମଚାରୀମାନେ ଲୋକମାନଙ୍କ ଦ୍ୱାରା ଅଟକ ରହିଥିଲେ ।

## ସଂକ୍ଷେପରେ

### ଝାଡ଼ା, ଜ୍ୱରରେ ଚାଷୀ ମୃତ

**ଭାପୁର,୬।୮(ଡି.ଏନ.ଏ.):** ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ କରବର ପଞ୍ଚାୟତ ଅଧୀନ ମଝିସାହିର ଜଣେ ଚାଷୀଙ୍କ ଶନିବାର ମୃତ୍ୟୁ ଘଟିଛି । ମୃତକ ହେଲେ କରବର ଗ୍ରାମର ବିରଞ୍ଚି ପଢ଼ିଆରୀ(୪୯) । ସେ ଗତ ୪ ଦିନ ହେବ ଝାଡ଼ା ଓ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଶନିବାର ଅପରାହ୍ନରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିରଞ୍ଚିଙ୍କ ଝିଅ ଓ ପୁଅ ଅଛନ୍ତି । ଝିଅ ମାଟ୍ରିକ ପାସ ପରେ ଆର୍ଥିକ ଅନଟନରୁ ପାଠ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଗତବର୍ଷ ପୁଅ ମାଟ୍ରିକ ପରୀକ୍ଷାରେ ଏ୧ରେ ପାସ କରିଥିଲେ। ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଲୋକେ ଅସହାୟ ହୋଇପଡିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। କରବର ପଞ୍ଚାୟତର ସମିତିସଭ୍ୟ ତପନ କୁମାର ମହାପାତ୍ର କହିଛନ୍ତି, ଉକ୍ତ ପଞ୍ଚାୟତରେ ଅଧିକାଂଶ ଲୋକ ଝାଡ଼ା, ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି ।

### ବିଭିନ୍ନ ସ୍କୁଲ ପରିଦର୍ଶନ କଲେ ସରପଞ୍ଚ

**ନୟାଗଡ଼ ଅଫିସ,୬।୮:** ନୟାଗଡ଼ ଜିଲା ସିନ୍ଦୁରିଆ ପଞ୍ଚାୟତ ସରପଞ୍ଚ ପ୍ରମୋଦ କୁମାର ବେହେରା ଶନିବାର ନୂଆ ଘଡୁଆଳ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଦେଉଳପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଜନାନା ମକ୍ତବ ପ୍ରାଥମିକ ବିଦ୍ୟାଳୟ ଓ ପଞ୍ଚାୟତର ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେ ଏହି ଅବସରରେ ବିଦ୍ୟାଳୟର ଅଭାବ ଅସୁବିଧା କଥା ପଚାରି ବୁଝିଥିଲେ । ଅନ୍ୟପକ୍ଷେ ଛାତ୍ରୀଛାତ୍ରଙ୍କ ସହିତ ପାଠପଢ଼ା ସମ୍ପର୍କରେ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ । ଏପରି କି ସେ ପିଲାମାନଙ୍କୁ ପାଠ ପଢାଇଥିଲେ। ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବକୁ ଉପଲବ୍ଧି କରି ନୂତନ ଶ୍ରେଣୀଗୃହ ପାଇଁ ପଞ୍ଚାୟତ ପାଣ୍ଠିରୁ ଅର୍ଥ ବରାଦ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

### ଶିକ୍ଷାବିତ୍‌ଙ୍କ ବିୟୋଗରେ ସ୍ମୃତିସଭା



**ଖଣ୍ଡପଡ଼ା,୬।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଏବଂ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ସାମଲ(୮୪)ଙ୍କ ଶୁକ୍ରବାର ତାଙ୍କ ନୟାଗଡସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଅବସର ଗ୍ରହଣ ପରେ ବି ନୟାଗଡ଼ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ଶିକ୍ଷାଦାନ କରୁଥିଲେ । ସେ ଜଣେ ସରଳ, ମେଳାପୀ, ବନ୍ଧୁ ଓ ଛାତ୍ରବତ୍ସଳ ବ୍ୟକ୍ତି ଭାବେ ପରିଚିତ ଥିଲେ । ତାଙ୍କ ପରଲୋକ ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । କଣ୍ଟିଲୋ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଶରତ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା ।

# ସମୟ ସହ ବଦଳୁଛି ବନ୍ଧୁତ୍ୱର ସଂଜ୍ଞା

**ବନ୍ଧୁ ସହ ସୁଖଦୁଃଖ ଓ ମନର କଥା ବାଣ୍ଟି ହୁଏ । ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ଜଣେ ଯଦି ଅନ୍ୟ ଜଣଙ୍କ ହାତ ଛାଡି ପାରୁ ନ ଥିବା ତାହା ପ୍ରକୃତ ବନ୍ଧୁ । ହେଲେ ସମୟ ସହ ତାଳ ଦେଇ ବଦଳିବାରେ ଲାଗିଛି ବନ୍ଧୁତ୍ୱର ସଂଜ୍ଞା । ଅଗଷ୍ଟର ପ୍ରଥମ ରବିବାରକୁ ଭାରତରେ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗ ଲୋକଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା.. ।**

### ପ୍ରକୃତ ବନ୍ଧୁଙ୍କ ଖୋଜ



ବନ୍ଧୁତା ଜୀବନରେ ଉତ୍ସାହ, ଉଲ୍ଲାସ ଭରିଦିଏ । ସମୟ ସ୍ରୋତରେ ଆଗକୁ ବହିଯିବା ପାଇଁ ପ୍ରେରଣା ଦିଏ । ଜଣେ ବନ୍ଧୁ ଥିଲେ ସଂସାରରେ ଏକା ହୋଇଯିବାର ଭୟ ରହେ ନାହିଁ । ଅତୀତରୁ ଆଜି ପର୍ଯ୍ୟନ୍ତ ଥିବା ଅସଂଖ୍ୟ ସାଥୀଙ୍କ ତାଲିକାରୁ ପ୍ରକୃତ ବନ୍ଧୁଙ୍କୁ ଖୋଜିବା ଆବଶ୍ୟକ । ଯେଉଁମାନଙ୍କ ସହ ସୁଖଦୁଃଖର ଆଦାନପ୍ରଦାନ ଜାରି ରହିଛି, ସେହିମାନଙ୍କ ସହ ବନ୍ଧୁତା ରଖି ପାରିଲେ ଜୀବନ ସୁନ୍ଦର ଓ ସୁଖମୟ ହୋଇପାରିବ ।

**-ଚନ୍ଦ୍ରଶେଖର ଦାଶ,**
**ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୋଗ**

### ବନ୍ଧୁତ୍ୱର ସଂଜ୍ଞା ହଜୁଛି



'ବନ୍ଧୁ' ଏକ ମମତାଭରା ଶବ୍ଦଟିଏ । ଯାହାର ଅନ୍ତରାଳରେ ଭରି ରହିଛି ଜୀବନର ଅନେକ ରହସ୍ୟ । ନିଜର ପ୍ରତିଟି ଭାବନାକୁ ଯଦି କାହା ପାଖରେ ବିନା ଦ୍ୱିଧାରେ ବର୍ଣ୍ଣନା କରାଯାଇପାରେ ସେ ହେଲା ବନ୍ଧୁ । ସେଥିପାଇଁ ତ'ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ' କହି ଭଗବାନଙ୍କୁ ବି ଆମେ ଅନ୍ତରଙ୍ଗ କରିପାରୁଛେ । ମାତ୍ର ସାମ୍ପ୍ରତିକ ସମାଜରେ ନିଜର ସ୍ୱାର୍ଥ ହାସଲ ପାଇଁ ଜଣେ ଅନ୍ୟ ଜଣେ ବନ୍ଧୁଙ୍କ ବେକରେ ଛୁରି ମାରିବାକୁ ପଛାଉ ନାହିଁ । ଫଳରେ ଏହି ସ୍ୱାର୍ଥ ପାଇଁ ବନ୍ଧୁତ୍ୱର ସଂଜ୍ଞା ହଜିବାକୁ ବସୁଛି ।

**-ଡା.ଶାନ୍ତନୁ କୁମାର ଦଳେଇ,**
**ଚିକିତ୍ସାଧିକାରୀ,କଣ୍ଟିଲୋ ମେଡିକାଲ**

### ସ୍ୱାର୍ଥ ନ ରହିଲେ ବନ୍ଧୁତ୍ୱ ବଢ଼େ



ବନ୍ଧୁତ୍ୱର ପରିଭାଷା ଅବ୍ୟକ୍ତ,ଅସୀମ । ଯାହା ଅନୁଭବ ମାଧମରେ ଅନୁଭୂତ ହୁଏ । ସମ୍ପ୍ରତି ସବୁ ସ୍ଥାନରେ ବନ୍ଧୁତ୍ୱର ସଂଜ୍ଞା ଖୋଜା ଚାଲିଛି। ଏକ ସୁନ୍ଦର ପୃଥିବୀ ତଥା ଛଳନା ଶୂନ୍ୟ ଆବେଗକୁ ପ୍ରତିଷ୍ଠା କରିପାରିଲେ ଆମ ବନ୍ଧୁତ୍ୱ ଦୀର୍ଘ ସ୍ଥାୟୀ ହୋଇ ପାରିବ । ଆମ ଭିତରେ ରହିଥିବା ଆନ୍ତରିକତା ସୃଷ୍ଟି ହେବା ଜରୁରୀ । ଏଥିରେ କୌଣସି ସ୍ୱାର୍ଥ କି ସନ୍ଦେହ ରହିବା ଉଚିତ୍ ନୁହଁ । ହୃଦୟ ମିଶିଲେ ବନ୍ଧୁତ୍ୱ ସୃଷ୍ଟି ହୁଏ ।

**-ଲୀଳାବତୀ ପ୍ରଧାନ, ଗୃହିଣୀ, ଘଣାଶାଳିଆ**

### ବିଶ୍ୱାସ ହିଁ ଭିତ୍ତିଭୂମି



ବିଶ୍ୱାସ ହେଉଛି ବନ୍ଧୁତ୍ୱର ଭିତ୍ତିଭୂମି । ହେଲେ ବିଶ୍ୱାସରେ ଆସିଛି ଭୟଙ୍କର ସଙ୍କଟ । ବିଶ୍ୱାସରେ ସଙ୍କଟ ଯୋଗୁ ଦୁର୍ବଳ ହୋଇ ପଡିଛି ଆମ ବନ୍ଧୁ-ବଳୟ । ପ୍ରତିଦିନ ଶତାଧିକ ମଣିଷଙ୍କ ସହ ସମ୍ପର୍କ ଓ ସାକ୍ଷାତ ପରେ ବି ସଚ୍ଚା ବନ୍ଧୁଙ୍କ ସଂଖ୍ୟା ଯଥେଷ୍ଟ କମ୍ । ଯେତିକି ବନ୍ଧୁ ଅଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ବିଶ୍ୱାସରେ ବନ୍ଧା । ଆଜିର ସ୍ୱାର୍ଥପର ଦୁନିଆରେ ନିର୍ମଳ ବନ୍ଧୁଟିଏ ବିରଳ ।

**-ସଦାଶିବ ବେହେରା, ଫାର୍ମାସିଷ୍ଟ ନୂଆଗାଁ, ନୟାଗଡ଼**

### ଗୋଟିଏ ମତ,ଏକ ଭାବନା



ବନ୍ଧୁତ୍ୱ ହେଉଛି ଏକ ସୀମାହୀନ ଶସ୍ୟକ୍ଷେତ୍ର, ଯାହାର ଶେଷ ନ ଥାଏ। ବନ୍ଧୁ ହେଉଛି ଏପରି ଏକ ଭାବନା ଯାହା ବର୍ତ୍ତମାନର କାର୍ଯ୍ୟଶୀଳ ଦୁନିଆରେ ପ୍ରତି ଚଲାବାଟରେ ଏକ ସମର୍ଥନ, ଯାହା ଆମ ସାମାଜିକ, ମାନସିକ ଓ ସୃଜନଶୀଳ ଜୀବନର ଏକ ବିଶ୍ୱସନୀୟ ଅଙ୍ଗ । ତେବେ ଏଥି ପାଇଁ ସ୍ୱାର୍ଥ ପରିତ୍ୟାଗ କରିବା ଆବଶ୍ୟକ । ଦୁଇପକ୍ଷ ଗୋଟିଏ ମତ, ଏକ ଭାବନା ଓ ସଫଳତା ପାଇଁ ଏକତ୍ରିତ ହେବା ଉଚିତ୍।

**-ହୃଷୀକେଶ ମିଶ୍ର, ଅଧ୍ୟାପକ, ନୀଳମାଧବ ମହାବିଦ୍ୟାଳୟ**

### ସମସ୍ତଙ୍କୁ ଆପଣାର କରିବା



ଆତ୍ମୀକରଣ ଥାଇ ଦରଦୀ ବନ୍ଧୁଟିଏ ପାଇବା ବିରଳ । ସମ୍ପର୍କୀୟଠାରୁ ମଧ ବନ୍ଧୁ ଅଧିକ ଦରଦୀ ହୋଇଥାଏ । ଜଗତୀକରଣ ପରିପ୍ରେକ୍ଷୀରେ ଆମେ ବିଶ୍ୱ ବନ୍ଧୁତା ଦିବସ ପାଳନ କରୁଛୁ । ସଭ୍ୟତାର ପ୍ରାଣକେନ୍ଦ୍ର ଚରିତ୍ର ସଂସ୍କାର । ଜଣେ ଉତ୍ତମ ସାଙ୍ଗ ନିଜର ଭୁଲ ଦର୍ଶାଏ ଓ ଭଲ ବାଟରେ ଯିବା ପାଇଁ ପ୍ରେରଣା ଦିଏ । ଆସନ୍ତୁ ଏହି ବନ୍ଧୁତା ଦିବସରେ ପୁରା ଦୁନିଆକୁ ନିଜର ସାଙ୍ଗ ବନେଇବା। ସମସ୍ତଙ୍କୁ ଆପଣାର କରି ପାରିବା ।

**-ସଞ୍ଜୀବ କୁମାର ମହାପାତ୍ର,**
**କାର୍ଯ୍ୟ ନିର୍ବାହୀ ଅଧିକାରୀ, ଖଣ୍ଡପଡ଼ା**
**ଉପସ୍ଥାପନା-ଅଜୟ କୁମାର ମହାରଣା**

## ଅଙ୍ଗନୱାଡି କେନ୍ଦ୍ରର କବାଟ,ଝରକା ଗ୍ରୀଲ୍ ତାଡ଼ିନେଲେ

### ଥାନାରେ ଅଭିଯୋଗ କଲେ ବିଡିଓ



**ଭାପୁର,୬।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ ଶାଳପଡା ପଞ୍ଚାୟତ ନୂଆଗାଁ ଗ୍ରାମରେ ନିର୍ମାଣ ସରିଥିବା ଏକ ଅଙ୍ଗନୱାଡ଼ି କେନ୍ଦ୍ରର କବାଟ ,ଝରକା ଗ୍ରୀଲ ସେହି ଗ୍ରାମର କେତେଜଣ ଯୁବକ ତାଡି ନେଇଥିବା ଅଭିଯୋଗ ହୋଇଛି । ଏନେଇ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସାହୁ ଫତେଗଡ଼ ଥାନାରେ ଏତଲା ଦେଇଛନ୍ତି । ସୂଚନା ଅନୁଯାୟୀ, ୨୦୨୦-୨୧ ଆର୍ଥିକ ବର୍ଷରେ ନୂଆଗାଁରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ସମସ୍ତ ଅର୍ଥ ଠିକାଦାରଙ୍କୁ ପୈଠ କରାଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଗୃହର ଫ୍ଲୋରିଂ ହୋଇ ନ ଥିବାରୁ ପିଲାମାନେ ଗ୍ରାମର କୋଠଘରେ ବସି ପାଠ ପଢୁଛନ୍ତି । ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।



ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଆହତ ମହାରଣା ସେବକଙ୍କୁ ସହାୟତା

**ଖଣ୍ଡପଡ଼ା,୬।୮(ସ୍ୱ.ପ୍ର.)**

ଚଳିତ ବର୍ଷ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ସମୟରେ ଅସାବଧାନତା କାରଣରୁ ଅଖକାଠ ପଡି ଖଣ୍ଡପଡ଼ା ସହର ୩ନଂ. ୱାର୍ଡ କାଦୁଆସାହିର ମହାରଣା ସେବକ ଘନଶ୍ୟାମ ସ୍ୱାଇଁ(୫୮)ଆହତ ହୋଇଥିଲେ। ଜୁନ ୧୧ରେ ଘଟିଥିବା ଏହି ଦୁର୍ଘଟଣାରେ ତାଙ୍କ ବାମ କାନ୍ଧର ହାଡ ଭାଙ୍ଗି ଯାଇଥିଲା । ଆର୍ଥିକ ସହାୟତା ପାଇବା ନିମନ୍ତେ ଆହତ ପରିବାର ବର୍ଗ ନୟାଗଡ଼ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଳମ୍ବରେ ହେଉ ପଛେ ପ୍ରଶାସନ ପକ୍ଷରୁ ଆହତ ମହାରଣା ସେବକଙ୍କ ପରିବାରବର୍ଗଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଆହତ ମହାରଣା ସେବକଙ୍କ ଉପଯୁକ୍ତ ଚିକିତ୍ସା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ଥିବା ତାଙ୍କ ପରିବାରବର୍ଗ କହିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଖଣ୍ଡପଡ଼ାରେ ମାଆଗୃହ ଉଦ୍‌ଘାଟିତ

**ଖଣ୍ଡପଡ଼ା,୬।୮(ସ୍ୱ.ପ୍ର.)**

ଗର୍ଭବତୀମାନଙ୍କୁ ପ୍ରସୂତିକାଳୀନ ଚିକିତ୍ସା ସେବା ଯୋଗାଇ ଦେବାର ମହତ୍ ଲକ୍ଷ୍ୟ ନେଇ ଖଣ୍ଡପଡ଼ା ସହରର ନୀଳାଞ୍ଚଳ ସାହିରେ ଏକ ମାଆଗୃହ ଶନିବାର ଉଦ୍‌ଘାଟିତ ହୋଇଛି । ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ମକରନ୍ଦ ବେହେରା ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟଅତିଥି ରୁପେ ଯୋଗଦେଇ ଏହି ଗୃହ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଡିଏମ୍‌ଓ ସୁବାସ ଚନ୍ଦ୍ର ନାୟକ ଅନ୍ୟତମ ଅତିଥି ରୁପେ ଯୋଗ ଦେଇଥିଲେ । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଏଠାରେ ପର୍ଯ୍ୟାୟ କ୍ରମେ ସମସ୍ତ ସୁବିଧା ଉପଲବ୍ଧ ହେବ ବୋଲି ସିଡିଏମ୍‌ଓ ବେହେରା ସୂଚନା ଦେଇଛନ୍ତି । ମାଆ ଗୃହର ସୁପରିଚାଳନା ଦାୟିତ୍ୱ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନ୍ୟସ୍ତ କରାଯାଇଛି ।



ସିଡିଏମ୍‌ଓ ଆମ ଗୃହକୁ ଉଦ୍‌ଘାଟନ କରୁଛନ୍ତି ।

## ନିମ୍ନମାନର ସ୍ୱାସ୍ଥ୍ୟ,ଆରୋଗ୍ୟ କେନ୍ଦ୍ର ନିର୍ମାଣର ତଦନ୍ତ

**ଭାପୁର,୬।୮(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ କଇଁଫୁଲିଆ ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଆଜିକୁ ଦେଢବର୍ଷ ତଳେ ନିର୍ମାଣ କରାଯାଇଥିଲା । ଏଥିପାଇଁ ସାଢେ ୪ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ହେଲେ ଅସରାଏ ବର୍ଷା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପାଣି ଜମୁଛି । ଏନେଇ କଇଁଫୁଲିଆ ଅଞ୍ଚଳବାସୀ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ନୟାଗଡ଼ ସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ର ଓ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଖଟୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ କରିଛନ୍ତି । ସୂଚନାଯୋଗ୍ୟ, କଇଁଫୁଲିଆ ପଞ୍ଚାୟତରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଦେଢବର୍ଷ ତଳେ ପ୍ରାୟ ସାଢେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଠିକାଦାର ଚୟନ କରାଯିବା ସହିତ ଏକ ଆଜବେଷ୍ଟ ଘର ନିର୍ମାଣ କରାଯାଇଥିଲା । ଏହି କେନ୍ଦ୍ର ଅଧୀନରେ କଇଁଫୁଲିଆ, ଭାପୁର, ଶାଳପଡା, ବିଜିପୁର ଓ ରାକମା ପଞ୍ଚାୟତର ଗର୍ଭବତୀ ଓ ପ୍ରସୂତୀ ମହିଳାମାନଙ୍କ ପାଇଁ ଜଣେ ଷ୍ଟାଫ୍ ନର୍ସ, ୨ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି କରାଯାଇଛି । ତେବେ ଗୃହ ନିର୍ମାଣ ଅତି ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଜନସାଧାରଣ ଓ ପଞ୍ଚାୟତର ସରପଞ୍ଚ ରମେଶ ପ୍ରସାଦ ରାଉତ ଅଭିଯୋଗ କରିଛନ୍ତି । ବର୍ଷା ହେଲେ ଆଜବେଷ୍ଟରୁ ପାଣି ଝରୁଛି। ଫଳରେ ଘରର ସିଲିଂ ଭାଙ୍ଗି ପଡିବା ନେଇ ରୋଗୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପ୍ରତିଦିନ ଏହି ଉପକେନ୍ଦ୍ରକୁ ୨୦ରୁ ୩୦ ଜଣ ପ୍ରସୂତୀ ଓ ଗର୍ଭବତୀ ମହିଳା ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସୁଛନ୍ତି । ହେଲେ ବିପଦଜନକ ଅବସ୍ଥାରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି । ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ଓ ସରପଞ୍ଚ ଗତ ପଞ୍ଚାୟତ ସମିତି ବୈଠକ, ରୋଗୀ କଲ୍ୟାଣ ସମିତି ବୈଠକ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ।



## ବଜ୍ରପାତରେ ଚାଷୀ ମୃତ

### ବ୍ୟବଚ୍ଛେଦ ରବିବାର ହେବ କହିବାରୁ ଉତ୍ତେଜନା

**ନୟାଗଡ଼ ଅଫିସ,୬।୮**

ନୟାଗଡ଼ ବ୍ଲକ ବାଉଁଶିଆପଡା ପଞ୍ଚାୟତ ଅଭିମାନପୁର ଗାଁର ଭରତ ମହାରଣା(୫୦)ଙ୍କ ବଜ୍ରପାତରେ ଶନିବାର ମୃତ୍ୟୁ ଘଟିଛି । ଭରତ ଶନିବାର ସକାଳୁ ଚାଷ ଜମିକୁ ଯାଇଥିଲେ । ଜମିରେ ପାୱାରଟିଲରରେ ଚାଷ କରୁଥିଲେ । ମଧ୍ୟାହ୍ନରେ ବଜ୍ରପାତରେ ଟଳି ପଡିଥିଲେ। ଖବର ପାଇ ପରିବାର ଲୋକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ଇଟାମାଟି ଥାନା ପୋଲିସ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଡାକ୍ତର ରବିବାର ବ୍ୟବଚ୍ଛେଦ ହେବ ବୋଲି କହିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା ।

## ଡେଙ୍ଗୁ,ଝାଡ଼ାବାନ୍ତି, ମ୍ୟାଲେରିଆ ମୁକାବିଲା ଚିନ୍ତା

### ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସଞ୍ଚାଳନ କମିଟି ବୈଠକ

**ନୟାଗଡ଼ ଅଫିସ,୬।୮**

ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସଞ୍ଚାଳନ କମିଟି ବୈଠକ ଜଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଜଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି' ବୈଠକରେ ଡେଙ୍ଗୁ, ଝାଡ଼ାବାନ୍ତି, ମ୍ୟାଲେରିଆ ଆଦି ରୋଗର ପ୍ରତିରୋଧ, ନିୟନ୍ତ୍ରଣ, ନିରାକରଣ ଏବଂ ସଚେତନତା ଉପରେ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ମକରନ୍ଦ ବେଉରା ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ । ମ୍ୟାଲେରିଆ ରୋଗ ବହନ କରୁଥିବା ମଶାମାନଙ୍କୁ ଖାଇଯାଉଥିବା ଗାମ୍ବୁସିଆ ମାଛ ଚାଷର ସହାୟତା ପାଇଁ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ଯକ୍ଷ୍ମା ରୋଗର ସହନଶୀଳତା ଏବଂ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଅଧିକାରୀମାନେ ଯତ୍ନଶୀଳ ହୋଇ କାର୍ଯ୍ୟ କରିବା ପାଇଁ କହିଥିଲେ । ନୟାଗଡ଼ ଜିଲାରେ ଏଚଆଇଭି ପଜେଟିଭ୍ ରୋଗୀଙ୍କ ବିଷୟରେ ଜିଲାପାଳ ପଚାରି ବୁଝିଥିଲେ । ଏଡ୍‌ସରେ ଯେଉଁ ପିଲାମାନେ ଆକ୍ରାନ୍ତ ହୋଇଛନ୍ତି ସେମାନେ ସମସ୍ତେ ବିଦ୍ୟାଳୟ ଯାଇ ପାଠ ପଢୁଛନ୍ତି ନା ନାହିଁ ପଚାରି ଥିଲେ । ପୁଣି ଏଚଆଇଭି ପଜେଟିଭ୍ ରୋଗୀମାନଙ୍କ ପାଇଁ ରାଶନ ଏବଂ ଭତ୍ତାର ସୁ ବନ୍ଦୋବସ୍ତ ନିମନ୍ତେ ସେ ନିର୍ଦ୍ଦେଶ ଦେଇଥିଲେ । ରାଷ୍ଟ୍ରୀୟ ନେତ୍ର ଅଭିଯାନ ଯୋଜନାରେ ବିଦ୍ୟାଳୟ ଯାଉଥିବା ସମସ୍ତ ପିଲାମାନଙ୍କ ଚକ୍ଷୁ ପରୀକ୍ଷା କରାନ୍ତୁ, ଚକ୍ଷୁରୋଗରେ ପୀଡ଼ିତ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ଜିଲାପାଳ ପ୍ରାଧାନ୍ୟ ଦେଇଥିଲେ । କୃମିନାଶକ ଔଷଧ ଅଗଷ୍ଟ ୧୨ତାରିଖରୁ ଜନସାଧାରଣଙ୍କୁ ଦିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଥିଲେ । ଏହି ଅଭିଯାନକୁ ସୁପରିଚାଳନା ନିମନ୍ତେ ଜିଲାପାଳ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ଏକ ଆଭାସୀ ବୈଠକ ଚଳିତ ମାସ ୮ ତାରିଖ ଅପରାହ୍ନ ୫ଘଟିକା ସମୟରେ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ୭ ଜିଲାରେ ଝାଡ଼ାବାନ୍ତି ରୋଗୀ ବ୍ୟାପୁଥିବାରୁ ଏଥିପାଇଁ ସତର୍କ ରହିବାକୁ ଜିଲାପାଳ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କୁ ଆଇରନ୍ ବଟିକା ଏବଂ ଖୁସି କିଟସ୍ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରିବା ନିମନ୍ତେ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ ଜିଲାପାଳ ଏବଂ ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବୈଠକରେ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ,ଜିଲା ସମାଜ ମଙ୍ଗଳ ଅଧିକାରୀ,ଜିଲା ଶିକ୍ଷା ଅଧିକାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ନିର୍ବାହୀ ଅଧିକାରୀ, ନୟାଗଡ଼ ପୌର ପରିଷଦ,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।




ବୈଠକରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ।

## ଗଣମାଧ୍ୟମକୁ ଅଣଦେଖା କରୁଛି ପ୍ରଶାସନ

**ନୟାଗଡ଼ ଅଫିସ,୬।୮**

ନୟାଗଡ଼ ଜିଲାରେ ଗଣମାଧ୍ୟମକୁ ଅଣଦେଖା କରୁଛି ପ୍ରଶାସନ । ପ୍ରଶାସନର ଦୋଷ ଦୁର୍ବଳତା ପଦାରେ ନ ପଡିବା ପାଇଁ ନିଜକୁ ସୁହାଇବା ଭଳି ଖବର ଛାପିବାକୁ ଏଭଳି ପନ୍ଥା ଆପଣେଇ ନେଇଥିବା ଚର୍ଚ୍ଚା ହେଉଛି । ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ଆଉ ଗଣମାଧ୍ୟମକୁ ଖବର ଦିଆଯାଉନି । ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କୁ ଡାକି ଗଣମାଧ୍ୟମକୁ ଖବର ପଠାଇ ଦିଅନ୍ତୁ ବୋଲି କୁହାଯାଉଛି । ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ବିଭିନ୍ନ ବୈଠକରେ ଯୋଗ ଦେଇ ସଂପୃକ୍ତ ଖବର ଗୁଡିକ ନିଜର ପ୍ରେସ ଗ୍ରୁପରେ ପକାଇ ଦେଉଛନ୍ତି । ଖବର ପଠାଗଲା, ଛାପିବେ ବୋଲି ମଧ କହୁ ନାହାନ୍ତି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ । ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କ ସହ ଗଣମାଧମର ପ୍ରତିନିଧିଙ୍କର ଯୋଗାଯୋଗ ରହୁନି। ବିଭିନ୍ନ ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଗଲାବେଳେ ସାର ବୈଠକକୁ ଯାଇଥିବାର ସୂଚନା ମିଳୁଛି । ସମୟ ଏପରି ହେଲାଣି ଗଣମାଧମର ପ୍ରତିନିଧି ଭୁଲି ଗଲେଣି ଜିଲାରେ କିଏ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଛନ୍ତି । ପ୍ରକାଶ ଥାଉକି ଅଗଷ୍ଟ ୧୫, ଜାନୁୟାରୀ ୨୬ ପାଇଁ ପ୍ରସ୍ତୁତି ବୈଠକକୁ ମଧ ଗଣମାଧମର ପ୍ରତିନିଧିଙ୍କୁ ମଧ ଲୋଡାଯାଉନି । ବିଶେଷ କରି ସ୍ୱାସ୍ଥ୍ୟ ବିଭାଗର ବେଶି କାର୍ଯ୍ୟକ୍ରମ ହେଉଥିଲେ ମଧ ସୂଚନା ଦିଆଯାଉନି ।

## ସଂକ୍ଷେପରେ

### ରେଳଧାରଣାରେ କଟି ଯୁବକଙ୍କ ମୃତ୍ୟୁ

**ଧର୍ମଶାଳା,୬।୮(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ରେଳଷ୍ଟେଶନ ନିକଟରେ ରେଳଧାରଣାରେ କଟି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଥାନା କାଏମା ପଞ୍ଚାୟତର ପ୍ରତାପ ରାଉତ(୩୫)। ପ୍ରତାପ ଜାରକାସ୍ଥିତ ଏକ ଲୁଗା ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ସକାଳୁ ଘରୁ ରାଗି କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଅପରାହ୍ନରେ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରୁ ମିଳିଥିଲା। ଯାଜପୁର ରୋଡ୍ ଜିଆର୍‌ପି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ନାବାଳିକା ଅପହରଣ ଅଭିଯୋଗ

**ପାଣିକୋଇଲି,୬।୮(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ନଂ.୧୭୬/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ମୁତାବକ, ତାଙ୍କ ୧୭ ବର୍ଷୀୟା ଝିଅକୁ ଅଞ୍ଚଳର ବାସୁଦେବ ସାହୁ ଅପହରଣ କରି ନେଇଛନ୍ତି। ନାବାଳିକା ଯିବା ସମୟରେ ଘରୁ ୨ ଭରିରୁ ଉର୍ଦ୍ଧ୍ୱ ସୁନା ଓ ନଗଦ ୨୦ ହଜାର ଟଙ୍କା ନେଇ ଯାଇଛନ୍ତି। ତେବେ ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଯୁବକଙ୍କ ପରିବାରକୁ ପଚାରିବାରୁ ସେମାନେ ନାନା ଧମକ ଦେଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

### ସପନେଶ୍ୱର ବୋଲବମ୍ ସଂଘର ବାର୍ଷିକ ଉତ୍ସବ

**ବାଲିଚନ୍ଦ୍ରପୁର,୬।୮(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତ କୃଷ୍ଣପୁରଶାସନଠାରେ ସପନେଶ୍ୱର ବୋଲବମ୍ ସଂଘର ୨୬ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ବାଲିଚନ୍ଦ୍ରପୁର ଷ୍ଟେଟ ବ୍ୟାଙ୍କର ସିଏମ୍ ଚନ୍ଦନ କୁମାର ମାହାଲା, ଡିଏମ୍ ରାଜଲକ୍ଷ୍ମୀ ସାହୁ, ପ୍ରଦୀପ କୁମାର ରାଉତ, ବିଶ୍ୱରଞ୍ଜନ ଜେନା, ଧୀରେନ୍ଦ୍ର ସ୍ୱାଇଁ, ପ୍ରୟାସୀ ବେହେରା, ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି, ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତର ଉନ୍ନତି କାମନା କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ମହୋତ୍ସବ ଦୂରଦର୍ଶନ ଅଭିନେତା ଚରଣ ମହାନ୍ତି, ମାନସୀ ପାତ୍ରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଗଣପତି ପ୍ରୋପାଇଟର ଜଗନ କୁମାର ସାହୁ, ସତ୍ୟବ୍ରତ ଖଣ୍ଡାଇ, ନିରଞ୍ଜନ ଖଣ୍ଡାଇ, ଶ୍ରୀଧର ଖଣ୍ଡାଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ଚନ୍ଦ୍ର ଶତପଥୀ, ଦୁର୍ଯ୍ୟୋଧନ ସାହୁ, ସୁରେଶ ଚନ୍ଦ୍ର ସାହୁ, ସାନ୍ତନୁ ମିଶ୍ର, ରାମ ଚନ୍ଦ୍ର ସିଂହ, ବାଦଲ କୁମାର ସାହାଣୀ, ସୁଶାନ୍ତ ବେହେରା, ପ୍ରିୟରଞ୍ଜନ, ସୌମ୍ୟରଞ୍ଜନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗଳିପୋଲ ରାସ୍ତାକୁ ଅଣଦେଖା

**ରସୁଲପୁର,୬।୮(ଡି.ଏନ.ଏ.)**


ବୃକ୍ଷଲତା ମାଡ଼ିଯିବାରୁ ଗଳିପୋଲ ରାସ୍ତା ଦେଖାଯାଉନି।

- ତହସିଲ ଅଫିସ, ଥାନାକୁ ଯାତାୟାତରେ ଅସୁବିଧା
- ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ରସୁଲପୁର ବ୍ଲକ୍ ଅଧୀନ ୧୭ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ କୁଆଖିଆ ଥାନା ଓ ରସୁଲପୁର ତହସିଲ ଅଫିସକୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୬ ନମ୍ବର ଜାତୀୟ ରାଜପଥ ଉପରିସ୍ଥ ଗଳିପୋଲର ରାସ୍ତା ବ୍ୟବହାରଯୋଗ୍ୟ ହୋଇପାରୁ ନ ଥିବାରୁ ଜନସାଧାରଣଙ୍କୁ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ଥାନା ଓ ତହସିଲ ଅଫିସକୁ ଯିବା ଆସିବା ପାଇଁ ୩ କି.ମି.ରୁ ଅଧିକ ରାସ୍ତା ବୁଲିବାକୁ ପଡୁଛି। ଏ ଦିଗରେ ରାଜପଥ କର୍ତ୍ତୃପକ୍ଷ ଧ୍ୟାନ ଦେଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଏହି ବ୍ଲକ ଦେଇ ଯାଇଥିବା ରାଜପଥର ମୂଳାପାଳ ଛକ ଓ ପୁରୁଣା ଥାନା ମଝିରେ ଗଳିପୋଲ ରହିଛି। ପୋଲ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହୋଇଛି। ରାହାମ୍ବା ପଞ୍ଚାୟତର କୋଲଥଳଠାରୁ କୁଆଖିଆ ବଜାରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରେ କୁଆଖିଆ ଥାନା, ରସୁଲପୁର ତହସିଲ ଅଫିସ, ରସୁଲପୁର ଦମକଳ କେନ୍ଦ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗର କୁଆଖିଆ ସେକ୍ସନ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ-୧ର କାର୍ଯ୍ୟାଳୟ ଓ ସାଇ ମନ୍ଦିର ଆଦି ରହିଛି। ଏହି ସବୁ ସ୍ଥାନଗୁଡ଼ିକୁ ଯାଆସ ପାଇଁ ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ଅତଲାପୁର, ସାମନ୍ତରାପୁର, ମଙ୍ଗରାଜପୁର, ବାରବାଟୀ, ସିଂହାପୁର, କଲଣ, ଓଡ଼ିଶୋ, ରାହାମ୍ବା, ନଠୁଆବର, ବଡ଼କଇଞ୍ଚ, ଗନ୍ଧଣ, ଭୋଟକା, ଜାବରା, ଶ୍ରୀବନ୍ତପୁର, ଟିକରପଡ଼ା ଭଳି ଅଧିକାଂଶ ପଞ୍ଚାୟତର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକ୍‌ରୁ କୋରେଇ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ଅଧିକାଂଶ ପଞ୍ଚାୟତ ଲୋକେ କୋଲଥଳ ଛକରୁ ବାହାରିଥିବା ରାସ୍ତାକୁ ବ୍ୟବହାର କରି ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଆସିଥାଆନ୍ତି। ଏହି ସବୁ ସ୍ଥାନକୁ ଆସିବା ସମୟରେ ପୁରୁଣା ଥାନା ନିକଟରେ ଜାତୀୟ ରାଜପଥକୁ ଅତିକ୍ରମ କରିବାକୁ ପଡ଼େ। ହେଲେ ଗଳିପୋଲ ସ୍ଥାନଟି ଗଛଲତା ମାଡ଼ି ଅପରିଷ୍କାର ହୋଇଛି। ଫଳରେ ଏହି ସବୁ ସ୍ଥାନକୁ ସଂଯୋଗ କରୁଥିବା ସହଜ ଓ ସୁଗମ ରାସ୍ତା ବ୍ୟବହାର ହୋଇପାରୁ ନାହିଁ। ତେଣେ ଏ ସବୁ ସ୍ଥାନକୁ ଯିବା ପାଇଁ ଲୋକେ ରାଜପଥ ଉପରିସ୍ଥ ଡାଇଭର୍ସନକୁ ବ୍ୟବହାର କରୁଥିଲେ। ମାତ୍ର ଉକ୍ତ ଡାଇଭର୍ସନକୁ ରାଜପଥ ସମ୍ପ୍ରସାରଣ ଓ ମରାମତି ଦାୟିତ୍ୱରେ ଥିବା ଠିକାସଂସ୍ଥା ଦିଲୀପ ବିଲ୍ଡକନ କମ୍ପାନୀ(ଡିବିଏଲ୍) ପକ୍ଷରୁ ବନ୍ଦ କରି ଦିଆଯାଇଛି। ଫଳରେ ଲୋକଙ୍କୁ ଯାତାୟାତରେ ବହୁ ଅସୁବିଧା ହେଉଛି। ଡାଇଭର୍ସନ ବନ୍ଦ ହେଲେ ବି ଯାତାୟାତ ଲାଗି ଗଳିପୋଲ ରାସ୍ତାକୁ ବିକଳ୍ପ ଭାବରେ ବ୍ୟବହାର କରାଯାଇ ପାରିବ। ମାତ୍ର ଉକ୍ତ ରାସ୍ତା ବ୍ୟବହାର ଉପଯୋଗୀ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି।

ରାଜପଥ କର୍ତ୍ତୃପକ୍ଷ ଗଳିପୋଲ ତଳ ରାସ୍ତାକୁ ଗମନାଗମନ ଉପଯୋଗୀ ନ କରି ଡାଇଭର୍ସନ ରାସ୍ତାକୁ ବନ୍ଦ କରି ଦେଇଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ସହଜ ଓ ସରଳ ଭାବେ ଯାତାୟାତ ପାଇଁ ଉଦ୍ଦିଷ୍ଟ ପୋଲ ତଳ ରାସ୍ତାକୁ ତୁରନ୍ତ ଗମନାଗମନ ଉପଯୋଗୀ କରିବାକୁ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଦାବି କରିଛନ୍ତି। ଏଥିସହିତ ରାସ୍ତାକୁ ଗମନାଗମନ ଉପଯୋଗୀ କରିବା ଦିଗରେ ତହସିଲ ଅଫିସ ଓ କୁଆଖିଆ ପୋଲିସ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ରାଜପଥ ସମ୍ପ୍ରସାରଣ ଓ ମରାମତି ଦାୟିତ୍ୱରେ ଥିବା ଠିକାସଂସ୍ଥାର ପ୍ରକଳ୍ପ ମ୍ୟାନେଜର ହରିହର ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜପଥ ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ତଦାରଖ ପାଇଁ ମଙ୍ଗଳବାର ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବେ। ସେମାନଙ୍କ ପରିଦର୍ଶନ ପରେ ବୁଧବାରଠାରୁ ଗଳିପୋଲ ରାସ୍ତା ସଫେଇ କାର୍ଯ୍ୟ ଆରମ୍ଭ କରାଯିବ।

## ଅକ୍ଟୋବର ୭ରୁ ଅଗ୍ନିପଥ ଯୋଜନାର ନିଯୁକ୍ତି ରାଲି

**ଯାଜପୁର ଟାଉନ, ୬।୮ (ଡି.ଏନ.ଏ.)**

ଭାରତ ସରକାରଙ୍କ ଅଗ୍ନିପଥ ଯୋଜନାର ନିଯୁକ୍ତି ରାଲି ଆସନ୍ତା ଅକ୍ଟୋବର ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ଗୋପବନ୍ଧୁ ଷ୍ଟାଡିୟମ ପାରାଦୀପଠାରେ ଅନୁଷ୍ଠିତ ହେବ ବୋଲି ଆର୍ମି ରିକ୍ରୁଟିଂ ଅଫିସ କଟକଙ୍କ ପକ୍ଷରୁ ଅବଗତ କରାଯାଇଛି। ଏହି ଯୋଜନା ଅଧୀନରେ ଆବେଦନ କରିବାର ସର୍ବନିମ୍ନ ବୟସ ୧୭.୫ ବର୍ଷ ଏବଂ ସର୍ବାଧିକ ବୟସ ହେଉଛି ୨୧ ବର୍ଷ। ମାତ୍ର ଚଳିତ ବର୍ଷର ନିଯୁକ୍ତି ପାଇଁ ୨ ବର୍ଷ କୋହଳ କରାଯାଇଛି। ଉଭୟ ପୁରୁଷ ଓ ମହିଳା ଏହି ଯୋଜନାରେ ଆବେଦନ କରିପାରିବେ। ପ୍ରାର୍ଥୀଙ୍କୁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ପଡିବ। ଆବେଦନ ପ୍ରକ୍ରିୟା ଚଳିତ ମାସ ୧ରୁ ଆରମ୍ଭ ହୋଇଛି। ଏହା ୩୦ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ପଞ୍ଜୀକୃତ ଇ-ମେଲ ଠିକଣାରେ ପ୍ରାର୍ଥୀଙ୍କ ନିକଟକୁ ଆଡମିଟ କାର୍ଡ ପଠାଯିବ। ଏହି ନିଯୁକ୍ତି ରାଲିରେ ଅଧିକରୁ ଅଧିକ ସଂଖ୍ୟକ ପ୍ରାର୍ଥୀ ଯୋଗ ଦେବା ନିମନ୍ତେ ଜନସାଧାରଣ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନଗୁଡ଼ିକୁ ନିବେଦନ କରାଯାଇଛି।

## ସାଇ ମନ୍ଦିରରେ ବରଲକ୍ଷ୍ମୀ ବ୍ରତ ପୂଜା

**ଚଣ୍ଡିଖୋଲ,୬।୮(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇସ୍ଥିତ ସାଇ ମନ୍ଦିର ପରିସରରେ ଶନିବାର ବରଲକ୍ଷ୍ମୀ ବ୍ରତ ପୂଜା ପାଳିତ ହୋଇଯାଇଛି। ଏଥିରେ ପୂଜାର ପରମ୍ପରା ବୈଶିଷ୍ଟ୍ୟତା ପାଠ କରାଯିବା ସହ ଲକ୍ଷ୍ମୀ ଅଷ୍ଟୋତ୍ତର ଶତ ନାମାବଳୀ, ସତ୍ୟସାଇ ଅଷ୍ଟୋତ୍ତର ଶତ ନାମାବଳୀ ସହିତ ବରଲକ୍ଷ୍ମୀ ବ୍ରତ କଥା ପଠନ କରାଯାଇଥିଲା। ବରିଷ୍ଠ ସାଇ ଆଶ୍ରିତା ଶୈଳବାଳା ଭୂୟାଁ, ଆଧ୍ୟାତ୍ମିକ ସଂଯୋଜିକା ବିଳାସିନୀ ଭୂୟାଁ ଓ ସୀତା ବେହେରା ପ୍ରମୁଖ ବରଲକ୍ଷ୍ମୀ ବ୍ରତ ସମ୍ପର୍କରେ ସମସ୍ତଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ୮୦ଜଣ ମହିଳା ଯୋଗଦେଇ ବ୍ରତ ପୂଜା କରିଥିଲେ। ବାଳ ବିକାଶ ଗୁରୁମା ନିରୁପମା ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସର୍ବମଙ୍ଗଳ ନିମନ୍ତେ ମଙ୍ଗଳ ଆଳତି ପ୍ରଦାନ କରାଯାଇଥିଲା।

# ବଦଳିଲେ ବିଡିଓ, ଅଫିସରୁ ନେଇଗଲେ ଫୁଲକୁଣ୍ଡ

**ରସୁଲପୁର,୬।୮(ଡି.ଏନ.ଏ.)**


ଫୁଲକୁଣ୍ଡଗୁଡ଼ିକ ସ୍ଥାନାନ୍ତର କରାଯାଉଛି।

ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ାଙ୍କ କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ବିଡିଓ ଭାବେ ବଦଳି ହୋଇଛି। ସୋମବାର ସେ ବ୍ଲକ କାର୍ଯ୍ୟାଳୟ ଛାଡ଼ିବେ। ତାଙ୍କ ସ୍ଥାନରେ ବୌଦ୍ଧ ଜିଲାର ଡେପୁଟି କଲେକ୍ଟର ଥିବା ଅବନିକାନ୍ତ ସାହୁ ନୂତନ ବିଡିଓ ଭାବେ ଏଠାରେ ଯୋଗଦେବେ। ବିଡିଓ ପରିଡ଼ା ବଦଳି ହେବା ଜାଣିବା ପରେ ବ୍ଲକ ଅଫିସ ପରିସରସ୍ଥ ବଗିଚାରୁ ଫୁଲକୁଣ୍ଡଗୁଡ଼ିକୁ ଗାଡ଼ିରେ ବୋଝେଇ କରି ବାହାରକୁ ନେଇଯାଇଛନ୍ତି। ଏହି ଘଟଣା ସ୍ୱଷ୍ଟ ଦିବାଲୋକରେ ଘଟିଛି। ଏହାକୁ କେହି ବିରୋଧ କରି ନ ଥିଲେ ବି ବିଡିଓଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ଆଲୋଚନା ହେଉଛି।

୨୦୨୦-୨୧ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକ (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୨ ଲକ୍ଷ ଟଙ୍କା ବ୍ୟୟରେ ବ୍ଲକ ଅଫିସ ପରିସରରେ ବଗିଚା ସୃଷ୍ଟି ହୋଇଥିଲା। ଏହି ବଗିଚାରେ ଫୁଲକୁଣ୍ଡ ସ୍ଥାପିତ କରାଯାଇଥିଲା। ଏବେ କୁଣ୍ଡଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର ପରେ ବଗିଚା ଶ୍ରୀହୀନ ହୋଇପଡ଼ିଛି। ବିଡିଓଙ୍କ ନିର୍ଦ୍ଦେଶରେ ଫୁଲ କୁଣ୍ଡଗୁଡ଼ିକ ବାହାରକୁ ଚାଲାଣ କରାଯାଉଥିବା ବ୍ଲକ କର୍ମଚାରୀଙ୍କଠାରୁ ଜଣାପଡ଼ୁଛି। ଏ ନେଇ ବିଡିଓ ପରିଡ଼ାଙ୍କୁ ପଚାରିବାରୁ ତାଙ୍କ ନିର୍ଦ୍ଦେଶରେ ଫୁଲକୁଣ୍ଡ ବାହାରକୁ ଯାଉଛି ବୋଲି ସେ ସ୍ୱୀକାର କରିଛନ୍ତି। ଫୁଲକୁଣ୍ଡଗୁଡ଼ିକୁ ସେ ନିଜ ଖର୍ଚ୍ଚରେ ଖରିଦ କରି ରଖିଥିଲେ। ବଦଳି ହେବା ପରେ ସେସବୁକୁ ବିଭିନ୍ନ ଅନୁଷ୍ଠାନକୁ ଦାନ କରିଦେଉଛନ୍ତି ବୋଲି କହିଛନ୍ତି। ବିଡିଓଙ୍କ କହିବା କଥା ଯଦି ସତ ହୋଇଥାଏ ତେବେ କୁଣ୍ଡଗୁଡିକ ବ୍ଲକ ବଗିଚାରେ ରହିଥିଲେ କ'ଣ ଅସୁବିଧା ହୋଇଥାଆନ୍ତା ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ଏ ଦିଗରେ ତଦନ୍ତ କରାଗଲେ ଫୁଲକୁଣ୍ଡଗୁଡ଼ିକ ସରକାରୀ ଅର୍ଥରେ କ୍ରୟ ହୋଇଥିଲା ନା ବିଡିଓ ତାଙ୍କ ନିଜସ୍ୱ ଅର୍ଥରେ ଖରିଦ କରିଥିଲେ ତାହା ସ୍ପଷ୍ଟ ହୋଇପାରିବ। ଏଥିସହିତ ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ସୃଷ୍ଟି ହୋଇଥିବା ସନ୍ଦେହ ଦୂର ହେବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

## ସୁନା, ଟଙ୍କା ଧରି ନବବିବାହିତା ଫେରାର

**ଚଣ୍ଡିଖୋଲ,୬।୮(ଡି.ଏନ.ଏ.):**

ବିବାହକୁ ୨ ମାସ ପୂରିନି। କିନ୍ତୁ ଶାଶୁଘରୁ ସୁନା ଗହଣା ଓ ଟଙ୍କା ଧରି ନବବଧୂ ଛୁ ମାରିଛନ୍ତି। ଏଭଳି ଅଭିଯୋଗ ଆସିଛି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ମୌଜାରୁ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଏମ୍‌ଏମ୍‌ଆର୍‌ରେ ନଂ.୪୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ପଲାଇ ଗ୍ରାମର ଜଣେ ଯୁବକ ଗତ ଜୁନ୍ ୬ ତାରିଖରେ ଧର୍ମଶାଳା ଥାନା ଅନ୍ତର୍ଗତ ଅଲିସା ପାଟଣା ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ବିବାହ ପରେ ସବୁ ଠିକ୍‌ଠାକ୍ ଥିଲା। ମାତ୍ର ଗତ ୩ତାରିଖ ରାତିରେ ନବବଧୂ ୩୦ହଜାର ଟଙ୍କା ଓ ୧୦ଗ୍ରାମ ସୁନା ନେଇ କେଉଁଆଡ଼େ ପଳାଇ ଯାଇଛନ୍ତି। ଶାଶୁଘର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇନାହାନ୍ତି। ତେଣୁ ନବବଧୂଙ୍କ ସ୍ୱାମୀ ପ୍ରଥମେ ତାଙ୍କ ବାପଘର ପରିବାରକୁ ଖବର ଦେଇଥିଲେ। ପରେ ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## କେନାଲରୁ ମିଳିଲା ବୃଦ୍ଧଙ୍କ ମୃତଦେହ

**ଧର୍ମଶାଳା,୬।୮(ଡି.ଏନ.ଏ.)**

ଧର୍ମଶାଳା ଥାନା ହରିଦାସପୁର ପଞ୍ଚାୟତ ଅନ୍ତର୍ଗତ ଚାରବାଟିଆସ୍ଥିତ ଏକ କେନାଲରୁ ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ସେ ହେଲେ ଏହି ପଞ୍ଚାୟତ କୋହ୍ଲାଗ୍ରାମର ମକର ସାହାଣୀ(୬୫)। ମକର ଶୁକ୍ରବାର ସନ୍ଧ୍ୟାରେ ଘରୁ ଆସି ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶନିବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଶୌଚ ହେବାକୁ କେନାଲକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ପରବର୍ତ୍ତୀ ସମୟରେ ଏହା ମକରଙ୍କ ମୃତଦେହ ବୋଲି ସ୍ଥାନୀୟ ଲୋକେ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୫/୨୨ରୁଜୁ ହୋଇଛି।

## ହର୍‌ଘର୍ ତ୍ରିରଙ୍ଗା ପାଇଁ ଡାକଘରେ ସ୍ୱତନ୍ତ୍ର ବ୍ୟବସ୍ଥା

**ବ୍ରହ୍ମବରଦା, ୬।୮ (ଡି.ଏନ.ଏ.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅଗଷ୍ଟ ୧୫ରେ ଭାରତ ସରକାରଙ୍କ ପକ୍ଷରୁ ହରଘର ତ୍ରିରଙ୍ଗା, ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯିବ। ଏହି ଅବସରରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ପ୍ରତି ଡାକଘରେ ତ୍ରିରଙ୍ଗା ପତାକା ଉପଲବ୍ଧ ହେବ ବୋଲି ଡାକଘର ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଏହି ପରିପେକ୍ଷୀରେ ବ୍ରହ୍ମବରଦା ଉପଡ଼ାକଘରେ ଜାତୀୟ ପତକା ଲୋକଙ୍କ ସୁବିଧା ପାଇଁ ବିକ୍ରି କରାଯାଉଛି। ପ୍ରତି ତ୍ରିରଙ୍ଗାର ମୂଲ୍ୟ ୨୫ଟଙ୍କା ରହିଛି। ଏହା ଡାକ ବିଭାଗ ପକ୍ଷରୁ ବ୍ରହ୍ମବରଦା ଉପ ଡାକଘରେ ବିକ୍ରି ହେଉଥିବା ଉପ ଡାକପାଳଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଅଚ୍ୟୁତବସନ୍ତ ପଞ୍ଚାୟତ ପକ୍ଷରୁ ଚାରାରୋପଣ


ଚାରାରୋପଣ କରାଯାଉଛି।

**ବାଲିଚନ୍ଦ୍ରପୁର,୬।୮(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତ ତରଫରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ଅନ୍ତର୍ଗତ ଗଡ଼ଜିତଗ୍ରାମଠାରୁ ଇଟାଦୋମା ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ବିଶିଷ୍ଟ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଚାରାରୋପଣ କରାଯାଇଛି। ସରପଞ୍ଚ ସୁପ୍ରିୟା ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟାଙ୍କ ପ୍ରତିନିଧି ମାନଗୋବିନ୍ଦ ରାଉତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠଯନ୍ତ୍ରୀ ଧୀରେନ୍ଦ୍ର ବାରିକ, ଜିଆର୍‌ଏସ୍ ଦେବବ୍ରତ ମହାନ୍ତି, ନାଏବ ସରପଞ୍ଚ ଶିବ ଦଳେଇ, ୱାର୍ଡ ସଭ୍ୟ ଉର୍ମିଳା ସାହୁ, ବରିଷ୍ଠ ସାମାଜିକ କର୍ମୀ ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସିଦ୍ଧବଟ ଯୁବକ ସଂଘର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟାଟାଷ୍ଟିଲ୍ ମାଇନିଂ ପୁରସ୍କୃତ

**କାଳିଆପାଣି,୬।୮(ଡି.ଏନ.ଏ.)**

ଟାଟା ଷ୍ଟିଲ ମାଇନିଂ କମ୍ପାନୀକୁ ସ୍ୱାସ୍ଥ୍ୟ ନିରାପତ୍ତା ଓ ପରିବେଶ ପାଇଁ ସିଆଇଆଇ ଉତ୍କର୍ଷ ସମ୍ମାନ ୨୦୨୧-୨୨ରେ ପୁରସ୍କୃତ କରାଯାଇଛି। କଲିକତାଠାରେ ଆୟୋଜିତ ୧୬ତମ ଭାରତୀୟ ଶିଳ୍ପ ମହାସଂଘ ସୁରକ୍ଷା ସମ୍ମିଳନୀରେ ଟାଟା ଷ୍ଟିଲ୍ ମାଇନିଂ ସ୍ୱାସ୍ଥ୍ୟ ନିରାପତ୍ତା ଓ ପରିବେଶ ବିଭାଗ ସହକାରୀ ମହାପ୍ରବନ୍ଧକ ଅଜୟ କୁମାର ଠାକୁର ଏହି ପୁରସ୍କାର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ସିଆଇଆଇର ଅଧକ୍ଷ ଭି.କେ. ନିରାଲା, ସହଅଧକ୍ଷ ସୁଦୀପ ମୁଖାର୍ଜୀ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ବରିଷ୍ଠ ଉପସଭାପତି ପରେଶ ଠାକୁର, ଯାଦବପୁର ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ପ୍ରଫେସର ଚିରଞ୍ଜୀବ ଭଟ୍ଟାଚାର୍ଯ୍ୟ, ଜାତୀୟ ସୁରକ୍ଷା ପରିଷଦର ମହାନିର୍ଦ୍ଦେଶକ ଗଭାନେଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ଏହି ପୁରସ୍କାରପ୍ରାପ୍ତ କରି ଖୁସି ବ୍ୟକ୍ତ କରିଛନ୍ତି। ଏହା ଆମକୁ ଅଧିକ ଉନ୍ନତି ଆଣିବା ପାଇଁ ପ୍ରୋତ୍ସାହନ ଯୋଗାଇବ ବୋଲି ସତିଜା ପ୍ରକାଶ କରିଛନ୍ତି।

# ରାଷ୍ଟ୍ରପତିଙ୍କୁ ଦିଆଯିବ ଆମ୍ବେଡକରଙ୍କ ପିତଳ ମୁଦ୍ରା

**ଜେନାପୁର,୬।୮(ଡି.ଏନ.ଏ.)**

**୧୧ କୁଇଣ୍ଟାଲ ୧୧ କିଲୋରେ ତିଆରି ହୋଇଛି ମୁଦ୍ରା**

ଛୁଆଁ, ଛୁତ୍ ମୁକ୍ତ ଭାରତ ଅଭିଯାନ ଭୀମ ରୁଦନ ଯାତ୍ରା ଓଡ଼ିଶାର ସାମାଜିକ ସମତା ଅଭିଯାନର ସଭ୍ୟ କାଳନ୍ଦୀ ମଲିକ, ହୃଷୀକେଶ ଜେନାଙ୍କ ଆବାହନରେ ପ୍ରତ୍ୟେକ ଜିଲାରୁ ଆରମ୍ଭ ହୋଇଛି। ରାଷ୍ଟ୍ରପତିଙ୍କୁ ବାବା ସାହେବ ଆମ୍ବେଡକରଙ୍କ ୧୧ କୁଇଣ୍ଟାଲ ୧୧ କିଲୋ ପିତଳ ମୁଦ୍ରା ଅର୍ପଣ ପାଇଁ ବହୁ ବ୍ୟକ୍ତି ଦିଲ୍ଲୀ ଯାତ୍ରା କରିଛନ୍ତି। ଆସନ୍ତା ୮ ତାରିଖରେ ବାବା ସାହେବଙ୍କ ପିତଳ ମୁଦ୍ରାକୁ ରାଷ୍ଟ୍ରପତିଙ୍କୁ ଅଗଷ୍ଟ ୧୫ ଉଦ୍ଦେଶ୍ୟରେ ଅର୍ପଣ କରାଯିବ। ଏହି ମୁଦ୍ରାକୁ ନୂତନ ସଂସଦ ଭବନରେ ପ୍ରତିଷ୍ଠା କରାଯିବ। ସୂଚନାଯୋଗ୍ୟ, ଦେଶ ସ୍ୱାଧୀନତାକୁ ୭୫ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଛୁଆ, ଛୁତ୍ ଭେଦଭାବ ଜାରି ରହିଛି। ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ତେଣୁ ବାବା ସାହେବଙ୍କ ସ୍ୱପ୍ନକୁ ସାକାର ପାଇଁ ଭାରତର ୨୧ ରାଜ୍ୟରୁ ଦଳିତ ସମୁଦାୟ ସ୍ୱର ଉଠାଇଛନ୍ତି। ଏହି ଯାତ୍ରା ଅଗଷ୍ଟ ପହିଲାରୁ ଅହମଦାବାଦଠାରୁ ପ୍ରତ୍ୟେକ ରାଜ୍ୟର ପଛୁଆ, ଅଛୁଆଁ, ଆଦିବାସୀ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ଲୋକେ ମିଳିତ ଭାବେ ଆରମ୍ଭ କରିଛନ୍ତି। ଉକ୍ତ ଯାତ୍ରାରେ ଓଡ଼ିଶାରୁ ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ବରଗଡ଼, ସମ୍ବଲପୁର ଓ କଟକ ଜିଲାରୁ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଛନ୍ତି। ପିତଳ ମୁଦ୍ରା ତିଆରି ପାଇଁ ପ୍ରତ୍ୟେକ ରାଜ୍ୟର ଗାଁଗାଁ ବୁଲି ଭଙ୍ଗା ପିତଳ ସଂଗ୍ରହ କରାଯାଇଥିଲା।



ପିତଳ ମୁଦ୍ରା ପ୍ରଦାନ ପାଇଁ ଦିଲ୍ଲୀ ଯାତ୍ରାରେ ସାମିଲ ହୋଇଥିବା ଲୋକେ।


ଆମ୍ବେଡକରଙ୍କ ପିତଳ ମୁଦ୍ରା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ପୋଖରୀକୁ ଶୌଚ ହେବାକୁ ଯାଇ ଯୁବକ ମୃତ

ଆର.ଉଦୟଗିରି,୬।୮ (ଡି.ଏନ୍.ଏ.) ମୋହନା ବ୍ଲକ ଅନ୍ତର୍ଗତ ଶିକୁଳିପଦର ପଞ୍ଚାୟତ କାମ୍ପଗୁଡା ଗ୍ରାମ ପୋଖରୀରେ ଜଣେ ଯୁବକ ଶୌଚ ହେବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ଗୁରୁବାର ଶିକୁଳିପଦର ଗ୍ରାମ ପଞ୍ଚାୟତର ଲାବଣ୍ୟ କାର୍ଜୀ (୪୫) କାମ୍ପଗୁଡ଼ା ଗ୍ରାମର ଜଣେ ଲୋକଙ୍କ ଘର ଛପର କରିବାକୁ ଆସିଥିଲେ। ସନ୍ଧ୍ୟାରେ କାର୍ଯ୍ୟ ସାରି ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ଗ୍ରାମବାସୀ ପୋଖରୀରେ ବହୁ ଖୋଜାଖୋଜି କରିଥିଲେ ମଧ ଲାବଣ୍ୟଙ୍କୁ ନ ପାଇ ମୋହନା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଶୁକ୍ରବାର କର୍ମଚାରୀମାନେ ପହଞ୍ଚି ଲାବଣ୍ୟଙ୍କ ମୃତଦେହ ବାହାର କରିଥିବା ବିଭାଗ ମୁଖ୍ୟ ତାରାକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଖୁଣ୍ଟରେ ଲାଗି ବାଛୁରୀ ମୃତ

ଗଞ୍ଜାମ,୬।୮ (ଡି.ଏନ୍.ଏ.)-ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶତ୍ରୁସୋଲ ଗ୍ରାମ ହରିଜନ ସାହିରେ ବିଦ୍ୟୁତ ଖୁଣ୍ଟରେ ଲାଗି ଏକ ବାଛୁରୀର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମରେ ଉକ୍ତ ବିଦ୍ୟୁତ ଖୁଣ୍ଟରେ କରେଣ୍ଟ ଚାର୍ଜ ରହୁଥିବାରୁ ଅଞ୍ଚଳବାସୀ ବିଦ୍ୟୁତ ବିଭାଗକୁ ପ୍ରାୟ ୭ମାସ ହେଲା ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ବିଭାଗିୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ସୂଚନାଥାଉକି, ନିକଟସ୍ଥ ଗ୍ରାମରେ ଏକ ଜେସିବି ଡ୍ରାଇଭର ୧୧ କେଭି ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତେବେ ଉକ୍ତ ବିପଦପୂର୍ଣ୍ଣ ବିଦ୍ୟୁତ ପୋଲକୁ ହଟାଇବାକୁ ଅଞ୍ଚଳବାସୀ ପକ୍ଷରୁ ଦୃଢ ଦାବି ହୋଇଛି।

### ସମାଧାନ ହେଲା ବିଦ୍ୟାଳୟ ରାସ୍ତା ସମସ୍ୟା

ଦିଗପହଣ୍ଡି,୬।୮ (ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ୍ ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ନରେନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ରାସ୍ତା ସମସ୍ୟାର ସମାଧାନ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର୍ ଟି.ଆଓଙ୍କ ହସ୍ତକ୍ଷେପ ପରେ ଲାଗିରହିଥିବା ବିବାଦର ଅବସାନ ଘଟିଛି। ବିଦ୍ୟାଳୟକୁ ସଂଯୋଗ ହୋଇଥିବା ରାସ୍ତାଟି ସୂର୍ଯ୍ୟ ରେଡ୍ଡୀଙ୍କ ବ୍ୟକ୍ତିଗତ ପଟ୍ଟା ଜମି ଥିଲା। ସେ ନିଜ ଅକ୍ତିଆରରେ ରାସ୍ତାକୁ ରଖିଥିବାରୁ ଛାତ୍ରୀଛାତ୍ର ସ୍କୁଲ୍ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଆରଡିସିଙ୍କ ଗାଡ଼ି ଆଗରେ ଅଭିଭାବକ, ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ତେବେ ଆରଡିସିଙ୍କ ହସ୍ତକ୍ଷେପ ପରେ ବିଡିଓ, ତହସିଲଦାର ଓ ଗୋଷ୍ଠୀ ଶିକ୍ଷାଧିକାରୀ ଉଭୟ ପକ୍ଷଙ୍କୁ ଡକାଇ ଆଲୋଚନା କରିବା ସହ ସୂର୍ଯ୍ୟ ରେଡ୍ଡୀଙ୍କୁ ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଜମିକୁ ଛାଡିବା ପାଇଁ ନିବେଦନ କରାଯାଇଥିଲା। ରାସ୍ତା କାର୍ଯ୍ୟରେ ଯାହା ବିନିଯୋଗ ହେବ ତାହା ବିଡିଓ ମଞ୍ଜୁର କରିବେ ବୋଲି ପ୍ରତିଶ୍ରୁତି ଦେବ ପରେ ସ୍ଥାୟୀ ସମାଧାନ ହୋଇପାରିଥିବା ବିଡିଓ ହଳଧର ଶବର ସୂଚନା ଦେଇଛନ୍ତି।

### ହର ଘର ତ୍ରିରଙ୍ଗା ପ୍ରସ୍ତୁତି ବୈଠକ

ଜି.ଉଦୟଗିରି,୬।୮ (ଡି.ଏନ୍.ଏ.)-ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ କରିବାକୁ ସ୍ଥିର କରିଥିବା ବେଳେ ପ୍ରତି ଘରେ ତ୍ରିରଙ୍ଗା ଲଗାଇ ମହୋତ୍ସବ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହିକ୍ରମରେ ଜି.ଉଦୟଗିରି ଭାଜପା ଗ୍ରାମୀଣ ମଣ୍ଡଳ ତରଫରୁ ଶୁକ୍ରବାର ମାଲିକପଡି ପଞ୍ଚାୟତରେ ପ୍ରତିଘରେ ତ୍ରିରଙ୍ଗା ଉଡ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ଜନସାଧାରଣ କିପରି ଏଥିରେ ଯୋଡ଼ିହେବେ ସେଥିପାଇଁ କର୍ମୀମାନେ ସଚେତନ କରିବା ସହିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଭାଜପା ଗ୍ରାମୀଣ ମଣ୍ଡଳ ସଭାପତି ମାୟାବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଜିଲା ସମ୍ପାଦକ ଜ୍ଞାନଚନ୍ଦ୍ର ପ୍ରଧାନ, ମହିଳା ନେତ୍ରୀ ସତ୍ୟଭାମା ପ୍ରଧାନଙ୍କ ସହିତ ଶତାଧିକ ଯୋଗ ଦେଇଥିଲେ।

### ଟିମ୍ ହ୍ୟୁମାନିଟି ସଦସ୍ୟା କଲେ ଶବ ସତ୍କାର

ବାଲିଗୁଡ଼ା,୬।୮ (ଡି.ଏନ୍.ଏ.)- ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକର ଗୁଟିଙ୍ଗିଆ ଗ୍ରାମର ୬୨ ବର୍ଷୀୟା ମହିଳା ନାର୍ଣ୍ଣୁ ପାତ୍ରଙ୍କ ଅସୁସ୍ଥତାରୁ ମୃତ୍ୟୁ ଘଟିଥିଲା। କିନ୍ତୁ ମୃତଦେହ ସତ୍କାର ପାଇଁ ପାଖରେ କେହି ପରିବାର ସଦସ୍ୟ ନ ଥିଲେ। ଏହି ଖବର ପାଇ ଟିମ୍ ହ୍ୟୁମାନିଟି କନ୍ଧମାଳ ଟିକାବାଲି ଶାଖାର ସଦସ୍ୟ ହିରୋ ନାୟକ, ନୀଳମାଧବ ପାତ୍ର, ଗୋବିନ୍ଦ ସ୍ୱାଇଁ, ପ୍ରମେଶ ଦିଗାଲ ମୃତବ୍ୟକ୍ତିଙ୍କ ଘରେ ପହଞ୍ଚିଥିଲେ। ମୃତଦେହ ସତ୍କାର ପାଇଁ ପ୍ରସ୍ତୁତି ଆରମ୍ଭ କରି ଟିମ୍‌ର ନିଜସ୍ୱ ସ୍ୱର୍ଗରଥ ଆମ୍ବୁଲାନ୍ସରେ ନିକଟସ୍ଥ ଶ୍ମଶାନରେ ସମ୍ପୂର୍ଣ୍ଣ ହିନ୍ଦୁରୀତି ଅନୁସାରେ ଶବଦାହ ବ୍ୟବସ୍ଥା କରିଥିଲେ।

# ସାପ୍ତାହିକ ହାଟରେ ବିକ୍ରି ହେଉଛି ଆଳୁ ବିହନ

## ଖୋଲାବଜାର ବିକ୍ରିକୁ ସ୍ୱୀକାରକଲେ ଅଧିକାରୀ

ଫୁଲବାଣୀ ଅଫିସ,୬।୮

କନ୍ଧମାଳ ଜିଲାର ୩ ବ୍ଲକରେ ଆଳୁଚାଷ ହେବା ପାଇଁ ବିହନ ଆସିଛି। ଉଦ୍ୟାନ ଓ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦିଆଯିବ। କିନ୍ତୁ ଚାଷୀଙ୍କ ପରିବର୍ତ୍ତେ ଏଠି ଖୋଲା ବଜାରରେ ଆଳୁ ବିହନ ବିକ୍ରି କରାଯାଉଛି। ଖୋଦ ବିଭାଗର କେତେକ ଅସାଧୁ କର୍ମଚାରୀ ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଦେଖିବାକୁ ମିଳୁଛି। ବ୍ୟବସାୟୀମାନଙ୍କୁ କୁଇଣ୍ଟାଲ କୁଇଣ୍ଟାଲ ଆଳୁ ବିକ୍ରି କରି ଦିଆଯାଉଥିବା ଖବର ଏବେ ଚର୍ଚ୍ଚାରେ ରହିଛି।

ଜିଲାର ଫୁଲବାଣୀ, ଫିରିଙ୍ଗିଆ ଏବଂ ଖଜୁରିପଡା ବ୍ଲକରେ ଆଳୁଚାଷ ହେବ। ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ୧୦୦ ହେକ୍ଟରରୁ ୬୦ ହେକ୍ଟର ପାଇଁ ୯୭୦ କୁଇଣ୍ଟାଲ ଆଳୁ ବିହନ ଆସିଛି। ବ୍ଲକ ପିଛା ୩୨୦ରୁ ୩୨୩ କୁଇଣ୍ଟାଲ ଆଳୁ ବିହନ ଚାଷୀଙ୍କୁ ଯୋଗାଇ ଦିଆଯିବ। ସର୍ବନିମ୍ନ ୦.୧ ହେକ୍ଟର ଲାଗି ୩ ପ୍ୟାକେଟ ଅବା ଦେଢ଼ କୁଇଣ୍ଟାଲ ବିହନ ଚାଷୀ ନେବେ। ୧ କେଜିକୁ ୧୨ ଟଙ୍କା ହିସାବରେ ଦେଢ କୁଇଣ୍ଟାଲ ବିହନର ଦାମ୍ ୧୮୦୦ ଟଙ୍କା। କିନ୍ତୁ ସରକାର ୧ କେଜି ବିହନ ପିଛା ୪୫ ଟଙ୍କା ଏବଂ ପରିବହନ ବାବଦରେ ୩ ଟଙ୍କାକୁ ମିଶାଇ ୪୮ ଟଙ୍କାରେ ଏଜେନ୍ସି ପାଖରୁ କିଣୁଛନ୍ତି। କିନ୍ତୁ ଚାଷୀ କ'ଣ ଉପକୃତ ହେବେ, ଆଗେ ନିଜ


ବଜାରରେ ବିକ୍ରି ହେଉଥିବା ଆଳୁ ବିହନ।

ପକେଟ ଭରିବାକୁ ବିଭାଗୀୟ ଅଧିକାରୀ ପଛାଉନାହାନ୍ତି। ଗତ ବୁଧବାର ଫୁଲବାଣୀ ସାପ୍ତାହିକ ହାଟରେ କୁଇଣ୍ଟାଲ କୁଇଣ୍ଟାଲ ଆଳୁ ବିହନକୁ ଖୋଲା ବଜାରରେ ବିକ୍ରି କରି ଦିଆଯାଇଛି। ଏବେ ବି ସବୁଦିନିଆ ପରିବା ବଜାରରେ ଏହି ଆଳୁ ବିହନ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। କିଛି ବ୍ୟବସାୟୀଙ୍କୁ ଏ ବିଷୟରେ ପଚାରିବାରୁ ସେମାନେ ନାମ ଗୋପନ ରଖି ଘଟଣାକୁ ସ୍ୱୀକାର କରିଛନ୍ତି। ଏ ପର୍ଯ୍ୟନ୍ତ ଖାଲି ଫୁଲବାଣୀ ସହରରେ କେତେ ଚାଷୀଙ୍କୁ ଆଳୁ ବିହନ ଯୋଗାଯାଇଛି, ତାହାର ହିସାବ ବିଭାଗ ଦେଇ ନ ଥିବା ବେଳେ ଚାଷୀଙ୍କୁ ଦିଆଚାଲିଛି ବୋଲି କହୁଛି। ଖଜୁରିପଡ଼ା ଏବଂ ଫିରିଙ୍ଗିଆରେ କେତେ ଚାଷୀ ଆଜି ପର୍ଯ୍ୟନ୍ତ ବିହନ ନେଲେଣି ତାହାର ତଥ୍ୟ ମଧ୍ୟ ମିଳିପାରି ନାହିଁ।

ନିୟମ ଅନୁସାରେ, ଚାଷୀମାନେ ବିହନ ନେଇ ଲଗାଇବେ। କ୍ଷେତରେ ଜିପିଏସ୍ ଫଟୋ ଉଠିବ। ଏହାକୁ ଗୋସୁଗମ ପୋର୍ଟାଲରେ ଅପ୍‌ଲୋଡ କରାଯିବ। କିନ୍ତୁ ଏହି ପୋର୍ଟାଲ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଅଫ୍‌ଲାଇନ ମାଧ୍ୟମରେ କାର୍ଯ୍ୟ ହେଉଛି, ଯାହା ଅସାଧୁ କର୍ମଚାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଅପରପକ୍ଷେ ସିଡ୍ କର୍ପୋରେଶନର କର୍ମଚାରୀ ବିଲ୍ ନେଇ ଚାଷୀଙ୍କ ପାଖକୁ ଯିବେ। ଚାଷୀ ପ୍ରକୃତରେ ବିହନ ପାଇଛନ୍ତି କି ନାହିଁ ତାହା ପରଖିବେ। ଏହାପରେ ସରକାରଙ୍କୁ ରିପୋର୍ଟ ଦେବେ। କିନ୍ତୁ ବାସ୍ତବରେ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

ଏ ନେଇ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମିହିର ସାମନ୍ତରାୟଙ୍କୁ ପଚାରିବାରୁ ଫୁଲବାଣୀ, ଫିରିଙ୍ଗିଆ, ଖଜୁରିପଡା ବ୍ଲକରେ ୬୦ ହେକ୍ଟର ଜମିରେ ପାଖାପାଖି ୬୦୦ ଜଣ ଚାଷୀ ଆଳୁ ଚାଷ କରିବେ। ଏଥିପାଇଁ ବିହନ ଆସି ବ୍ଲକଗୁଡ଼ିକୁ ପଠାଇ ଦିଆଯାଇଛି। ସେଠାରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏହାକୁ ତଦାରଖ କରୁଛନ୍ତି। ଚାଷୀମାନଙ୍କୁ ବିହନ ଦିଆଯାଉଛି। ଖୋଲା ବଜାରରେ ଏହି ବିହନ ବିକ୍ରି ହେଉଥିବା ଯେଉଁ କଥା ଉଠୁଛି, ତାହାକୁ ମୁଁ ଅସ୍ୱୀକାର କରୁନାହିଁ। ଏବେ ଅଫ୍‌ଲାଇନରେ କାମ ହେଲେ ବି ପରେ କେଉଁ ଚାଷୀ କେତେ ଏକରରେ ଚାଷ କଲେ ସେମାନଙ୍କ ଜିପିଏସ୍ ଫଟୋ ସହ ସବୁ ଅନ୍‌ଲାଇନ ପୋର୍ଟାଲରେ ଅପ୍‌ଲୋଡ କରାଯିବ। ଯଦି ଚାଷୀ ବିହନ ପାଇବେ ନାହିଁ ତାହା ସ୍ପଷ୍ଟ ଭାବେ ଜଣାପଡିବ। ତେଣୁ ସେଭଳି କିଛି ହୋଇ ନ ଥିବ ବୋଲି ପ୍ରକାଶ କରିଛନ୍ତି।

### ଶାଶୂଘରେ ମହିଳାଙ୍କ ମୃତ୍ୟୁ

ଆସିକା,୬।୮ (ଡି.ଏନ.ଏ.)

ଆସିକା ଥାନା ପାଣ୍ଡିଆପଥର ଗ୍ରାମରେ ଶନିବାର ଜଣେ ମହିଳାଙ୍କ ନିଜ ଶାଶୂଘରେ ମୃତ୍ୟୁ ଘଟିଛି। ସେ ହେଲେ ପ୍ରତିମା ବେହେରା (୨୩)। ପ୍ରତିମା ଘରର ଉପର ମହଲାରେ ବେକରେ ଏକ ଲୁଙ୍ଗିକୁ ଫାଶ କରି ଝୁଲି ପଡିଥିଲେ। ଖବର ପାଇ ଆସିକା ପୋଲିସ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ଥାନାରେ ନଂ. ୪୭୨/୨୨ରେ ଏକ ମାମଲା ରୁଜୁ କରାଯାଇଛି। ମୃତ୍ୟୁର କାରଣ ଜଣାପଡ଼ିନଥିବା ବେଳେ ଅପରପକ୍ଷେ ମୃତକଙ୍କ ଭାଇ ପୋଲସରା ଥାନା ଅନ୍ତର୍ଗତ ଶୋଡକ ଗ୍ରାମର ମନୋଜ କୁମାର ବେହେରା ଏହା ଏକ ଯୌତୁକ ଜନିତ ହତ୍ୟା ବୋଲି ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ୨୦୧୬ ଏପ୍ରିଲ ମାସରେ ପାଣ୍ଡିଆପଥର ଗ୍ରାମର କନ୍ଧ ବେହେରାଙ୍କ ସାନ ପୁଅଙ୍କ ସହ ପ୍ରତିମାଙ୍କ ବାହାଘର ସାମାଜିକ ରୀତିନିତିରେ ହୋଇଥିଲା। ବିବାହ ସମୟରେ ଜାନି ଯୌତୁକ ସହ ନଗଦ ୫୦ ହଜାର ଟଙ୍କା ଦିଆଯାଇଥିଲା। ତେବେ ପ୍ରତିମାଙ୍କ ଗୋଟିଏ କନ୍ୟା ସନ୍ତାନ ଜନ୍ମ ହେବା ପରେ ରୀତିମତ ବାପ ଘରୁ ଅଧିକ ଯୌତୁକ ଆଣିବା ଲାଗି ପ୍ରତିମାଙ୍କ ଉପରେ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦିଆଯାଉଥିଲା। ଏଭଳି ଶୁକ୍ରବାର ପ୍ରତିମାଙ୍କୁ ତାଙ୍କ ସ୍ୱାମୀ ଦିନତମାମ ନିର୍ଯ୍ୟାତନା ଦେଇଥିବା ପ୍ରତିମା ଭାଇଙ୍କ ନିକଟକୁ ଫୋନ ଯୋଗେ ଜଣାଇଥିଲେ। ଏତଦ ପରିସ୍ଥିତିରେ ପ୍ରତିମାଙ୍କୁ ତାଙ୍କ ସ୍ୱାମୀଙ୍କ ଦ୍ୱାରା ହତ୍ୟା କରାଯାଇଥିବା ସନ୍ଦେହ କରି ଘଟଣାର ବିଧିବଦ୍ଧ ତଦନ୍ତ ଲାଗି ଅଭିଯୋଗରେ ଦର୍ଶାଯାଇଛି।

### ଗଜପତିରେ ୭ କରୋନା ସଂକ୍ରମିତ ଚିହ୍ନଟ

ପାରଳାଖେମୁଣ୍ଡି,୬।୮ (ଡି.ଏନ୍.ଏ.)

ଗଜପତି ଜିଲାରେ ଶନିବାର ୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୩୭ ଗୋଟି ଆକ୍ଟିଭ୍ କେସ୍ ରହିଛି। ସେଭଳି ଗୁରୁତର ସ୍ଥିତି ଦେଖାଯାଇ ନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ସମସ୍ତ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି। ମାସ୍କ ପରିଧାନ ଓ ସାମାଜିକ ଦୂରତାକୁ ରକ୍ଷା କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# କାଣ୍ଡିଆନାଳ ପୋଲ ନିର୍ମାଣ ପାଇଁ ଦାବି

ବଲସକୁମ୍ପା,୬।୮

ଖଜୁରିପଡ଼ା ବ୍ଲକ ଦୁତିପଡ଼ା ନିକଟ ଜାତୀୟ ରାଜପଥ ବାରପୁଲିଆଠାରୁ ଭାୟା ବଲସକୁମ୍ପା ଦେଇ ପକାନା ଗାଁକୁ ସଂଯୋଗ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାର କିଛି ପୁରାତନ ପୋଲ ରହିଛି। ସେହି ପୋଲଗୁଡ଼ିକର ଅବସ୍ଥା ଅତି ଶୋଚନୀୟ ହୋଇ ଆସିଲାଣି। ଏହା ଦେଖିବାକୁ ମିଳିଛି ବଲସକୁମ୍ପା ନିକଟ କାଣ୍ଡିଆନାଳଠାରେ ଥିବା ପୋଲର ତଳପଟେ ମାଟି ଧୋଇ ହୋଇ ପଥର ଭୁଶୁଡ଼ି ଗଲାଣି। ଫଳରେ ବିପଦ ଆଶଙ୍କା ଦେଖାଦେଉଛି। ଏହି ରାସ୍ତାରେ ନିୟମିତ ଶହ ଶହ ଯାନବାହନ ଯାତାୟାତ କରୁଛି। ତେଣୁ ଯେକୌଣସି ମୁହୂର୍ତ୍ତରେ କୌଣସି ଅଘଟଣ ଘଟିବ ନାହିଁ ବୋଲି କହିହେବ ନାହିଁ। ଏ ନେଇ ଶୁକ୍ରବାର ବଲସକୁମ୍ପା


କାଣ୍ଡିଆନାଳ ପୋଲ।

ସ୍ଥାନୀୟ ମାଁ ଇଷ୍ଟଦେବୀ ଯୁବକଳା ପରିଷଦ ଯୁବକ ସଂଘ ପକ୍ଷରୁ ସମ୍ପାଦକ ବିଦୁର ବେହେରାଙ୍କ ନେତୃତ୍ୱରେ ଏକକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ବୈଦ୍ୟନାଥ ବେହେରା ବୈଠକ ପରିଚାଳନା କରିଥିଲେ। ଶୋଚନୀୟ ପୋଲର ନିର୍ମାଣ ପାଇଁ ଜିଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଦାବି କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ଶୀଘ୍ର ଏନେଇ ଜିଲାପାଳଙ୍କୁ ମା' ଇଷ୍ଟଦେବୀ ଯୁବକଳା ପରିଷଦ ଭେଟିବା ସହିତ ଦାବିପତ୍ର ପ୍ରଦାନ କରିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି କରାଗଲା। ଏଥିସହିତ ଆଗାମୀ ୧୫ ତାରିଖ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ପାଇଁ ଆଲୋଚନା କରାଯାଇଥିଲା। ଶେଷରେ ପରିଷଦର କୋଷାଧକ୍ଷ ଶଶାଙ୍କଶେଖର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା

## ହିତାଧିକାରୀଙ୍କ ତଥ୍ୟ ପଞ୍ଚାୟତସ୍ତରରୁ ଯାଞ୍ଚ କର : ସଚିବ

ଛତ୍ରପୁର,୬।୮ (ଡି.ଏନ୍.ଏ.)

ଗଞ୍ଜାମ ଜିଲାକୁ ଦିନିକିଆ ଗସ୍ତରେ ଆସି ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କମିଶନର ତଥା ସଚିବ ଭାସ୍କର ଜ୍ୟୋତି ଶର୍ମା ଛତ୍ରପୁର ସ୍ଥିତ ସମ୍ମିଳନୀ କକ୍ଷରେ ଜିଲା ସମାଜିକ ସୁରକ୍ଷା ବିଭାଗର ସମୀକ୍ଷା କରିଛନ୍ତି। ଏଣିକି କଡ଼ାକଡ଼ି ଭାବେ ପଞ୍ଚାୟତସ୍ତରରୁ ଯୋଗ୍ୟ ଓ ମୃତ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ହେବ। ଯଦ୍ୱାରା ବିଭିନ୍ନ ବର୍ଗର ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମିଳିପାରିବ। ଏହାସହ ଯେଉଁ ହିତାଧିକାରୀଙ୍କ ମୃତ୍ୟୁ ହୋଇଛି ସେମାନଙ୍କ ମଧ ସଠିକ ତଥ୍ୟ ମିଳିପାରିବ। ସେମାନଙ୍କ ସ୍ଥାନରେ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇପାରିବ। ଜିଲାରେ ବର୍ତ୍ତମାନ ୯ ହଜାର ୧୩୮ ମୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇପାରିଛି। ଆଗକୁ ପଞ୍ଚାୟତ ସ୍ତରରେ ସଠିକ ଯାଞ୍ଚ କରାଗଲେ ଏହାର ସଂଖ୍ୟା ବୃଦ୍ଧି ପାଇବ। ଏହି ସମୀକ୍ଷା ବୈଠକରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ବ୍ରହ୍ମପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଏପିଓଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

ପାରଳାଖେମୁଣ୍ଡି,୬।୮ (ଡି.ଏନ୍.ଏ.)

ଗଜପତିଜିଲାରେ କାମ କରୁଥିବା ମନରେଗା ସଂଯୋଜିକା ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ)ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରୋମାଞ୍ଚଲ ଖମାରୀ, ସଂଯୋଜିକା ରଶ୍ମିତା ଦାସ ଉପସ୍ଥିତ ଥିଲେ। ମନରେଗା ଯୋଜନାରେ ଦୀର୍ଘ ବର୍ଷ ଧରି ଅସ୍ଥାୟୀ ଭାବେ କାମ କରୁଥିଲେ ହେଁ ଆଜିଯାଏ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ତେଣୁ ସ୍ଥାୟୀ ନିଯୁକ୍ତି ଦେଲେ ଆହୁରି ଉତ୍ସାହ ସହ କାର୍ଯ୍ୟ ସମ୍ପାଦନ ହୋଇପାରିବ। ଏପିଓ ସୌମ୍ୟସୁଧାକର ତ୍ରିପାଠୀ, ବସନ୍ତ କୁମାର ପଟ୍ଟନାୟକ, ଅକ୍ଷୟ କୁମାର ବିଷୋୟୀ, ମଧୁବାଳା ପାତ୍ରୀ, ଦିଲୀପ କୁମାର ଦାସ ପ୍ରମୁଖ ଜିଲାପାଳ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ।

### ସ୍ୱାସ୍ଥ୍ୟ ଶିବିର

ପାରଳାଖେମୁଣ୍ଡି,୬।୮ (ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହର କବିଚନ୍ଦ୍ର ସାହି ସ୍ଥିତ କବିଚନ୍ଦ୍ର ପାଠାଗାର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ବିଶାଖପାଟଣାର ବିଶିଷ୍ଟ ଅସ୍ଥିସଲ୍ୟ ବିଶେଷଜ୍ଞ ଡା. ରବିଚନ୍ଦ୍ର ଭାଟିପାଲିଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପାରଳାଖେମୁଣ୍ଡିର ଅଗ୍ରଣୀ ସଙ୍ଗଠନ କ୍ରିଏଟିଭ ଆର୍ଟସ ସହଯୋଗ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରିଏଟିଭ ଆର୍ଟସ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଆଦର୍ଶ ଦାସ ଓ ଡାକ୍ତର ରବିଚନ୍ଦ୍ର ଉପସ୍ଥିତ ଥିବା ବେଳେ ଡାକ୍ତର ପ୍ରଥମେ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସମ୍ପର୍କରେ ଜଣାଇଥିଲେ। ୪୨ ଜଣ ବ୍ୟକ୍ତି ସ୍ୱାସ୍ଥ୍ୟ ସମସ୍ୟା ଜଣାଇଥିଲେ।

# ଗୋପାଳପୁର ବନ୍ଦର ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

ଛତ୍ରପୁର,୬।୮ (ଡି.ଏନ୍.ଏ.)

ଗୋପାଳପୁର ବନ୍ଦର ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ କାଳିପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି। ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି.ଜେ. ରାଓ ଶିବିରକୁ ଉଦ୍‌ଘାଟନ କରିଥିଲେ। ବନ୍ଦରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇଦେବାକୁ ଗୋପାଳପୁର ବନ୍ଦର ସର୍ବଦା ବଦ୍ଧପରିକର ବୋଲି ରାଓ କହିଥିଲେ। ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରାଯିବା ସହ ବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଶିକ୍ଷା ତଥା ପରିବେଶର ସୁରକ୍ଷା ଦିଗରେ ଅଧିକରୁ ଅଧିକ ଯତ୍ନବାନ ହେବ ବୋଲି ବନ୍ଦରର ଉପସଭାପତି (ମାନବ ସମ୍ବଳ ଏବଂ ଶିଳ୍ପ ସମ୍ପର୍କ) ଅଜୟ କୁମାର ମିଶ୍ର ମତବ୍ୟକ୍ତ କରିଥିଲେ। ବନ୍ଦର ସହକାରୀ ଉପସଭାପତି ଚିତ୍ତରଞ୍ଜନ ବାହିନୀପତି,


ବନ୍ଦର ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ଉଦ୍‌ଘାଟିତ

କାଳିପଲ୍ଲୀ ସରପଞ୍ଚ ବିଲକ୍ଷ୍ମୀ ପାତ୍ର, ସମିତିସଭ୍ୟ ବିକାଶ ବେହେରା, ଶ୍ରମିକ ନେତା ଶଙ୍କର ଦାଶ, କାଳିପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାପତି ଅର୍ଦ୍ଧରଜୁ ବାବୁ, ଚମାଖଣ୍ଡି ସରପଞ୍ଚ ସିଏଚ ମନୋଜ ରେଡ୍ଡୀ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ୍ ସଞ୍ଜୀବ ରେଡ୍ଡୀ, କାଳିପଲ୍ଲୀ ଗ୍ରାମ୍ୟ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ସ୍ତ୍ରୀ ରୋଗ, ଶିଶୁ ରୋଗ ଏବଂ ଭେଷଜ ଚିକିତ୍ସା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।

# ଭଞ୍ଜନଗରରେ ରହୁନି ବିଏସ୍ଏନ୍ଏଲ ନେଟ୍‌ୱର୍କ

## ୫ଜି ସେବା ପାଇଁ ଯୋଜନା ଚାଲିଛି

ଭଞ୍ଜନଗର,୬।୮ (ଡି.ଏନ.ଏ)

ଦେଶରେ ୫ଜି ମୋବାଇଲ ନେଟୱର୍କ ସେବା ପାଇଁ ବର୍ତ୍ତମାନ ଯୋଜନା ଚାଲିଛି। ଆଉ କିଛିମାସ ପରେ ଉକ୍ତ ସେବା ମିଳିବା ସମ୍ଭାବନା ରହିଛି। କିନ୍ତୁ ଭଞ୍ଜନଗର ସହରରେ ବିଏସ୍ଏନଏଲ ମୋବାଇଲ ନେଟୱର୍କ ଠିକ୍ ଭାବେ ରହୁନାହିଁ। ପ୍ରାୟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଭଞ୍ଜନଗର ସହରର ଲଣ୍ଡେଇସାହି, କଲେଜରୋଡ, ଲାଲସିଂ, ଛେଦାଭୂମି,ଶ୍ରୀରାମନଗର ଅଞ୍ଚଳରେ ବିଏସ୍ଏନ୍ଏଲ ମୋବାଇଲ ସେବା ଠିକ୍ ରହୁନାହିଁ। ଫୋନରେ କଥା ହେବା ସମୟରେ ଠିକ୍ ଭାବେ ଶୁଣାଯାଉନାହିଁ। ବାରମ୍ବାର କଲ୍ କଟିଯାଉଛି। ସମସ୍ୟାର ସମାଧାନ ପାଇଁ ବିଏସ୍ଏନଏଲ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ସ୍ୱପ୍ନ ଦେଖାଉଥିବା ବେଳେ ଏପଟେ ରାଜ୍ୟର ବଡ଼ ରାଜସ୍ୱ ଉପଖଣ୍ଡ ଭାବେ ପରିଚିତ ଭଞ୍ଜନଗର ସହରରେ ହିଁ ମୋବାଇଲ ସେବା ଠିକ୍ ଭାବେ ରହୁନାହିଁ। ସହରରେ ଏହି ଅବସ୍ଥା ଥିବାବେଳେ ଗ୍ରାମାଞ୍ଚଳରେ ଦିନଦିନ ଧରି ସେବା ରହୁନାହିଁ। ବିଦ୍ୟୁତ୍ ଚାଲିଗଲେ ବିଏସ୍ଏନ୍ଏଲର ଅଧିକାଂଶ ଟାୱାର ଆପେ ଆପେ ବନ୍ଦ ହୋଇଯାଉଛି। ଜେନେରେଟର ଲଗାଯାଉନାହିଁ। ତେଣୁ ଏହିଭଳି ସମସ୍ୟା ଉପୁଜିଥିବା ଅନୁମାନ କରାଯାଉଛି। ଏ ନେଇ ବିଏସ୍ଏନ୍ଏଲର ଜଣେ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି, ଭଞ୍ଜନଗର ସହରରେ ମୋବାଇଲ ଫୋନ ସେବା ସମସ୍ୟା ଥିବା ଆମ ପାଖରେ କୌଣସି ଅଭିଯୋଗ ନାହିଁ।ତଥାପି ଆଜି ସମସ୍ୟା ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କରାଯାଇଛି। ଯଦି ସମସ୍ୟା ଥିବା ତେବେ ତାହାକୁ ତୁରନ୍ତ ସଜାଡ଼ିବା ପାଇଁ ପଦକ୍ଷେପ ନିଆଯିବ।

# ଲବାରସିଂ ବିଦ୍ୟାଳୟ: ୧୦୦ ପିଲାଙ୍କୁ ୨ ଶିକ୍ଷକ


ଛାତ୍ରୀଛାତ୍ର।

ଆର୍.ଉଦୟଗିରି,୬।୮ (ଡି.ଏନ୍.ଏ.)

ଗଜପତି ଜିଲାରେ ଶିକ୍ଷା ବିଭାଗ ଏକପ୍ରକାର ପଙ୍ଗୁ ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୫୩ ମସିହାରେ ମୋହନା ବ୍ଲକ ଅନ୍ତର୍ଗତ ଲବାରସିଂ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଏହାପରେ ୨୦୦୮ରେ ଏହି ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର

### ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

ମାନ୍ୟତା ମିଳିଲା। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ସେଥିରୁ ୪୪ ଛାତ୍ରୀ ଓ ୫୬ ଜଣ ଛାତ୍ର। ଆଠଟି ଶ୍ରେଣୀର ପିଲାଙ୍କୁ ପଢ଼ାଉଛନ୍ତି ମାତ୍ର ୨ ଶିକ୍ଷକ। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ କାର୍ଜୀ ଓ ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ପାଇକ। ପ୍ରଧାନ ଶିକ୍ଷକ ବିଦ୍ୟାଳୟ କାର୍ଯ୍ୟରେ ବାହାରକୁ ଗଲେ କିମ୍ବା ଘରୋଇ କାମରେ ଛୁଟି ନେଇ ଅନୁପସ୍ଥିତ ରହିଲେ ସହକାରୀ ଶିକ୍ଷକ ଜଣକ ୮ଟି ଶ୍ରେଣୀରେ ଶିକ୍ଷାଦାନ କରନ୍ତି, ଯାହା ଗ୍ରହଣୀୟ ନୁହେଁ। ଶିକ୍ଷକ ଅଭାବଜନିତ ଅବ୍ୟବସ୍ଥା ଯୋଗୁ ହ୍ରାସପାଉଛି ପିଲାଙ୍କ ଶୈକ୍ଷିକ ଦକ୍ଷତା ଓ ଶିକ୍ଷାଦାନ। ସରକାର ସର୍ବଶିକ୍ଷା ଅଭିଯାନ, ନୂତନ ଶିକ୍ଷାନୀତି ଅଧିକାର ଅଧିନିୟମ, ମଧ୍ୟାହ୍ନ ଭୋଜନ ଆଦି ମାଳ ମାଳ ଯୋଜନା ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଓ ମାନସିକ ବିକାଶର ଅଭିବୃଦ୍ଧି ନିମନ୍ତେ ପ୍ରଣୟନ କରିଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ରାଜକୋଷରୁ କୋଟି କୋଟି ଟଙ୍କା ପାଣିଭଳି ଖର୍ଚ୍ଚ ହେଉଛି। କିନ୍ତୁ ଛାତ୍ରୀଛାତ୍ରମାନେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ରହିଥିବା ବିଦ୍ୟାଳୟଗୁଡିକରେ ନିୟମିତ ଶିକ୍ଷକଙ୍କ ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ପାଠପଢ଼ା ପ୍ରତି ବିମୁଖ ହୋଇ ବାହାରେ ବିଭିନ୍ନ କାମରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି। ଲବାରସିଂ ପଞ୍ଚାୟତ ସରପଞ୍ଚ ଯମୁନା ରଇତ ଓ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ କାର୍ଜୀ ବିଦ୍ୟାଳୟରେ ଶିକ୍ଷକ ନିୟୋଜିତ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଆସୁଥିଲେ ମଧ ତାହା ପୂରଣ ହେଉନାହିଁ ବୋଲି କହିଛନ୍ତି। ଏଣୁ ପ୍ରଶାସନିକସ୍ତରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବଦାସ ତାମରାପୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ କରାଯିବ ବୋଲି କହିଛନ୍ତି।

